R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୬
ତିଥି : ପ୍ରତିପଦ
୨୪ ଅଗଷ୍ଟ ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 316
24 Aug 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆମେରିକାକୁ ଭାରତର ଡାକସେବା ବନ୍ଦ




ନୂଆଦିଲ୍ଲୀ, ୨୩।୮ : ଭାରତର ଡାକ ବିଭାଗ ପକ୍ଷରୁ ଆମେରିକାକୁ ଅସ୍ଥାୟୀ ଭାବେ ଡାକସେବାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୫ ତାରିଖରୁ ଡାକଯୋଗେ ଆମେରିକାକୁ ପାର୍ସଲ ପଠାଇବାକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ଭାରତ ଉପରେ ଆମେରିକା ଅତିରିକ୍ତ ଶୁଳ୍କ ଲଗାଇବାରୁ ଏହି ପଦକ୍ଷେପ ନିଆଯାଇଛି ।

ଆମେରିକା ସରକାରଙ୍କ ଦ୍ୱାରା ଜାରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି । ଆମେରିକାର ଏହି ନିର୍ଦ୍ଦେଶନାମା ଅନୁଯାୟୀ ଅଗଷ୍ଟ ୨୯ ରୁ ୮୦୦ ଡଲାର ସାମଗ୍ରୀ ଉପରେ ଶୁଳ୍କ ମୁକ୍ତ ଛାଡକୁ ଉଚ୍ଛେଦ କରାଯାଇଛି । ବର୍ତ୍ତମାନ ଆମେରିକାକୁ ପଠାଯାଉଥିବା ସମସ୍ତ ସାମଗ୍ରୀ ଉପରେ ଅଷ୍ଟମ ଶୁଳ୍କ ଲାଗୁ ହେବ । ତଥାପି (୯ ପୃଷ୍ଠାରେ)

## ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା, ଜଣେ ମୃତ

ନୂଆଦିଲ୍ଲୀ, ୨୩।୮ : ଉତ୍ତରାଖଣ୍ଡର ଚାମୋଲିରେ ପୁଣି ବାଦଲଫଟା ବର୍ଷା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉଜଣେ ନିଖୋଜ ଅଛନ୍ତି । ସବୁ କାମ ସାରି ରାତିରେ ବିଶ୍ରାମ ନେଉଥିବାବେଳେ ପ୍ରକୃତି ପୁଣି ତା'ର ତାଣ୍ଡବ ଦେଖାଇଛି । ଯେଉଁଠି ୧୫ଦିନ ପୂର୍ବେ ପ୍ରଳୟ ହୋଇଥିଲା ପୁଣି ସେଠି ୧୫ ଦିନ ପରେ ପ୍ରକୃତି ତାର ବିକଟାଳ ରୂପ ଦେଖାଇଛି ।

ଉତ୍ତରାଖଣ୍ଡର ଥରାଲୀ ଏହାଦ୍ୱାରା ପ୍ରଭାବିତ ହୋଇଛି । ରାତି ପ୍ରାୟ ୧ଟା ପାଖାପାଖି ଚମୋଲିରେ ବାଦଲ ଫାଟିଥିଲା । ବାଦଲଫଟା ବର୍ଷା ଯୋଗୁ ଏତେ ଜୋରରେ ପାଣି ଆସିଥିଲା ଯେ କାଦୁଅ ମିଶା ପାଣି ଚାରିଆଡେ ମାଡିଯାଇଥିଲା । ଘରେ, ରାସ୍ତାରେ, ସରକାରୀ ଅଫିସ ଓ ବଜାରରେ ପାଣି ମାଡି ଯାଇଥିଲା । ଜିଲ୍ଲା ପ୍ରଶଶସନର କହନିବାକୁଯାୟୀ ଜଣେ ୨୧ ବର୍ଷୀୟ ମହିଳା ଥରାଳୀର କାଦୁଅ ମିଶା ପାଣି ଘେରରେ ରହିଯାଇଥିଲେ । ପ୍ରାୟ ୨ ଫୁଟର କାଦୁଅ ମିଶା ପାଣି ତାଙ୍କ ଘରେ ପ୍ରବେଶ କରିଥିଲା । ପାଣିର ସ୍ତର ବଢ଼ିବାରୁ କୋଟିପ୍ ବଜାର ମଧ ବୁଡି ଯାଇଥିଲା । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି ।

### ଝାଡଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ୫ ମୃତ

ସେହିଭଳି ଝାଡଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ୫ ମୃତ୍ୟୁବରଣ କରିଥିବାବେଳେ ୮ ଆହତ ହୋଇଛନ୍ତି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ନେଇ ଛତ୍ର ଜିଲ୍ଲାର ପାଲୁମ୍, ଗରାହାକୁ ରେଡ୍‌ଆର୍ଲ୍ଟ ଦିଆଯାଇଥିଲା । ଏହାପରେ ରାଞ୍ଚି, ଖୁଣ୍ଟି, ଲୋହରଦା ଗାଁ ଆଦି ଅଞ୍ଚଳକୁ ମଧ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିଲା । ଜଣେ ମହିଳାଙ୍କ ସମେତ (୯ ପୃଷ୍ଠାରେ)

# ବୈତରଣୀରେ ବନ୍ୟା ସ୍ଥିତି

ଭଦ୍ରକ, ୨୩।୮ (ସବ୍ୟୁ): ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପଜନିତ ପ୍ରବଳ ବର୍ଷା ହେତୁ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଗତ ଦୁଇଦିନ ଧରି ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆ ସୋମପାଟଣା, ଠାକୁରମୁଣ୍ଡା, କେନ୍ଦୁଝର ଓ ଆନନ୍ଦପୁର ଆଦି ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଫଳରେ



ଆଖୁଆପଦାରେ ବିପଦ ସଙ୍କେତର ଉପରେ ବନ୍ୟାଜଳ

ବୈତରଣୀରେ ବନ୍ୟା ଆଶଙ୍କା ଦେଖାଦେଇଛି ।

ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ଚଳିତ ବର୍ଷ ୨ବନ୍ୟା ଆସିଛି । ନଦୀର ଜଳସ୍ତର ଘଣ୍ଟାପ୍ରତି ୫ମିମି ବେଗରେ ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି ବର୍ଷା ହୋଇଥିବା ବେଳେ ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି । ଆଖୁଆପଦାରେ ସତର୍କ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିପଦ (୯ ପୃଷ୍ଠାରେ)

## ଲଘୁଚାପ : ସପ୍ତାହେ ବର୍ଷିବ

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୨୪

■ ଉତ୍ତର ଓଡିଶାରେ ପ୍ରବଳ ବର୍ଷା

ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଝାଡଖଣ୍ଡ ଆଡକୁ ମୁହାଁଇବ । ଏହା ପ୍ରଭାବରେ ଉତ୍ତର ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ତେବେ ଆଗାମୀ ୨୫ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି । ଫଳରେ ଚଳିତ ମାସ ଶେଷ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗକେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବିଶେଷ ଭାବେ ଉତ୍ତର ଓଡିଶାରେ ପଡିବ । ଉତ୍ତରଓଡିଶାରେପ୍ରବଳବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତାକାଲି ( ରବିବାର) ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ (୯ପୃଷ୍ଠାରେ)

## ପୁଣି ୪ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ପୁଣି ୪କୋଟି ଟଙ୍କାର ମାରିଜୁଆନା (ବିଦେଶୀ ଗଞ୍ଜେଇ) ଜବତ କରିଛି ଡିଆର୍‌ଆଇ (ଡାଇରେକଫର ରେଭିନ୍ୟୁ ଇଣ୍ଟେଲିଜେନ୍ସ) । ଗୁଇନ୍ଦା ତଥ୍ୟକୁ ଆଧାର କରି ବିମାନବନ୍ଦର ନିକଟରେ ଲଗେଜ୍‌ଗୁଡ଼ିକୁ ଯାଞ୍ଚ କରିଥିଲା ଡିଆର୍‌ଆଇ ଟିମ୍ । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିବା ପ୍ରେମୀ ଯୁଗଳଙ୍କ ଲଗେଜ୍ ବ୍ୟାଗ୍‌ରୁ ୪ କୋଟି ଟଙ୍କାର ମାରିଜୁଆନା ମିଳିବା ପରେ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ଅନ୍ତର୍ଜାତୀୟ କଳେବର ସମ୍ପୂର୍ଣ୍ଣ ହୋଇନଥିବାରୁ ଏହି ବାଟଦେଇ ନିଶା ଚାଲାଣକାରୀ (୯ ପୃଷ୍ଠାରେ)

## ଜାତୀୟ ପତାକା ଉଡ଼ାଇବାରୁ ମାରିଦେଲେ ମାଓବାଦୀ

ମାଲକାନଗିରି, ୨୩।୮ (ସବ୍ୟୁ): ଜାତୀୟ ପତାକା ଉଡ଼ାଇଲେ ବୋଲି ପ୍ରଜାକୋର୍ଟରେ ଯୁବକଙ୍କୁ ମାଓବାଦୀମାନେ ମୃତ୍ୟୁଦଣ୍ଡ ଦେଇଥିବା ଜଣାପଡ଼ିଛି । ଛତିଶଗଡ଼ ଅବୁଝମାଡ଼ ଅଞ୍ଚଳରୁ ଏଭଳି ଖବର ମିଳିଛି । ମାଓବାଦୀଙ୍କ ରାଜଧାନୀ ବୋଲାଉଥିବା ଛତିଶଗଡ଼ ନାରାୟଣପୁର ଜିଲ୍ଲା ଅବୁଝମାଡ ଜଂଗଲରେ ଥିବା ବିନାଗୋଣ୍ଡା ଗ୍ରାମରୁ ଆସିଥିଲା ଏହି ହୃଦୟସ୍ପର୍ଶୀ ଖବର ।

ଗାଁର ଜଣେ ଶିକ୍ଷିତ ଯୁବକ ମନୀଷ ନରେଟି ଗତ ସ୍ୱାଧୀନତା ଦିବସରେ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଏକ ସ୍ମାରକ ଉପରେ ଜାତୀୟ ପତାକା ଉଡ଼ାଇଥିଲେ । ଗ୍ରାମବାସୀ ଓ ପିଲାଙ୍କୁ ଏକାଠି କରି ଜାତୀୟ ସଂଗୀତ ଗାନ ବି କରିଥିଲେ । ଏହି ଚିତ୍ର ଚାରିଆଡେ ଭାଇରାଲ ହେବା ସହ ଯୁବକଙ୍କୁ ମଧ ଉଚ୍ଚ ପ୍ରଶଂସା କରା ଯାଇଥିଲା । ତେବେ ୧୫ ଅଗଷ୍ଟର ଦିନ କେଇଟା ପରେ ବିନାଗୋଣ୍ଡା ଜଂଗଲରେ ଏକ ପ୍ରଜାକୋର୍ଟର ଆୟୋଜନ କରାଯାଇ ସମ୍ପୃକ୍ତ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରା ଯାଇଛି । ପୁଲିସ ଇନଫର୍ମର ସହ ଗୋପନୀୟ ସୈନିକର ଆଖ୍ୟା ଦେଇ ତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ଦିଆ ଯାଇଥିବା ନେଇ ବ୍ୟାନର ପୋଷ୍ଟର ମଧ ଛାଡ଼ିଛନ୍ତି ମାଓବାଦୀ ।

## ସାରର ଉତ୍କଟ ଅଭାବ : ଚାଷୀଙ୍କ ରାସ୍ତାରୋକ



ମାଲକାନଗିରି, ୨୩।୮ (ସବ୍ୟୁ) : ସାର ପାଇଁ ରାସ୍ତା ଅବରୋଧ । ମାଲକାନଗିରି ଜିଲ୍ଲା ମାଥିଲିରେ ଚାଷୀ ମାନେ ରାସ୍ତାରୋକ କରିଥିଲେ । ସାର ନମିଳିବାରୁ ଲ୍ୟାମ୍ପସ ସମ୍ମୁଖ ମୁଖ୍ୟରାସ୍ତା ଅବରୋଧ କରିଥିଲେ ଚାଷୀ । ମାଲକାନଗିରି-ଜୟପୁର ମୁଖ୍ୟ ରାଜପଥରେ ଯାନବାହାନ ଚଳାଚଳ ଠପ ରହିଥିଲା ।ୟୁରିଆ ସାର ନ ମିଳିବା ଯୋଗୁଁ ମାଥିଲି ବ୍ଲକ୍‌ର ଚାଷୀମାନେ ଆଜି ଏକତ୍ରିତ ହୋଇ ୩୨୬ ନଂ ଜାତିୟ ରାଜପଥ ଅବରୋଧ କରିଥିଲେ । ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଷୀମାନେ ରାସ୍ତା ଅବରୋଧ କରିବା ଫଳରେ ଶହ ଶହ ଯାନବାହନ ଅଟକି ରହିଥିଲା । ଘଟଣା ସ୍ଥଳରେ ପୋଲିସ, ତହସିଲଦାର ଓ ବିଡ଼ିଓ ଆସି ଚାଷୀମାନଙ୍କୁ ବୁଝାସୁଝା କଲା ପରେ ସନ୍ଧ୍ୟାରେ ୫ ଘଟିକା ସମୟରେ ଚାଷୀମାନେ ଅବରୋଧ ହଟାଇ ଥିଲେଛ

ବର୍ତ୍ତମାନ ଚାଷ କାର୍ଯ୍ୟ ସମସ୍ତ ହୋଇଥିଲା ବେଳେ ମାଥିଲି ଲ୍ୟାମ୍ପରେୟୁରିଆ ସାର କ୍ରୟ ଲାଗି ପ୍ରତିଦିନ ଚାଷୀମାନେ ଲ୍ୟାମ୍ପରୁୟୁରିଆ ସାର ମିଳିବ ବୋଲି ଧାଇଁ ଧାଇଁ ନିରାଶ ହୋଇ ଦିନ ପରେ ଦିନ ଗଡି ଚାଲିଥିବା ବେଳେୟୁରିଆ ମିଳିବା କଷ୍ଟ ସାଧ ହୋଇ ପଡ଼ିଛି । ଏଣେ ଜମିରେ (୯ ପୃଷ୍ଠାରେ)

## ୧୦ ବର୍ଷରେ ଗିରଫ ହୋଇଛନ୍ତି ୧୨ ବିରୋଧୀ ଦଳ ମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୮ ୨୦୧୪ ରୁ ଏପର୍ଯ୍ୟନ୍ତ ବିରୋଧୀ ଦଳର ୧୨ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ମାତ୍ର ଏହି ସମୟ ମଧ୍ୟରେ ବିଜେପି କିମ୍ବା ଏନଡିଏର କୌଣସି ମନ୍ତ୍ରୀ ଗିରଫ ହୋଇନାହାଁନ୍ତି । କେବଳ ସିବିଆଇ ଓ ଇଡି ଦ୍ୱାରା ୧୦ ଜଣଙ୍କୁ ଗିରଫ କରାଯାଇଛି ।

ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ସପ୍ତାହରେ ସଂସଦରେ ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ । ବିଲରେ ଥିବା ବ୍ୟବସ୍ଥା ଅନୁଯାୟୀ ଦୁର୍ନୀତି ଗ୍ରସ୍ତ ନେତାଙ୍କୁ ବାହାର କରାଯିବ । ଯେଉଁ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଲଗାତାର ୩୦ ଦିନ ଗୁରୁତର ଦୁର୍ନୀତି ଅଭିଯୋଗରେ ଜେଲରେ ରହିବେ (୯ ପୃଷ୍ଠାରେ)

## ଓସିପିଏଲ୍‌କୁ ବାଣିଜ୍ୟ ଭିତ୍ତିକ କୋଲ୍ ବ୍ଲକ୍

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ଓଡିଶା ଶକ୍ତି କ୍ଷେତ୍ର ରେ ଆଉ ଗୋଟେପାଦ ଆଗକୁ ଯାଇଛି. ଭାରତ ସରକାରଙ୍କ ର କୋଇଲା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ୧୨ତମ ଟ୍ରାଞ୍ଚ ନିଲାମ ପ୍ରକ୍ରିୟା ରେ ରେ ଓଡିଶା କୋଲ ଏଣ୍ଡ ପାୱର ଲିମିଟେଡ୍ ଟାଙ୍ଗିରିଡିହି ନର୍ଥ କୋଲ ବ୍ଲକ୍ କୁ ହାସଲ କରିଛି. ଏହା ରାଜ୍ୟ ସରକାରଙ୍କର ପ୍ରଥମ ବ୍ୟବସାୟ ଭିତ୍ତିକ କୋଇଲା ଖଣି ହେବାକୁ ଯାଉଛି.

ଓସିପିଏଲ୍‌ର ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲାର ମନୋହରପୁର ଏବଂ ଡିପ୍-ସାଇଡ୍ ଅଫ୍ ମନୋହରପୁର କୋଲ ବ୍ଲକ୍ ପାଇଥିଲା. ଏହି ଦୁଇଟି ଖଣି ଓପୀଜିସି ପାଇଁ ସୁଲଭ ମୂଲ୍ୟ ରେ କୋଇଲା




ଯୋଗାଣ ପାଇଁ ଉଦିଷ୍ଟ ।

ଅଧିକାରୀମାନଙ୍କ କଥାନୁସାରେ, ଟାଙ୍ଗିରିଡିହି ନର୍ଥ ବ୍ଲକ୍‌ରୁ ଭବିଷ୍ୟତରେ ବହୁତ ପରିମାଣର କୋଇଲା ଉତ୍ପାଦନ ହେବ, ଯାହା ରାଜ୍ୟର ତାପ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଇନ୍ଧନ ଯୋଗାଇବ । ଏହା ଫଳରେ, ଓଡିଶାର ବିଦ୍ୟୁତ୍ ସ୍ୱାଧୀନତା ସୁନିଶ୍ଚିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେବ ଏବଂ ଔଦ୍ୟୋଗିକ କ୍ଷେତ୍ରକୁ ଗତି ମିଳିବ । (୯ ପୃଷ୍ଠାରେ)

## ହୀରାକୁଦର ୮ ଗେଟ୍ ଖୋଲିଲା

ସମ୍ବଲପୁର, ୨୩।୮ (ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଛି। ଜଳଭଣ୍ଡାରକୁ ଅତିରିକ୍ତ ବନ୍ୟାଜଳ ପ୍ରବେଶ କରୁଛି। ଫଳରେ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ଖୋଲା ଯାଇଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ଫୁଟ ଅଟେ। ଆଜି ପୂର୍ବାହ୍ନ ୯ଟାରେ ଜଳସ୍ତର ୬୨୦.୫୦ଫୁଟ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୦ଟା୫୦ରେ ଡ୍ୟାମର ପ୍ରଥମ ସ୍ଲୁଇସ୍ ଗେଟ୍ ଖୋଲିଥିଲା। ପରେ ୮ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଛି। ଏହି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଗେଟ୍ ଖୋଲିବା ନେଇ ହୀରାକୁଦ (୯ ପୃଷ୍ଠାରେ)

# ନବୀନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୮ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସ ଯାଇ ସାକ୍ଷାତ କରିଛନ୍ତି । ଡିହାଇଡ୍ରେସନ୍ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇ ନବୀନ ସୁସ୍ଥ ହୋଇ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କୁ ସାକ୍ଷାତ କରି ସୁସ୍ଥତା କାମନା କରିବା ସହ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ବୋଲି ପଚାରିଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମୁଁ ସୁସ୍ଥ ଅନୁଭବ କରୁଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ହଠାତ୍ ନବୀନ ନିବାସ ଯାଇଥିଲେ । ନବୀନ ନିବାସରେ ସେ ଶ୍ରୀ ପଟ୍ଟନାୟକଙ୍କୁ ଭୋଟି କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ



ନିକଟରେ ଆପଣଙ୍କ ସୁସ୍ଥ ଓ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରୁଛି । ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ୍ ଧରି ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସମୟରେ ନବୀନ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା କେମିତି ଅଛି ବୋଲି ପ୍ରଧାନମନ୍ତ୍ରୀ ପଚାରିଥିଲେ । ସେହି ସମୟରେ ଶ୍ରୀ ପଟ୍ଟନାୟକ ମୁମ୍ବାଇରେ ଚିକିତ୍ସାଧୀନ ଥିଲେ । ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ ସେଥିନେଇ ମୁଖ୍ୟମନ୍ତ୍ରୀ ମଧ ନବୀନ ପଟ୍ଟନାୟକଙ୍କ ସହଯୋଗ କାମନା କରିଥିଲେ । ସୂଚନାଯୋଗ୍ୟ ହସ୍ପିଟାଲରୁ ଫେରିବା ପରେ ନବୀନଙ୍କୁ (୯ ପୃଷ୍ଠାରେ)

T- 71

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 25/08/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0186/2526

# ମେକ୍ସିକାନ ଫ୍ରାଏଡ୍ ରାଇସ୍

**ସାମଗ୍ରୀ–** ଦୁଇ କପ ଭାତ, ରାଜମା, କ୍ୟାପସିକମ, ଟମାଟୋ, ରସୁଣ, ଶୁଖିଲା ଲଙ୍କା, ପିଆଜ, ମକା, ସ୍ପ୍ରିଙ୍ଗ ଓନିଅନ, ଚିଜ୍ ।

**ପ୍ରଣାଳୀ–** ପ୍ରଥମେ ରାଜମାକୁ ବତୁରାଇ ନିଅନ୍ତୁ । ଏହି ରାଜମାକୁ ପିଆଜ କଟା, ଓ ଲୁଣ ଦେଇ ସିଝାଇ ନିଅନ୍ତୁ । ଦୁଇଟି ଟମାଟୋ, ରସୁଣ ଓ ଲଙ୍କା ମିଶାଇ ବାଟି ନିଅନ୍ତୁ । ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ଏଥିରେ ବଟା ମସଲା ପକାଇ କଷନ୍ତୁ । ମସଲା କଷିହେବା ପରେ ଏଥିରେ ରାଜମା ସିଝାକୁ ପକାଇ କଷନ୍ତୁ । ରାଜମା କଷି ହେବାପରେ ଶେଷରେ ଏଥିରେ ମକା, କ୍ୟାପସିକମ୍, ସ୍ପିଙ୍ଗ ଓନିଅନ ପକାଇ ଭାଜନ୍ତୁ । ଏହାପରେ ରନ୍ଧା ଭାତ ପକାଇ ଗୋଳାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରି ନିଅନ୍ତୁ, ପ୍ରସ୍ତୁତ ହୋଇଗଲା ମେକ୍ସିକାନ ଫ୍ରାଏଡ ରାଇସ ।



## ସୋସିଆଲ କୋଟ୍ସ



"ରୋମିଓ ଏସ୍ ୩ରେ କାମ କରିବା ମୋ ପାଇଁ ସବୁଠାରୁ ଭଲ ଅନୁଭବ ଥିଲା । ସବୁ ଅଭିନେତାଙ୍କର ସ୍ୱପ୍ନ ହୋଇଥାଏ ତାଙ୍କର ଡେବ୍ୟୁ ପ୍ରୋଜେକ୍ଟ ବଡ ହେଉ । ମୁଁ ନିଜକୁ ଭାଗ୍ୟଶାଳୀ ମାନୁଛି ।

**ଠାକୁର ଅନୁପ ସିଂ, ଅଭିନେତା**



"ଯେତେବେଳେ ମୁଁ ଧନା ଧନ ଗୋଲ୍‌ର ସୁଟିଂ କରୁଥିଲି ସେହି ସମୟରେ ମୋ ସହିତ ଅନରାଗ କଶ୍ୟପ ଓ ବିକ୍ରମାଦତ୍ୟ ମୋଟୱାନୀ ଯୋଗ ଦେଇଥିଲେ । ହେଲେ ଅନୁରାଗଙ୍କର ମଦ ପିଇବାର ଅଭ୍ୟାସ ମୋତେ ଅନେକ ସମସ୍ୟାରେ ପକାଇଛି ।

**ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର**



"ଗର୍ଭବତୀ ଥିବା ସମୟରେ ମୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସହିଛି । ହେଲେ ତଥାପି ସେହି ସମୟରେ ମୁଁ ଯୋଗ କରିବା ଛାଡି ନଥିଲି ।

**ଦୀପିକା ପାଦୁକୋନ୍, ଅଭିନେତ୍ରୀ**

# ଯୋଗଜନ୍ମା ପ୍ରଶାନ୍ତ



୧୯୫୭ ମସିହାରେ ଭୂଦାନ ଗ୍ରାମଦାନ ଆନ୍ଦୋଳନରେ ବିନୋବା ଓଡ଼ିଶାରେ ପଦଯାତ୍ରା କରିବା ପରେ କୋରାପୁଟ ଜିଲ୍ଲାକୁ ଭୂମି ଦାନ କରାଯିବ ବୋଲି ଘୋଷଣା କରାଗଲା । ଏହାପରେ ମୟୂରଭଞ୍ଜ ଜିଲ୍ଲାରେ ଭୂଦାନ, ଭୂସଂଗ୍ରହ ଓ ଗ୍ରାମ ଦାନ ଜୋରସୋରରେ ଚାଲିଲା । ଏହାର ନେତୃତ୍ୱ ଲୋକ ସେବକ ଦିବଂଗତ ପ୍ରଶାନ୍ତ ମହାନ୍ତି ନେଇଥିଲେ । ସେହି ଜିଲ୍ଲାର ବହୁ କର୍ମୀ ଭାଇ ଭଉଣୀ ଉକ୍ତ ଗ୍ରାମ ଦାନ ଓ ଭୂଦାନ କାର୍ଯ୍ୟରେ ଲାଗିଥିଲେ । ପ୍ରଶାନ୍ତ ମହାନ୍ତି ମୟୂରଭଞ୍ଜ ଜିଲ୍ଲା ଦାନ ଘୋଷଣା ସମ୍ପର୍କରେ କେତେକ ତଥ୍ୟ ଦେଇଥିଲେ, ଯଥା ଅଧିକ ସଂଖ୍ୟାରେ ଭୂଦାନ କର୍ମୀ ମୟୂରଭଞ୍ଜ ଗଲେ ସେଠାରେ ଆହୁରି ଅଧିକ କାର୍ଯ୍ୟ ହେଇପାରିବ । ତାଙ୍କର ଏହି ପ୍ରସ୍ତାବ ମା ରମାଦେବୀଙ୍କର ମନକୁ ପାଇଲା । ପ୍ରଶାନ୍ତ ବାବୁଙ୍କର ନେତୃତ୍ୱ ନେବାର ଶକ୍ତି, ଶ୍ରମଦାନ କରିବାର ଧୈର୍ଯ୍ୟ ତାଙ୍କୁ ବିମୋହିତ କରିଥିଲା । ସେ ପ୍ରଥମେ ମୟୂରଭଞ୍ଜ ଜିଲ୍ଲାର ଭୂଦାନ ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ । ପରେ ଉତ୍କଳ ସର୍ବୋଦୟ ମଣ୍ଡଳରେ ସମ୍ପାଦକ , ଶାନ୍ତି ସେନାର ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥଲେ । ଭୂଦାନ ରଜତ ଜୟନ୍ତୀ କମିଟିର ଉପଦେଷ୍ଟା ଥିଲେ ନନ୍ଦିନୀ ଶତପଥୀ, ରାଧାନାଥ ରଥ ସଭାପତି, ହରମୋହନ ପଟ୍ଟନାୟକ, ସୁଧାଂଶୁ ଦାସ, ରତନ ଦାସ ଉପସଭାପତି ଥିଲ । ଶ୍ରୀ ପ୍ରଶାନ୍ତ ନରହରି ସ୍ୱାଇଁ ଓ କୃଷ୍ଣ ସିଂ ସମ୍ପାଦକ ଭାବରେ ସାରା ଓଡ଼ିଶା ଗସ୍ତ କରି ଗାନ୍ଧୀ, ବିନୋବାଙ୍କର ବିଚାରକୁ ପ୍ରଚାର କରାଇଥିଲେ । ୧୯୬୭ ମସିହାରେ ଉପକୂଳ ଓଡ଼ିଶା ବାତ୍ୟାରେ ବିଧ୍ୱସ୍ତ ହେଇଗଲା । ଲୋକମାନଙ୍କର କଷ୍ଟ ଲାଘବ କରି ପୁନଃ ଥଇଥାନ କରିବା ପାଇଁ ବିନୋଦ ବାବୁ ଓ ପ୍ରଶାନ୍ତ ବାବୁ ଏକତ୍ର କାର୍ଯ୍ୟ କରିଥିଲେ । ୧୯୬୮ ମସିହାରେ ବିନୋବା ଭାବେ ବିହାର ଗସ୍ତରେ ଆସିଥିଲ । ସେହି ବର୍ଷ ରାଜଗିରି ଠାରେ ସର୍ବ ଭାରତୀୟ ସର୍ବୋଦୟ ସମ୍ମିଳନୀ କରାଯିବାର ସ୍ଥିର କରାଯାଇଥାଏ । ଓଡିଶାରୁ ପ୍ରଶାନ୍ତ ବାବୁ ଓ ବିନୋଦ ବାବୁଙ୍କ ସମେତ ପଞ୍ଚଦଶ ସର୍ବୋଦୟ ସେବକ ବିହାର ସର୍ବୋଦୟ କାର୍ଯ୍ୟରେ ସହାୟକ ଭାବରେ ଯାଇଥିଲେ । ମନମୋହନ ଚୌଧୁରୀ ଓ ପାଞ୍ଚଜଣ ସର୍ବୋଦୟ ସେବକ ବିହାର ଯିବା ସହ ବିନୋବା ଜୀଙ୍କୁ ମୟୂରଭଞ୍ଜ ଆସିବା ପାଇଁ ପ୍ରସ୍ତାବ ଦେଇଥିଲେ । ବିନୋବା ଜୀ ଏଥିରେ ସମ୍ମତି ଜଣାଇ ରାଜଗିରି ସମ୍ମିଳନୀ ପରେ ମୟୂରଭଞ୍ଜ ଆସିଥିଲେ । ତାଙ୍କ ସହ ଅନେକ ରାଷ୍ଟ୍ର ସ୍ତରର ନେତୃବୃନ୍ଦ ଓ ରାଜ୍ୟର ପ୍ରମୁଖ ସର୍ବଦୟ ସେବକ ମୟୁରଭଞ୍ଜ ଆସିଥିଲେ । ୧୯୪୧ ମସିହା ଅଗଷ୍ଟ ୨୪ ତାରିଖରେ ଜନ୍ମ ଲାଭ କରିଥିବା ପ୍ରଶାନ୍ତ ମହାନ୍ତିଙ୍କର ଅକ୍ଲାନ୍ତ ପରିଶ୍ରମ ବଳରେ ଏହି କାର୍ଯ୍ୟକ୍ରମ ସଫଳ ହେବାସହ ଏହି ଜିଲ୍ଲାକୁ ଦାନ ଭାବରେ ଘୋଷଣା କରାଯାଇ ପାରିଥିଲା । ପ୍ରଶାନ୍ତ ବାବୁ ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଥିଲେ । ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ତାଙ୍କର ଉଦ୍ୟମ ମଧ ପ୍ରଶଂସନୀୟ ଥିଲା । ପାଠ ପଢ଼ା ପାଇଁ ଓଡ଼ିଶାର ଅନେକ ସ୍ଥାନରେ ଆବାସିକ ବିଦ୍ୟାଳୟ ସେ ସ୍ଥାପନ କରିଥିଲେ । ଓଡ଼ିଶାର କୃଷି ଓ ଜଳସେଚନର ବିକାଶ ପାଇଁ ସେ ଜାନକୀ ବଲ୍ଲଭ ସରକାରଙ୍କ ସମୟରେ ପ୍ରବଳ ଉଦ୍ୟମ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ତାଙ୍କ ଠାରେ ଅତୁଟ ବିଶ୍ୱାସ ଥିଲା । ତାଙ୍କର ଅନେକ ସ୍ୱପ୍ନ ଅଧାରେ ରହିଯାଇଥିଲା କାରଣ ମାତ୍ର ୫୨ ବର୍ଷ ବୟସରେ ୧୯୯୩ ମସିହା ଡିସେମ୍ବର ୬ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

ସ୍ନେହଲତା ସାମନ୍ତରାୟ
ମୋ:୬୩୭୦୫୦୭୪୦୭

## ଆଜିର ଦିନ


୧୬୦୦– ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଥମ ଜାହାଜ ହେକ୍ଟର ସୁରତ ତଟରେ ପହଞ୍ଚିଲା ।
୧୬୯୦– ଜବ୍ ଚାର୍‌ନକ୍‌ଙ୍କ ଦ୍ୱାରା କଲିକତା ସହର ସ୍ଥାପିତ ।
୧୮୮୮– ପ୍ରସିଦ୍ଧ ଭାରତୀୟ ରାଷ୍ଟ୍ରୀୟ ନେତା ବାଲ୍ ଗଙ୍ଗାଧର ଖେର୍‌ଙ୍କ ଜନ୍ମ ।
୧୮୯୧– ଥୋମାସ୍ ଏଡିସନ୍ କାଇନେଟୋଗ୍ରାଫିକ୍ କ୍ୟାମେରା ଏବଂ କାଇନେଟୋସ୍କୋପ୍ ପାଇଁ ପେଟେଣ୍ଟ ପ୍ରାପ୍ତ କଲେ । ଆଗକୁ ଏହି ଟେକ୍ନିକ୍ ଚଳଚିତ୍ରରେ ପରିବର୍ତ୍ତିତ ହେଲା ।
୧୯୦୮– ସ୍ୱତନ୍ତ୍ରତା ସେନାନୀ ରାଜଗୁରୁଙ୍କ ଜନ୍ମ ।
୧୯୧୧– ଭାରତର ମହିଳା କ୍ରାନ୍ତିକାରୀ ବୀଣା ଦାସଙ୍କ ଜନ୍ମ ।
୧୯୨୫– ପ୍ରମୁଖ ସମାଜସୁଧାରକ ରାମକୃଷ୍ଣ ଗୋପାଳ ଭଣ୍ଡାରକରଙ୍କ ଦେହାନ୍ତ ।
୧୯୬୯– ଭି.ଭି. ଗିରି ହେଲେ ଭାରତର ଚତୁର୍ଥ ରାଷ୍ଟ୍ରପତି ।
୧୯୯୫– ଉତ୍ତର ଆମେରିକାରେ ସାଧାରଣ ଜନତାଙ୍କ ପାଇଁ ଶୁଭାରମ୍ଭ ହେଲା ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୯୫ ।
୧୯୯୭– ଭାରତର ମହିଳା କ୍ରିକେଟର ଦିପ୍ତି ଶର୍ମାଙ୍କ ଜନ୍ମ ।
୨୦୦୦– ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଇର୍ଶାଦ୍‌ଙ୍କୁ ୫ ବର୍ଷ ପାଇଁ ଦଣ୍ଡ ଘୋଷଣା ।



# ସବୁଠାରୁ ମୋଟା କଏଦୀ


ଅଷ୍ଟ୍ରିଆ ବର୍ତ୍ତମାନ ଏକ ନିଆରା ଘଟଣା ପାଇଁ ଖୁବ ଚର୍ଚ୍ଚାରେ ରହିଛି । ଏଠିକାର ନ୍ୟାୟ ବିଭାଗ ସାମନାକୁ ଜଣେ ଏଭଳି କଏଦୀ ଆସିଛନ୍ତି ଯିଏ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ଏହି କଏଦୀଙ୍କ ଓଜନ ରହିଛି ୩୦୦ କିଗ୍ରା ଏବଂ ଯାହାଙ୍କର ପ୍ରତିଦିନର ଖର୍ଚ୍ଚ ହେଉଛି ଏକ ଲକ୍ଷ । ୨୯ ବର୍ଷୀୟ ଏହି କଏଦୀଙ୍କ ଉପରେ ସରକାର ଖୁବ ଅଧିକ ଅର୍ଥ ଖର୍ଚ୍ଚ କରୁଥିବା ସୂଚନା ଜଣା ପଡିବାପରେ ସେଠାରେ ହଙ୍ଗମା ଦେଖିବାକୁ ମିଳିଛି । ଏହି ବ୍ୟକ୍ତିଙ୍କୁ ଏକ ବଡ ଚୋରି କେସ୍‌ରେ ଗିରଫ କରାଯାଇ ଜେଲରେ ରଖାଯାଇଛି । ସେ ରହିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ତାଙ୍କ ପାଇଁ ସମସ୍ତ ସାମଗ୍ରୀକୁ ସ୍ୱତନ୍ତ୍ରଭାବେ ତିଆରି କରାଯିବା ସହିତ ତାଙ୍କର ଯତ୍ନ ନେବାକୁ ଜଣେ ନର୍ସଙ୍କୁ ନିଯୁକ୍ତ କରାଯାଇଛି । ଜଣେ ସାଧାରଣତ କଏଦୀର ଦୈନିକ ଖର୍ଚ୍ଚ ୧୮୦ ୟୁରୋ ହୋଇଥିବାବେଳେ ଏହି କଏଦୀର ଖର୍ଚ୍ଚ ୧୮୦୦ ୟୁରୋ ରହିଛି । ଏହି କଏଦୀଙ୍କୁ ବର୍ତ୍ତମାନ ଦୁନିଆର ସବୁଠାରୁ ମୋଟା କଏଦୀର ଆଖ୍ୟା ଦିଆଯାଇଛି ।

# ସାନ୍ୟାଙ୍କ ଉତ୍ତର



ନିକଟରେ ଅଭିନେତ୍ରୀ ସାନ୍ୟା ମଲହୋତ୍ରାଙ୍କୁ ମିସେଜ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ଫିଲ୍ମରେ ସେ ଜଣେ ଗୃହିଣୀ ହିସାବରେ ନଜର ଆସିଥିଲେ ଯିଏ କେବଳ ଘରେ ରହି ଶାଶୁଘର ଲୋକଙ୍କର ସେବା କରୁଛନ୍ତି । ତେବେ ଫିଲ୍ମର କଣ୍ଟେଣ୍ଟକୁ ନେଇ ଅନେକ ବିବାଦ ଦେଖିବାକୁ ମିଳିଥିଲା । କିଛି ଲୋକ ଏହି କଣ୍ଟେଣ୍ଟକୁ ସମର୍ଥନ କରିଥିବାବେଳେ କିଛି ଏହାର ବିରୋଧ କରିଥିଲେ । ବିଶେଷଭାବେ ମହିଳାମାନେ ଏହି ଫିଲ୍ମର ସମର୍ଥନ କରିଥିବାବେଳେ ପୁରୁଷମାନେ ଏହାକୁ ନାପସନ୍ଦ କରିଥିଲେ । ପୁରୁଷ ସମାଜ ମତରେ ମହିଳାଙ୍କ ସହ ଏପରି ଆଉ ହେଉନାହିଁ । ତେଣୁ ସେମାନେ ଫିଲ୍ମକୁ ଟ୍ରୋଲ କରିବା ଆରମ୍ଭ କରିଥିଲେ । ତେବେ ନିକଟରେ ଏହି ଟ୍ରୋଲିଂର ଜବାବ ରଖିଛନ୍ତି ଫିଲ୍ମର ନାୟିକା ସାନ୍ୟା । ତାଙ୍କ ମତରେ ଫିଲ୍ମର ଉଦ୍ଦେଶ୍ୟ ଯାହା ଥିଲା ସେଇଟା ପୂର୍ଣ୍ଣ ହୋଇଛି । ଯେଉଁମାନେ ଟ୍ରୋଲ କରୁଛନ୍ତି ସେମାନେ ହୁଏତ ଘରେ ଏଭଳି ବ୍ୟବହାର କରୁଛନ୍ତି ତେଣୁ ସେମାନଙ୍କୁ ବାଧୁଛି ବୋଲି ସାନ୍ୟା ମତ ଦେଇଛନ୍ତି । ଏବେ ମଧ ସମାଜରେ ଏଭଳି ହେଉଛି, ଯେଉଁଠାରେ ମହିଳାଙ୍କୁ ନିର୍ଯ୍ୟାତିତ ହେବାକୁ ପଡୁଛି । ତେଣୁ ଏହି ଫିଲ୍ମକୁ ଟକ୍ସିକ କହିବା ଲୋକ ନିଜେ ମଧ ଟକ୍ସିକ ବୋଲି ସାନ୍ୟା ମତ ଦେଇଛନ୍ତି ।


# ବର୍ଷା ପାଇଁ ଗଧ ପୂଜା



ରାଜସ୍ଥାନରେ ମୌସୁମୀ କାରଣରୁ କିଛି ସ୍ଥାନରେ ଅଧିକ ବର୍ଷା ହେଉଥିବାବେଳେ କିଛି ସ୍ଥାନରେ କମ ବର୍ଷା ହେଉଥିବା ଦେଖିବାକୁ ମିଳୁଛି । ତେବେ କମ ବର୍ଷା ହେଉଥିବା ସ୍ଥାନର ଚାଷୀମାନେ ଏହାକୁ ନେଇ ଖୁବ ଚିନ୍ତିତ ଅଛନ୍ତି । ଯେଉଁ କାରଣରୁ ସେଠିକାର ଲୋକମାନେ ବିଭିନ୍ନ ଉପାୟ ବାହାର କରିବାରେ ଲାଗିଛନ୍ତି । ସେହିଭଳି ଏକ ଉଦାହରଣ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବର୍ଷା ହେବା ପାଇଁ ଭଗବାନ ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ଥାନୀୟ କୃଷକମାନେ ଗଧକୁ ଭୋଜି ଦେବାର ବ୍ୟବସ୍ଥା କରିଛନ୍ତି । ଏହି କୃଷକମାନେ ଗଧକୁ ଭୋଜି ଖାଇବାକୁ ଡାକିଛନ୍ତି । ଗୋଟିଏ ଗଧକୁ ପୂଜା କରିବା ସହିତ ତିଲକ ଲଗାଯାଇ ମାଳ ପିନ୍ଧାଯାଇ ପୂଜା କରାଯାଇଥିଲା । ଏହାପରେ ଗଧକୁ ଗୋଲାପଜାମୁ ଖାଇବାକୁ ଦିଆଯାଇଥିଲା । ଏହାପରେ ଗଧ ଉପରେ ଓଲଟା ବସି ଶ୍ମଶାନ ଚାରିପଟେ ବୁଲିବାର ପରମ୍ପରା ରହିଛି । ଏପରି କରିବା ଫଳରେ ବର୍ଷା ହେବ ବୋଲି ସେଠିକାର ଲୋକଙ୍କ ବିଶ୍ୱାସ ରହିଛି । ଘଟଣାଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

# ଲଡୁ ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ସାମନାକୁ ଆସିଥାଏ ଯାହା ଖୁବ ଭାଇରାଲ ହୋଇଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ସାମନାକୁ ଆସିଛି ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ମଧ୍ୟପ୍ରଦେଶର ଏକ ସ୍ଥାନରେ ଜଣେ ଲୋକ ମୁଖ୍ୟମନ୍ତ୍ରୀଙ୍କ ହେଲ୍ପ ଲାଇନ୍ ନମ୍ବରରେ ଏକ ଅଜବ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ତାଙ୍କ ସ୍ଥାନୀୟ ଅଞ୍ଚଳରେ ସ୍ୱାଧୀନତା ଦିବସରେ ଗୋଟିଏ ଗୋଟିଏ ଲଡୁ ବିତରଣ କରାଯାଇଥିଲା । ଯେଉଁଥିପାଇଁ ବ୍ୟକ୍ତିଜଣଙ୍କ ରାଗିବା ସହିତ ଏନେଇ ଅଭିଯୋଗ କରିଛନ୍ତି । ପୂର୍ବରୁ ଦୁଇଟି ଲଡୁ ଦିଆଯାଉଥିବାବେଳେ ଚଳିତ ବର୍ଷ ଗୋଟିଏ ଲଡୁ ଦିଆଯାଇଥିଲା । ଯାହାକୁ ନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଅସନ୍ତୋଷ ପ୍ରକାଶ କରିବା ସହିତ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି । ସେ ସିଏମ୍ ହେଲ୍ପ ଲାଇନ୍ ନମ୍ବରରେ ଏହି ଅଭିଯୋଗ କରିଥିବା ସୂଚନା ମିଳିଛି । ତେବେ ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଲୋକମାନେ ତାଙ୍କର ସାହସକୁ ପ୍ରଶଂସା କରିଛନ୍ତି । ଏହାସହ ଯଦି ସମସ୍ତେ ଏଭଳି ହେବେ ତେବେ ଦେଶରେ ଅନେକ ସମସ୍ୟା ଓ ଦୁର୍ନୀତିର ସମାଧାନ ହୋଇପାରିବ ବୋଲି ଲୋକମାନେ ପ୍ରକାଶ କରିଛନ୍ତି ।



## ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୭୧ତମ ଦୀକ୍ଷାନ୍ତ ସମାରୋହ

# ଓଡ଼ିଶା ଅଗ୍ନିଶମ ବିଭାଗ ସାରାଦେଶରେ 'ବେଷ୍ଟ ଇନ ବିଜନେସ୍' : ମୁଖ୍ୟମନ୍ତ୍ରୀ



- ୯୧୧ ଅଗ୍ନିଯୋଦ୍ଧା ସାମିଲ ହେଲେ ଅଗ୍ନିଶମ ବାହିନୀରେ
- ଡିସେମ୍ବର ସୁଦ୍ଧା ପୂରଣ ହେବ ଖାଲିଥିବା ୩୦୦ ପଦବୀ
- ୧୦ କୋଟିରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ସିମୁଲେଟର

ଭୁବନେଶ୍ୱର, (ସବ୍ୟୁ): ବିପଦରେ ପଡ଼ିଥିବା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ଦେବା ପାଇଁ ପ୍ରଥମେ ପହଞ୍ଚିଥାନ୍ତି ଆମ ଅଗ୍ନିଯୋଦ୍ଧାମାନେ । ସେମାନେ ହେଉଛନ୍ତି ପ୍ରଥମ ରେସ୍‌ପଣ୍ଡର। ବିପନ୍ନ ଲୋକଙ୍କ ପାଖରେ ସେମାନେ ସରକାରଙ୍କ ଚେହେରା ବୋଲି ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୭୧ ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି ସମୁଦାୟ ୯୧୧ ଜଣ ଅଗ୍ନିଯୋଦ୍ଧା ପାସିଙ୍ଗ ଆଉଟ ପରେଡରେ ଯୋଗ ଦେଇ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଗତ ଏକ ବର୍ଷ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି । ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଗ୍ନିଯୋଦ୍ଧାମାନେ କାର୍ଯ୍ୟକ୍ଷେତ୍ରରେ ବହୁ କଠିନ ପରିଶ୍ରମ କରିଥାନ୍ତି । ସେଥିପାଇଁ ସବୁବେଳେ ଓ ସବୁ ସମୟରେ ଶାରିରିକ ଫିଟ୍ ରହିବା ଆବଶ୍ୟକ । ଏ ଦିଗରେ ଆଜି ନୂଆକରି ଦାୟିତ୍ୱ ନେଉଥିବା ଓ ବିଭାଗରେ ପୂର୍ବରୁ କାର୍ଯ୍ୟ କରୁଥିବା ସମସ୍ତ ଅଗ୍ନିଯୋଦ୍ଧାମାନେ ସଚେତନ ରହିବା ଆବଶ୍ୟକ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଅଗ୍ନିଶମ ବିଭାଗ ସାରା ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି । ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଅଗ୍ନିଯୋଦ୍ଧାମାନେ ଦି ବେଷ୍ଟ ଇନ୍ ବିଜିନେସ୍ ଇନ୍ ଦ କଣ୍ଟ୍ରି ବୋଲି ସେ କହିଥିଲେ । ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି । ୭୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି । ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ । ନୂଆ ନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ । ଏଥିପାଇଁ ଆମ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଅଗ୍ନିଯୋଦ୍ଧାମାନଙ୍କ ପ୍ରଶିକ୍ଷଣର ମାନବୃଦ୍ଧି ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚରେ ଆମେ ଏକ ବିଶ୍ୱସ୍ତରୀୟ ସିମୁଲେଟର ପ୍ରତିଷ୍ଠା କରିବାକୁ ଯାଉଛୁ । ଏହି ସିମୁଲେଟର ମାଧ୍ୟମରେ ଆମ ଅଗ୍ନିଯୋଦ୍ଧାମାନେ ଅତ୍ୟାଧୁନିକ ପ୍ରଶିକ୍ଷଣ ଓ କଠିନ ପରିସ୍ଥିତିର ମୁକାବିଲା ପାଇଁ ଅଭ୍ୟାସ କରିପାରିବେ । ଏଥି ସହିତ କୋଣାର୍କର ରାମଚଣ୍ଡୀ ଠାରେ ୧୨ କୋଟି ଟଙ୍କା ବ୍ୟୟରେ ଏକ ଜାତୀୟ ସ୍ତରୀୟ ଜଳଦକ୍ଷତା ଓ ଜୀବନ ରକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ୧୦ କୋଟି ଟଙ୍କା ବିନିମୟରେ ସେଠାରେ ଏକ ବିଶ୍ୱସ୍ତରୀୟ ସ୍କୁବା ଡାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ କରାଯିବ । ଉଦ୍ଧାର କାର୍ଯ୍ୟରେ ଲିପ୍ତ ପୋଲିସ, ଅଗ୍ନିଶମ ଓ ଗୃହରକ୍ଷୀ କର୍ମଚାରୀମାନଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ । ଓଡ଼ିଶା ଅଗ୍ନିଶମ ବିଭାଗକୁ ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱସ୍ତରୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ପାଣିରେ ବୁଡି ଜୀବନ ହାନି ଘଟଣା ପ୍ରତି ସମ୍ବେଦନଶୀଳ ହୋଇ କହିଥିଲେ ଯେ, ଜଳସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ରାଜ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉ । ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସନ୍ତରଣ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ । ପ୍ରତ୍ୟେକ ଅଗ୍ନିଶମ ଗାଡ଼ିରେ ଫାଷ୍ଟଏଡ କିଟ ଓ ଆଧୁନିକ ଷ୍ଟ୍ରେଚର ରଖନ୍ତୁ, ଯାହାଦ୍ୱାରା ଅନେକ ଅମୂଲ୍ୟ ଜୀବନ ଗୋଲଡେନ ଆୱାର ଭିତରେ ବଞ୍ଚାଯାଇ ପାରିବ । ଏଥି ସହିତ ବିଭିନ୍ନ ଅନୁଷ୍ଠାନ ଯେପରିକି ମେଡିକାଲ, ସ୍କୁଲ କଲେଜ କ୍ୟାମ୍ପସ, ଆପାର୍ଟମେଣ୍ଟ, ବାଣିଜ୍ୟ ଅନୁଷ୍ଠାନ ଗୁଡ଼ିକରେ ସେଠାକାର କର୍ମଚାରୀମାନଙ୍କୁ ନିଆଁକୁ ଆୟତ୍ତ କରିବା ସମ୍ବନ୍ଧୀୟ ପ୍ରଶିକ୍ଷଣକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେ ଆହୁରି କହିଥିଲେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଗ୍ନି ନିର୍ବାପନ ଓ ବିପଦ ସମୟରେ ଉଦ୍ଧାର କାର୍ଯ୍ୟର ଜ୍ଞାନ ଆହରଣ ପାଇଁ ଆବଶ୍ୟକ ସ୍ଥଳେ ଅଗ୍ନିଯୋଦ୍ଧା ଓ ଅଧିକାରୀମାନଙ୍କୁ ରାଜ୍ୟ ବାହାରକୁ ପ୍ରଶିକ୍ଷଣ ପାଇଁ ମଧ୍ୟ ପଠାନ୍ତୁ ।

ଶେଷରେ ମୁଖ୍ୟମନ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ ଯେ ରାଜ୍ୟବାସୀଙ୍କୁ ନିରାପଦ ଓ ସୁରକ୍ଷିତ ପରବେଶ ପ୍ରଦାନ କରିବା ହେଉଛି ଆପଣମାନଙ୍କ ଦାୟିତ୍ୱ । ଯେତେ ବାଧାବିଘ୍ନ ଆସିଲେ ମଧ ନିଆଁ, ପାଣି, ପବନ, ଝଡ଼, ବର୍ଷା ସମସ୍ତେ ଆପଣଙ୍କ ନିକଟରେ ହାର ମାନିବେ । ଆପଣମାନେ ହୁଅନ୍ତୁ ଅଜେୟ-ଅଭେଦ୍ୟ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଗ୍ନିଯୋଦ୍ଧା ଶୀର୍ଷକ ଏକ ଥିମ୍ ସଙ୍ଗ ଲୋକାର୍ପିତ କରିବା ସହ ଏକ ବୃକ୍ଷ ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରଶିକ୍ଷାର୍ଥୀଙ୍କ ପରିବାର ସଦସ୍ୟ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ । ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପ ମହାନିରୀକ୍ଷକ ଉମାଶଙ୍କର ଦାଶ ଦୀକ୍ଷାନ୍ତ ସମାରୋହରେ ପ୍ରଶିକ୍ଷାର୍ଥୀଙ୍କୁ ଶପଥ ପାଠ କରାଇଥିଲେ ।

### ରାଜ୍ୟରେ ୭ ଲକ୍ଷ ବୁଲା, ୬୪ ହଜାର ପୋଷା କୁକୁର

## ବୁଲା କୁକୁରଙ୍କୁ ବଳକା ମାଂସ ନଦେବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): କୁକୁରମାନଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରିବ ବିଭାଗ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ବୁଲା କୁକୁରଙ୍କ ଗଣନା କରିବ ।

ଏଣିକି ବୁଲା କୁକୁରଙ୍କୁ ରାସ୍ତାକଡରେ ଖାଇବା ନଦେବାକୁ ସଚେତନ କରିବ ପୌରାଞ୍ଚଳ । ଏହାସହ ପ୍ରତି ପୌରାଞ୍ଚଳରେ ଚିକେନ ଓ ମଟନ ଦୋକାନୀଙ୍କୁ ତଦାରଖ କରିବେ ମ୍ୟୁନିସିପାଲ କର୍ମଚାରୀ । ଏଣେ ତେଣେ ପକାଇପାରିବେ ନାହିଁ କିମ୍ବା ବୁଲା କୁକୁରଙ୍କୁ ବଳକା ମାଂସ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେନ ଓ ମଟନ ନକାଟି ନିର୍ଦ୍ଦିଷ୍ଟ ସ୍ଥାନରେ କାଟିବେ ଦୋକାନୀ । ଏନେଇ ବିଭାଗ ପକ୍ଷରୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ । ନିର୍ଦ୍ଦିଷ୍ଟ ସ୍ଥାନରେ କୁକୁରଙ୍କୁ ଖାଇବାକୁ ଦିଆଯିବ । ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀମାନେ ବୁଲା କୁକୁରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି ।

ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ବନ୍ଧ୍ୟାକରଣ, ଗଣନା ଏବଂ ଟିକାକରଣ କରାଯିବ । ଏହାସହ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରି ଅଣାଯାଇଥିବା ସ୍ଥାନରେ ଛାଡି ଦିଆଯିବ । ଯେଉଁମାନେ ହିଂସ୍ର ଓ ଜ୍ୱାଳାନ୍ତକ ରୋଗରେ ପୀଡିତ ଥିବେ ଆଶ୍ରୟ ସ୍ଥଳରେ ରଖାଯିବ । ରାଜ୍ୟରେ ଏବେ ୭ ଲକ୍ଷ ବୁଲା କୁକୁର ଏବଂ ପୋଷା କୁକୁର ୬୪ ହଜାର ଅଛନ୍ତି ।

## ଥାନାଧିକାରୀ ଧରିଲେ ୫ ବେଆଇନ ବାଲି ହାଇୱା

ଭଣ୍ଡାରିପୋଖରୀ,ତା(ସବ୍ୟୁ):ଭଣ୍ଡାରିପୋଖରୀ ଥାନାଧିକାରୀ ଭାବେ ମାତ୍ର ୨ ଦିନ କାର୍ଯ୍ୟ କରିଥିବା ଇନସପେକଟର ରଞ୍ଜନ କୁମାର ସେଠୀ ରାଜପଥରୁ ୫ ବେଆଇନ ବାଲି ପରିବହନକାରୀ ହାଇୱା ଜବତ କରି ମାମଲା ରୁଜୁ କରିଥିବା ଜଣାଯାଇଛି । ସବଇନସପେକ୍ଟର ସ୍ନେହପ୍ରଭା ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୩୭୬/୨୫ନଂ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ ସବଇନସପେକ୍ଟର ସାହୁଙ୍କ ନେତୃତ୍ୱରେ ପୁଲିସ ପାଟ୍ରୋଲିଂ ଦଳ ୧୬ନଂ ଜାତୀୟ ରାଜପଥର ଛତାବର ଛକ ନିକଟରୁ ଗତ ମଙ୍ଗଳବାର ରାତ୍ରରେ ୫ଟି ବେଆଇନ ବାଲି ପରିବହନକାରୀ ହାଇୱାକୁ ଜବତ କରି ଥାନାକୁ ଆଣିଥିଲେ । ଗତ ଶୁକ୍ରବାର ଅଭିଯୋଗ କରିବା ପରେ ରାତ୍ରରେ ମାମଲା ରୁଜୁ ହୋଇଥିଲା । ଜବତ ହାଇୱା ଓଡି ୦୯ ସି ୫୬୭୭ ନଂ ଚାଳକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରମ୍ଭିଳାର ଭାରତ ବର୍ମନ(୩୨), ଓଡି ୦୯ ସି ୫୪୫୮ ନଂ ଚାଳକ ସେହି ଗ୍ରାମର ମାଧମ ମଣ୍ଡଳ(୪୫), ଓଡି ୦୧ ଏୟୁ ୮୫୬୩ ନଂ ଚାଳକ ବାଲେଶ୍ୱର ବାଲିସିଂହ ଗ୍ରାମର ଦିଲ୍ଲିପ କୁମାର ସିଂ(୨୪), ଓଡି ୦୧ ଏ ଡବ୍ଲ ୭୧୨୧ ନଂ ଚାଳକ ମୟୁରଭଞ୍ଜ ଜିଲ୍ଲା ମାଣିତ୍ରୀ ଗ୍ରାମର ମକର ସିଂ(୩୩) ଓ ଓଡି ୨୨ ଜେ ୪୫୬୬ ନଂ ଚାଳକ କେନ୍ଦୁଆପଦା ଅଞ୍ଚଳର ମାନସ ଜେନା(୩୦)ଙ୍କୁ ଗିରଫ କରାଯାଇଛି ।

### ପାତ୍ରପଡ଼ା ଦୁର୍ଘଟଣାରେ ମା-ଝିଅଙ୍କ ମୃତ୍ୟୁ ମାମଲା

## ଦିଲ୍ଲୀରୁ ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାତ୍ରପଡ଼ା ଦୁର୍ଘଟଣାରେ ମା, ଝିଅଙ୍କ ମୃତ୍ୟୁ ହୋଇଥିବାବେଳେ ଥର୍ ଓ ସ୍କର୍ପିଓ ଗାଡ଼ି ଡ୍ରାଇଭର ଗିରଫ ହୋଇ ନଥିଲେ । ସ୍କର୍ପିଓ ଗାଡ଼ି ଡ୍ରାଇଭର ସୋହମରାଜ ତ୍ରିପାଠୀ ଓରଫ ଲିପୁନ୍ ଏବଂ ସେଥିରେ ବସିଥିବା ସୋନୁ ଓରଫ ରୋହନ ରଞ୍ଜନ ରାଉତଙ୍କୁ ଦିଲ୍ଲୀରୁ ଗିରଫ କରିଛି କମିଶନରେଟ ପୋଲିସ । ଏହା ପୂର୍ବରୁ ସ୍କର୍ପିଓରେ ବସିଥିବା ଅନ୍ୟ ଜଣେ ଯୁବକ ଅଙ୍କିତ ସାଓ୍ୱ ଏବଂ ସେମାନଙ୍କୁ ଫେରାର୍ ହେବାରେ ସହାୟତା କରିଥିବା କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ପୋଲିସ ଗତ ୧୫ ତାରିଖରେ ଗିରଫ କରିଥିଲା । ଥର୍ ଓ ସ୍କର୍ପିଓ ଗାଡ଼ି ଡ୍ରାଇଭରଙ୍କୁ ଗିରଫ ପାଇଁ ପୋଲିସ ପଶ୍ଚିମବଙ୍ଗ, ହରିୟାଣା, ଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟରେ ଚଢ଼ାଉ କରିଥିବାବେଳେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଦିଲ୍ଲୀରୁ ଏହି ଦୁଇଜଣ ଗିରଫ ହେଲେ ।

ଚଳିତମାସ ୯ ତାରିଖ ଶନିବାର ସନ୍ଧ୍ୟାରେ ମାନସ ରାଉଲଙ୍କ ସ୍ତ୍ରୀ ପୁଅ,ଝିଅଙ୍କୁ ସାଙ୍ଗରେ ଧରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାର୍ ହେଉଥିବାବେଳେ ଖଣ୍ଡଗିରିଆଡୁ ଦ୍ରୁତଗତିରେ ଯାଉଥିବା ଥର୍ ଓ ସ୍କର୍ପିଓ ଗାଡ଼ି ମଧ୍ୟରୁ ଥର୍ ଧକ୍କାରେ ମା-ଝିଅଙ୍କ ମୃତ୍ୟୁ ହୋଇଥିଲା । ଏହା ଦେଖି ଥର୍ ଓ ସ୍କର୍ପିଓ ଗାଡ଼ି ଘଟଣାସ୍ଥଳରୁ ଦ୍ରୁତଗତିରେ ପଳାଇ ଯାଇଥିଲେ । ସେହି ଦୁର୍ଘଟଣାରେ ଗୁରୁତର ଆହତ ଦୁଇ ବର୍ଷର ପୁଅ ବେସରକାରୀ ହସ୍ପିଟାଲରେ ଏବେବି ଚିକିତ୍ସାଧୀନ ଅଛି । ମାନସଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିଲାବେଳେ ଥର୍ ଓ ସ୍କର୍ପିଓରେ ୫ ଜଣ ସାଙ୍ଗ ପଟିଆ ଅଞ୍ଚଳରୁ ବାହାରି ଅତି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇ ଖୋର୍ଦ୍ଧା ଅଭିମୁଖେ ଯାଉଥିବାବେଳେ ପାତ୍ରପଡ଼ା ନିକଟରେ ମାନସଙ୍କ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ଥର୍ ଗାଡ଼ି ଧକ୍କା ଦେଇଥିଲା । ପୋଲିସ ଗାଡ଼ି ଓ ଚାଳକଙ୍କୁ ଖୋଜ୍ ଖବର କରୁଥିଲାବେଳେ ଥର୍ ଗାଡ଼ିକୁ ଜବତ କରାଯାଇଛି । ଦିଲ୍ଲୀରୁ ଗିରଫ ହୋଇଥିବା ଦୁଇଜଣଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## କ୍ୟାପଟେନ ପଲିପ୍ଲାଷ୍ଟ ନିଟ୍ ଲାଭରେ ବାର୍ଷିକ ୫୧% ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): କ୍ୟାପ୍‌ଟେନ ପଲିପ୍ଲାଷ୍ଟ ଲିମିଟେଡ, (ସିପିଏଲ) କ୍ଷୁଦ୍ର ଜଳସେଚନ ସମାଧାନର ଏକ ଅଗ୍ରଣୀ ନିର୍ମାତା, ରପ୍ତାନିକାରୀ, ଏବଂ ଏହାର କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସୌର ଇପିସି ସେଗମେଂଟ୍‌ରେ ବିବିଧତା ଆଣିଛି । କମ୍ପାନୀ ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ତ୍ରୟମାସ ପାଇଁ ଏକକ ନିଟ୍ ଲାଭରେ ବାର୍ଷିକ ୫୧% ବୃଦ୍ଧି ଘଟିଛି। କ୍ୟାପ୍‌ଟେନ ପଲିପ୍ଲାଷ୍ଟ ଲିମିଟେଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରିତେଶ ଖୃଚାଡିଆ କହିଛନ୍ତି ଯେ "ଆମେ ନୂତନ ଆର୍ଥିକ ବର୍ଷକୁ ଦୃଢ଼ ଭାବରେ ଆରମ୍ଭ କରିଛୁ, ରଣନୈତିକ ପ୍ରାଥମିକତା ମଧ୍ୟରେ ଅଗ୍ରସର ହୋଇଛୁ ଏବଂ ଆମର ଅଭିବୃଦ୍ଧି ଧାରାକୁ ବଜାୟ ରଖିଛୁ ।

### କଟକ 'କମଳାକାନ୍ତ ବିଦ୍ୟାପୀଠ'ର ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଓ ରାଷ୍ଟ୍ରପ୍ରେମର ଭାବନା ତିଆରି କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଆମକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଓ ରାଷ୍ଟ୍ରପ୍ରେମର ଭାବନା ତିଆରି କରିବା ପାଇଁ ପଡ଼ିବ, ଯାହା ଦ୍ୱାରା ମଧୁବାବୁଙ୍କ ଠାରୁ ଆରମ୍ଭ କରି ଧର୍ମପଦ ଓ ବାଜି ରାଉତଙ୍କ ଭଳି ପିଲାମାନେ ତିଆରି ହେବେ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର କଟକ କାଳିଆବୁଦା ସ୍ଥିତ 'କମଳାକାନ୍ତ ବିଦ୍ୟାପୀଠ'ର "ହୀରକ ଜୟନ୍ତୀ ସମାରୋହ-୨୦୨୫"ର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ କଟକ ଭଳି ଅଞ୍ଚଳକୁ ଗୁରୁ ନାନକଙ୍କ ଭଳି ପୁଣ୍ୟାତ୍ମା ଆସିଥିଲେ । ସେଭଳି ଅଞ୍ଚଳରେ ତତ୍କାଳୀନ ମହନ୍ତ ମହାରାଜ ସ୍ୱର୍ଗତ କମଳାକାନ୍ତ ଦେବଙ୍କ ବଦାନ୍ୟତା ତଥା ଜମି ଦେବା କାରଣରୁ ମହାନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ 'କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ' ଭଳି ଅନୁଷ୍ଠାନ ବଟବୃକ୍ଷର ରୂପ ନେଇପାରିଛି । ଦୀର୍ଘ ୬୦ ବର୍ଷ ଧରି କଟକରେ ଶିକ୍ଷା କ୍ଷେତ୍ରରେ ପରିଚୟ ତିଆରି କରିଥିବା ଏହି ହାଇସ୍କୁଲରେ ଜୀବନ୍ତତା ଅଛି । କମଳାକାନ୍ତ ଭଳି କଟକରେ ଅନେକ ଅନୁଷ୍ଠାନ ଶହେ ବର୍ଷ ପୁରୁଣା । ଏହି ସ୍କୁଲର ସର୍ବାଙ୍ଗିନ ବିକାଶ କରିବା ପାଇଁ ଆମେ ସାମୂହିକ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଛନ୍ତି।



ଓଡ଼ିଶାର ପୁଞ୍ଜି ହେଉଛି ବୌଦ୍ଧିକ କ୍ଷମତା ଏବଂ ମାନବ ସମ୍ବଳ । ରାଜ୍ୟରେ ଅଙ୍ଗନବାଡ଼ିରୁ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପ୍ରାୟ ୧ କୋଟି ଛାତ୍ରଛାତ୍ରୀ ଅଛନ୍ତି । ଅର୍ଥାତ୍ ଓଡ଼ିଶା ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଛାତ୍ରଶକ୍ତି । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତିର ମହାନ ଅବସର ଦେଇଥିବା ବେଳେ ୨୦୩୬ରେ 'ବିକଶିତ ଓଡ଼ିଶା' ଓ ୨୦୪୭ରେ 'ବିକଶିତ ଭାରତ'ର ସ୍ୱପ୍ନକୁ ପୂରଣ କରିବା ପାଇଁ ଓଡ଼ିଶାର ଏହି ୧ କୋଟି ଛାତ୍ରଶକ୍ତିଙ୍କୁ ବୈଶ୍ୱିକ ଦକ୍ଷତା ସହ ଯୋଡିବା ପାଇଁ ହେବ । ସ୍କୁଲ ପରିସରରେ ଶ୍ରୀ ପ୍ରଧାନ ତତ୍କାଳୀନ ମହନ୍ତ ମହାରାଜ ସ୍ୱର୍ଗତ କମଳାକାନ୍ତ ଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ ।

### ୯ ଫେବୃଆରୀକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ପାଳନ

## କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କହିଛନ୍ତି ଯେ ରାଜ୍ୟ ସରକାର ଫେବୃଆରୀ ୯ ତାରିଖକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବରେ ଘୋଷଣା କରିବା ପାଇଁ ନାଗରିକ ସମାଜ ପ୍ରସ୍ତାବ ଉପରେ ବିଚାର କରିବେ । କାରଣ ଏହି ଦିନଟି ଦେଶରେ ବନ୍ଧକ ଶ୍ରମିକ ପ୍ରଣାଳୀ (ଉଚ୍ଛେଦ) ଆଇନ, ୧୯୭୬ ପ୍ରଣୟନ ହୋଇଛି । ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନ ମାନଙ୍କର ମିଳିତ ମଞ୍ଚ (ସୁରକ୍ଷା) ରାଜ୍ୟ ସରକାରଙ୍କୁ ଅନ୍ୟ ରାଜ୍ୟ ଗୁଡ଼ିକର ଉଦାହରଣ ଦେଇ ଏକ ସ୍ମାରକପତ୍ର ପ୍ରଦାନ କରିଛି , ଯେଉଁଠାରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ଏହି ଦିବସ ଘୋଷଣା କରାଯାଇଛ । ମାନବ ଚାଲାଣ ଏବଂ ବନ୍ଧକ ଶ୍ରମିକ ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ସଙ୍ଗୋଷ୍ଠିକୁ ସମ୍ବୋଧିତ କରି ଶ୍ରୀ ନାଏକ ଶ୍ରମ କାର୍ଡ, ଏମଜିଏନଆରଇଜିଏସ ର ପରିସର ଏବଂ ସ୍ଥାନୀୟ ଜୀବିକା ସୁଯୋଗକୁ ସୁଗମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଯାହା ଦ୍ୱାରା ଗ୍ରାମ ପ୍ରତିଷ୍ଠାନ ଗୁଡ଼ିକୁ ଆର୍ଥିକ ବିକାଶ ଏବଂ ଜୀବିକା ସୁଯୋଗ ବିସ୍ତାର କରିବା ଦିଗରେ ସହାୟକ ହେବ । ସୁରକ୍ଷାର ଆବାହକ ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଂଗୋଷ୍ଠିରେ ବକ୍ତବ୍ୟ ରଖିଥିବା ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ସିଓ୍ୱାଇଏସଡ଼ିର ସହ-ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାଶ,ଅନ୍ତୋଦୟ ଅଧ୍ୟକ୍ଷ ଦିଲୀପ କୁମାର ଦାସ, ଅରୁଣାର ସଚିବ ଲୋକନାଥ ମିଶ୍ର, ଫୋକସ ଓଡ଼ିଶା ଫାଉଣ୍ଡେସନର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ଏବଂ ସିଏଡ଼ବ୍ଲ । ଓ ସିଡ଼ବ୍ଲ । ଇନ୍ସପେକଟର ବନିତା ମହାରାଣା, ସାମାଜିକ କାର୍ଯ୍ୟକର୍ତ୍ତା ମନ୍ଦାକିନୀ ଜେମା, ଆଶିଷ ରାଜହଂସ, ଉଦୟନାଥ ବେହେରା, ସିଡବ୍ଲ୍ୟୁସି କଟକ, ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆଇଜେଏମ୍ ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ କୁମାର ନାଗ, ସରକାରୀ ସମ୍ପର୍କ ମୁଖ୍ୟ ବିକାଶ ରଂଜନ ପାତ୍ର, ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ନୟ ଅଭିନବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



### ଦାଦନ ଖଟିବାକୁ ଯାଇ ହୋଇଗଲା ମୃତ୍ୟୁ

## ପୁଅ ଆଖି ଆଗରେ ଚାଲିଗଲା ବାପାର ଜୀବନ

ବେତନଟୀ (ସବ୍ୟୁ) ଦାଦନ ଶ୍ରମିକଙ୍କୁ ନେଇ ଚାଲେ ରାଜନୀତି , ସରକାର ବଦଳେ ସରକାର ଆସେ ମାତ୍ର ଫଳ ଶୂନ । ଭୋଟ ପାଇଁ ନିର୍ବାଚନ ପୂର୍ବରୁ କେବଳ ନେତାଙ୍କ ବାହାସ୍ଫୋଟ ଶୁଣିବାକୁ ମିଳେ ସିନା, ହେଲେ ଏବେବି ଓଡିଶାରୁ ଯାଇନି ଦାଦନ ଯନ୍ତ୍ରଣା । ପରିବାରର ମୁଖିଆ ପୁଅ, ଝିଅ ଓ ସ୍ତ୍ରୀ ମୁହଁରେ ଦାନା ଦିଓଳି ଦେବା ଆଶାରେ ଯାଇଥିଲା ଦାଦନ ଘଟିବାକୁ ସୁଦୂର ତାମିଲନାଡୁ । ହେଲେ ଗନ୍ତବ୍ୟ ଷ୍ଟେସନ ରେ ପହଞ୍ଚି ହୋଇଗଲେ ନିଖୋଜ, ୨୦ଦିନ ପରେ କ୍ଷତାକ୍ତ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ନେଇ ଆସିଲା ଖବର ଆଉ ପରିବାର ଲୋକ ପହଞ୍ଚିବା ର ୩ଦିନ ପରେ ହୋଇଗଲା ମୃତ୍ୟୁ । ଏହିପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ । ମୃତକ ହେଲେ ଉକ୍ତ ଗ୍ରାମର ଦନୁ ସିଂର ୪୫ ବର୍ଷୀୟ ପୁଅ ଦିଲ୍ଲୀପ । ଘରୋଇ କମ୍ପାନୀ ର କର୍ମଚାରୀଙ୍କ ସହାୟତାରେ ଫେରୁଛି ଶବ ।

ନୂଆଗାଁ ଗ୍ରାମର ଦିଲ୍ଲୀପ ସିଂ ଆଖପାଖ ଅଞ୍ଚଳର ଏକାଧିକ ଯୁବକଙ୍କ ସହିତ ଗତ ଜୁଲାଇ ମାସ ୨୪ ତାରିଖ ଦିନ ବାଲେଶ୍ୱର ରେଲଷ୍ଟେସନରୁ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ବାହାରିଥିଲେ । ସେଠାରେ ପହଞ୍ଚି ସେ ସେଲମ ଅଞ୍ଚଳର ଏକ ସୂତାକଳରେ କାମ କରିବାର ଥିଲା ଝ ହେଲେ ସେଲମ ଷ୍ଟେସନରେ ପହଞ୍ଚିବା ପରେ ଦିଲ୍ଲୀପ ହୋଇଯାଇଥିଲେ ନିଖୋଜ। ସାଙ୍ଗରେ ଯାଇଥିବା ଲୋକ ତାଙ୍କୁ ନପାଇ ବ୍ୟସ୍ତବିବ୍ରତ ହୋଇ ଦିଲ୍ଲୀପର ପୁଅ କହ୍ନେଇକୁ ତା ବାପାଙ୍କର ନିଖୋଜ ସମ୍ବନ୍ଧରେ ଖବର ଦେଇଥିଲେ ଝ ପରେ ପରିବାର ଲୋକ ବୈଶିଙ୍ଗା ଥାନାରେ ଦିଲ୍ଲୀପର ନିଖୋଜ ନେଇ ଅଭିଯୋଗ ଦେବାକୁ ଯାଇଥିବାବେଳେ ପୁଲିସ ତାଙ୍କୁ ବାପା ଯୋଉଁଟି ହଜଛନ୍ତି ସେଠାରେ ଅଭିଯୋଗ କରିବାକୁ କହିଥିଲେ । ପରେ ନିରାଶ ହୋଇ ପରିବାର ଲୋକ ବାଲେଶ୍ୱର ରେଳ ଷ୍ଟେସନରେ ଥିବା ପୁଲିସ ଅଧିକାରୀଙ୍କୁ ଘଟଣା ସମ୍ବନ୍ଧରେ ଜଣାଇଥିଲେ, ହେଲେ ସେଠାରେ ବି ନିରାଶ ହେବାକୁ ପଡିଥିଲା ।

ଦିଲ୍ଲୀପର ପୁଅ କହ୍ନେଇ ମଧ୍ୟ ତାମିଲନାଡୁର ଅନ୍ୟ ଏକ ଜାଗାରେ ଦାଦନ ଖଟୁ ଥିବାବେଳେ ସେ ଅନ୍ୟ ଉପାୟ ନପାଇ ସେଠାକାର ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲା । ହେଲେ ହଟାତ ଚଳିତ ମାସ ୧୭ତାରିଖ ଦିନ କହ୍ନେଇ ମୋବାଇଲ କୁ ଏକ ଅଜଣା ନମ୍ବରରୁ କଲ ଆସିଲା କି ତୁମ ବାପା କ୍ଷତାକ୍ତ ଅବସ୍ଥାରେ ଗୁରୁତର ଆହତ ହୋଇ ସେଲମ ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି । ତେବେ ବିଳମ୍ବ ନକରି କହ୍ନେଇ ଡାକ୍ତରଖାନାରେ ପହଞ୍ଚି ଯାଇ ଦେଖିବାକୁ ପାଇଥିଲା କି ବାପାଙ୍କ ବେକ ସମେତ ଏକାଧିକ ଜାଗାରେ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସେ ଗୁରୁତର ଅଛନ୍ତି । ତେବେ ଗୁରୁବାର ଦିନ ତାଙ୍କ ବାପାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା । ବାପାର ଏହି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିଲା କହ୍ନେଇ । କହ୍ନେଇର କହିବା ମୁତାବକ ଡାକ୍ତରଖାନାରେ ପହଞ୍ଚିବା ପରେ ସୂଚନା ପାଇଥିଲେ କି ଦିଲ୍ଲୀପ ସେଦିନ ଷ୍ଟେସନରୁ ନିଜ ବନ୍ଧୁ ମାନଙ୍କ ସହିତ ନଯାଇ ଜଣେ ତାମିଲ ଲୋକ ସହିତ ଯାଇ ସୂତାକଳ ବଦଳରେ ଆତୁର ନାମକ ଏକ ସ୍ଥାନରେ ଜଣେ ଠିକାଦାର ପାଖରେ ରହି ସେଲ ଖୋଲିବା କାମ କରୁଥିଲା ଓ ସେ କୌଣସି କାରଣ ବଶତଃ ନିଜେ ଧାରୁଆ ଅସ୍ତ୍ରରେ ନିଜ ବେକ କାଟି ଦେଇଛି । ତେବେ କହ୍ନେଇ ଏହାକୁ ସହଜରେ ବିଶ୍ୱାସ କରି ପାରିନଥିଲା ଓ ସ୍ଥାନୀୟ ଥାନାରେ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ଲିଖିତ ଅଭିଯୋଗ ଦେଇଥିଲା । ଶବ ଆଣିବାକୁ କହ୍ନେଇ ଅସମର୍ଥ ହେବାରୁ ଦିଲ୍ଲୀପ କାମ କରୁଥିବା ସ୍ଥାନର କିଛି ସହଯୋଗୀ ଓ ମାଲିକ ମିଶି ଆର୍ଥିକ ସହଯୋଗ ଦେବା ସହିତ ଆଜି ଦିଲ୍ଲୀପ ର ଶବକୁ ଆମ୍ବୁଲାନ୍ସ ଯୋଗେ ଓଡିଶା ଆସୁଥିବାର ଜଣାଯାଇଛି ।

# ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ନୂତନ ଭବିଷ୍ୟତ ନିର୍ମାଣର 'ସୂତ୍ରଧର' ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ୪ ଦିନିଆ ଚତୁର୍ଥ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଜୟଦେବ ଭବନରେ ସମାପ୍ତ ହୋଇଛି । ଶୁକ୍ରବାର ଉତ୍ସବର ଶେଷ ଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫଟୋ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସେ ବିଭିନ୍ନ ଫଟୋ ଦେଖି ଫଟୋ ଉଠାଇଥିବା ବ୍ୟକ୍ତିଙ୍କ ପ୍ରଶଂସା କରିଥିଲେ ।



ସନ୍ଧ୍ୟାରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସମାଜସେବୀ ଡ. ଶ୍ରୁତି ମହାପାତ୍ର, କଟକ ହେରିଟେଜ୍ ୱାକ୍ ମୁଖ୍ୟ ଦୀପକ ସାମନ୍ତରାୟ, ମହାବୋଧି ସୋସାଇଟି ଅଫ ଇଣ୍ଡିଆର ଉପସଭାପତି ସୌରେନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମା, ଗବେଷକ ଅନୀଲ ଧିର ଓ ତାମରନ ଇଣ୍ଡିଆର ସେଲ୍ ହେଡ୍ ରବି ଶଙ୍କର ପ୍ରମୁଖ ଅତିଥିଭାବରେ ଉପସ୍ଥିତ ଥିଲେ। ଏ ଅବସରରେ ଓମ୍ ପ୍ରକାଶ ଶର୍ମା, ଦୁର୍ଗା ସାମନ୍ତରାୟ, ରତ୍ନାକର ସାହୁ, ଏସ୍ ରାଜୀବ ଗୌରବ, ବିରଞ୍ଚି ନାରାୟଣ ମହାସୁପକାର ଓ ଶ୍ରୀନିବାସ ଘଟୁଆରୀଙ୍କୁ 'ନବୀନ ସୂତ୍ରଧର ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲେ । ସେହିପରି ଡ. ସନ୍ତୋଷ ମହାଳିକ, ଦେବଦତ୍ତ ମଲ୍ଲିକ, ଶମ୍ପଶ୍ରୀ

ମୁଣ୍ଡଙ୍କ ଫଟୋକୁ ଶ୍ରେଷ୍ଠ ପୁରସ୍କାର ଓ ବଳରାମ ଖଟୁଆ, ଚନ୍ଦନ ଦାସ, ପଲ୍ଲକରାଜ ପାଟ୍ଟଶାଣୀ, ସୁଜିତ କୁମାର ବିଶୋଇ, ସ୍ୱସ୍ତିକ ମହାନ୍ତି, ଗୌରୀଶଙ୍କର ପାତ୍ର ଓ ସବ୍ୟସାଚୀ ଜେନାଙ୍କୁ ଉଦୀୟମାନ ଫଟୋଗ୍ରାଫର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ ୫ଜିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ ୫ଜି ଶୁଭାରମ୍ଭ କରାଯାଇଛି, ଯାହା କମ୍ପାନୀର ୧୫ ବର୍ଷର ଆନ୍ତର୍ଜାତୀୟ ଉଦ୍ଭାବନ ଓ ଭାରତରେ ୧୧ ବର୍ଷର ସଫଳତାକୁ ଚିହ୍ନିତ କରିଛି। ରେଡମି ୧୫ ୫ଜି ଏକ ସେଗମେଣ୍ଟ-ପ୍ରଥମ ୭୦୦୦ ଏମଏଏଚ ଇଭି-ଗ୍ରେଡ ସିଲିକନ-କାର୍ବନ ବ୍ୟାଟେରୀର ଉନ୍ମୋଚନ କରିଛି, ଯାହା ୩୩ୱାଟ ଫାଷ୍ଟ ଚାର୍ଜିଂ ଓ ୧୮ୱାଟ ରିଭର୍ସ ଚାର୍ଜିଂ ସହିତ ୪୮ ଘଂଟାର ପାୱାର ପ୍ରଦାନ କରୁଛି। ଏଥିରେ ଏକ ୬.୯ ଇଂଚ ଏଫଏଚଡି+ ଆଡାପ୍ଟିଭ ସିଙ୍କ ଡିସ୍‌ପ୍ଲେ ସହ ୧୪୪ଏଚଜେଡ ପର୍ଯ୍ୟନ୍ତ ରିଫ୍ରେଶ ରେଟ, ଟିୟୁଭି ରେନଲ୍ୟାଣ୍ଡ ଟ୍ରିପଲ ସାର୍ଟିଫିକେଶନ ଏବଂ ନିମଜ୍ଜିତ ମନୋରଞ୍ଜନ ପାଇଁ ଡଲବି-ସାର୍ଟିଫାଏଡ ସ୍ପିକର ରହିଛି। ଅଗଷ୍ଟ ୨୮ ତାରିଖ ୨୦୨୫ରୁ ଏହି ଫୋନ ମାତ୍ର ୧୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ରଷ୍ଟେଡ ହ୍ୱାଇଟ, ମିଡ୍‌ନାଇଟ ବ୍ଲାକ ଓ ସ୍ୟାଣ୍ଡି ପର୍ପଲରେ ଉପଲବ୍ଧ ହେବାକୁ ଯାଉଛି।

# ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦେଶ ଯୁବ କଂଗ୍ରେସ କାର୍ଯ୍ୟକରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ଯୁବ କଂଗ୍ରେସର ବୃଥସ୍ତରୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉ । କ୍ଷମତାସୀନ ସରକାର ବିରୁଦ୍ଧରେ ଯୁବ କଂଗ୍ରେସ ବୁଥସ୍ତରରୁ ଆନ୍ଦୋଳନ କରିବ । ଓଡ଼ିଶାର ଯୁବକମାନେ ଦୀର୍ଘ ୨୫ ବର୍ଷ ଧରି ଅତ୍ୟାଚାରିତ, ଉପେକ୍ଷିତ ଏବଂ ନିଷ୍ପେଷିତ ହୋଇଆସୁଛନ୍ତି । ସେମାନଙ୍କର କର୍ମସଂସ୍ଥାନ ପାଇଁ କ୍ଷମତାସୀନ ସରକାର ଚିନ୍ତା କରୁନାହାନ୍ତି । ଓଡ଼ିଶାର ୧୧ ଲକ୍ଷ ବେକାର ଯୁବକ ଯୁବତୀ ନାମ ପଞ୍ଜିକରଣ କରାଇ ନିଯୁକ୍ତି ପାଇଁ ରାଜରାସ୍ତାରେ ଚିତ୍କାର କରୁଛନ୍ତି । ଯୁବ କଂଗ୍ରେସ ଯୁବକ ମାନଙ୍କର କର୍ମସଂସ୍ଥାନ, ରାଜ୍ୟ ସରକାରଙ୍କର ଦୁର୍ନୀତି, ଭ୍ରଷ୍ଟାଚାର, ମହଙ୍ଗାମାଡ, ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାରକୁ ଥରହର କରିବ ଏବଂ ବୁଥ ସ୍ତରରୁ ଯୁବକ ମାନଙ୍କୁ ଜାଗ୍ରତ କରିବ । ଭୋଟ ଚୋରୀ ବାବଦରେ ବୁଥ ସ୍ତରରେ ଭୋଟରମାନଙ୍କୁ ସଚେତନ କରାଇବା ।

ଅଖିଳ ଭାରତ ଯୁବ କଂଗ୍ରେସର ସଂପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍ ଆଗାମୀ ୩ ମାସର କାର୍ଯ୍ୟକ୍ରମ ପାଇଁ ଖସଡା ପ୍ରସ୍ତୁତ କଲେ । ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀ ସ୍ତରରେ ଯୁବ କଂଗ୍ରେସର ଆନ୍ଦୋଳନ, ସଚେତନତା କାର୍ଯ୍ୟକ୍ରମ କିଭଳି ଭାବରେ ଆୟୋଜିତ




ହେବ ସେ ସଂପର୍କରେ ଦିଗଦର୍ଶନ ଦେଇଥିଲେ । ରାଜ୍ୟ ପ୍ରଭାରୀମାନେ ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀ ସ୍ତରରେ ଯୁବ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅଧିକ ସମୟ ଦେବା ପାଇଁ ଉପଦେଶ ଦେଇଥିଲେ । ବୈଠକରେ ଭୋଟ ଚୋରୀକୁ ନେଇ ଜନନାୟକ ରାହୁଲ ଗାନ୍ଧୀଙ୍କର ଦୁର୍ବାର ଆନ୍ଦୋଳନ, ଶାଣିତ ସ୍ୱର ଏବଂ ଅନନ୍ୟ ଆହ୍ୱାନ ପ୍ରତି ଦୃଢ଼ ସମର୍ଥନ ଦିଆଯାଇଥିଲା ।

ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯୁବ କଂଗ୍ରେସ ଏ ରାଜ୍ୟର ଉପେକ୍ଷିତ ଯୁବକ ମାନଙ୍କର ସ୍ୱର ଭାବେ କାର୍ଯ୍ୟ କରୁଛି । କାର୍ଯ୍ୟକ୍ରମରେ କୃଷ୍ଣ ମହାନ୍ତି, ଗଣେଷ ସାହୁ, ନିହାର ରଞ୍ଜନ ବେହେରା, ସୁଦିପ ସାମଲ, ଗୋପନ ମାର୍ଥା, ଅଭିଜିତ ଜେନା, ଜାଭେଦ ଅଖତର, ମହମ୍ମଦ ଗୁଲଫାମ୍, ଆଲୋକ ଦାସ, ରଞ୍ଜନ କୁମାର ଦାସ, ଲିଂ। ନାୟକ, କେଦାର ଦଳେଇ, ଶିବ୍ ଅଗ୍ରୱାଲ, ବଳରାମ ନନ୍ଦ, ସୁରଜ ରାଉତ, ମହମ୍ମଦ ପରଭେଜ, ନଳୀନକାନ୍ତ ନାୟକ, ଶ୍ରୀଜନିକା ରାଉତ, ଓ ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୁବ କଂଗ୍ରେସର ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି ଓ ବିଧାନସଭା ସଭାପତି ଅଂଶ ଗ୍ରହଣ କରିଥିଲେ ।

### ଆଇଆଇଏମ୍‌ଟିରେ ଜାତୀୟ ମହାକାଶ ଦିବସ

# ଅନ୍ତର୍ଜାତୀୟ ସମ୍ମିଳନୀ ଗବେଷଣା ଏବଂ ନବସୃଜନ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରଦାନ କରିବାର ଏକ ଲକ୍ଷ୍ୟ ସହିତ ୨୦୦୭ ମସିହାରେ ପ୍ରତିଷ୍ଠିତ ଭୁବନେଶ୍ୱରର ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ଆଇଆଇଏମଟିରେ



ଜାତୀୟ ମହାକାଶ ଦିବସ ୨୦୨୫ ପାଳନ କରିଛି । ଏହି ଅବସରରେ ଏଆଇ ଏବଂ ସମକାଳୀନ ଇଞ୍ଜିନିୟରିଂ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ ଏଆଇସିଇ-୨୦୨୫ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇଆଇଏମଟିର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅଧିବେଶନଟି ଆସୋସିଏଟ୍ ଡିନ୍ (ଆରଆଣ୍ଡପି) ସୋମା ମିତ୍ରଙ୍କ ପରିଚୟ ସହିତ ଆରମ୍ଭ ହୋଇଥିଲା। ତାଦପରେ ଅତିଥିମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀ ଆଲୋକ ଅରୁଣ। ଜାତୀୟ ମହାକାଶ ଦିବସର ପୂର୍ବ ସନ୍ଧ୍ୟାରେ, ଆଇଆଇଏମଟିର ଏକ ନୂତନ ଶିକ୍ଷାଗତ ପଦକ୍ଷେପ ମଧ୍ୟ ଆରମ୍ଭ କରିଥିଲା - "ଆଇଆଇଏମଟି ଲେକ୍ଚର ନୋଟସ୍ ଅନ୍ କର୍ପୋରେଟ୍ ରେଡିନେସ୍" ଶୀର୍ଷକ ଏକ ପୁସ୍ତକ ସିରିଜ୍ । ଏହି ସିରିଜ୍ ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଅନ୍ତର୍ଦୃଷ୍ଟି, ବୃତ୍ତିଗତ ଦକ୍ଷତା ଏବଂ କର୍ପୋରେଟ୍ ଏକ୍ସପୋଜର ସହିତ ଯୋଡ଼ିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସେମାନଙ୍କୁ କର୍ପୋରେଟ୍ ଜଗତକୁ ଭଲ ଭାବରେ ବୁଝିବା ଏବଂ ଗ୍ରହଣ କରିବାକୁ ସକ୍ଷମ କରାଇବା।

କାର୍ଯ୍ୟକ୍ରମକୁ ପ୍ରଫେସର (ଡକ୍ଟର) ଜୟଦେବ କର ସ୍ୱାଗତ କରି କୃତ୍ରିମ ବୁଦ୍ଧିମତ୍ତାର ବିଶ୍ୱ ଏବଂ ଜାତୀୟ ବିଶେଷଜ୍ଞଙ୍କ ଅଂଶଗ୍ରହଣ ସହିତ ଆରମ୍ଭ ହୋଇଥିଲା। ବିଶିଷ୍ଟ ଯୋଗଦାନକାରୀଙ୍କ ମଧ୍ୟରେ ଜାପାନର ହୟୋଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର (ଡକ୍ଟର) କାଜୁମି ନକାମାଟସୁ, ଏନଆଇଟିଟିଆର ଚଣ୍ଡିଗଡ଼ର ପ୍ରଫେସର (ଡକ୍ଟର) ରୂପିନ୍ଦର ସିଂହ ଏବଂ ବିପିୟୁଟି ରାଉରକେଲାର ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ସାମିଲ ଥିଲେ। ପ୍ରମୁଖ ଅଧିବେଶନଗୁଡ଼ିକରେ ଆଇଆଇଏମଟିର ଶିକ୍ଷାଗତ ବ୍ୟକ୍ତିଙ୍କ ଦ୍ୱାରା ଡିଜିଟାଲ ଉତ୍ପାଦନ, ଜେନେରେଟିଭ୍ ଏଆଇ, ଏଆଇ-ଚାଳିତ ମେକାନିକ୍ସ ଏବଂ ଭିଏଲଏସଆଇ କ୍ୟାରିୟର ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ତଥା ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ମଧ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠା ପରଠାରୁ ଅଭିବୃଦ୍ଧି ପଥ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀ ଆଇଆଇଏମଟିର ଗବେଷଣା, ନବସୃଜନ ଏବଂ ସାମାଜିକ ପ୍ରାସଙ୍ଗିକତାକୁ ସମନ୍ୱିତ କରିବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତକୁ ଗଠନ କରୁଥିବା ଉନ୍ନତ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ ହେବାକୁ ଉତ୍ସାହିତ କରିଥିଲା।

## ଗୋରୁ ବୋଝେଇ ଭ୍ୟାନ୍ ଜବତ୍; ୧୨ଗୋରୁ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ମୁକୁନ୍ଦପ୍ରସାଦ ଅଂଚଳରୁ ବଜରଙ୍ଗ ଦଳ ସଦସ୍ୟ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ କୁ ଧରି ଶିଙ୍ଗାଂଚଳ ଥାନା ପୁଲିସ ହେପାଜତ୍ କୁ ଦେଇଛି। ଗୋଟିଏ ଗାଡି ଭିତରେ ଅତି ଅମାନୁଷିକଭାବେ ୧୨ଟି ଗୋରୁ ବନ୍ଧା ହୋଇଥିବା ଦେଖି ପୁଲିସ ବଜରଙ୍ଗ ଦଳ ସଦସ୍ୟଙ୍କ ସହଯୋଗରେ ଖୋଲି ୨ଟି ଗାଡି ରେ ତାଙ୍କୁ ଜଟଣୀ ଗୋସାଲା କୁ ପଠାଇଥିବା ଜଣାଯାଇଛି। ବେଗୁନିଆ ଦିଗରୁ ଏକ ପିକଅପ ଭ୍ୟାନ୍ ଗୋରୁବୋଝେଇ ହୋଇ ଆସୁଥିବା ବଜରଙ୍ଗ ଦଳ ସଦସ୍ୟ ଖବର ପାଇ ରାସ୍ତାର ବିଭିନ୍ନ ସ୍ଥାନରେ ଜଗିଥିଲେ। ମୁକୁନ୍ଦପ୍ରସାଦ ନିକଟରେ ଗାଡିକୁ ଅଟକାଇବା ବେଳେ ଡ୍ରାଇଭର ଗାଡିକୁ ମୁକୁନ୍ଦପ୍ରସାଦ ଗାଁ ଭିତରକୁ ପୁରାଇ ଗାଡି ଛାଡି ପଳାଇଥିଲା। ଖବର ପାଇ ଶିଙ୍ଗାଂଚଳ ପୁଲିସ ପହଁଚି ଗାଡିକୁ ଜବତ କରିଥିଲା। ଗାଡି ମଧ୍ୟରେ ଥିବା ଗୋରୁଙ୍କୁ ଉଦ୍ଧାର କରିବା ସହ ୧୯୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଜନଜାତି ପାଇଁ ଉଦ୍ଦିଷ୍ଟ ଯୋଜନାର କାର୍ଯ୍ୟକାରିତା ସମୟରେ

# ଅଧିକାରୀମାନେ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକର କାର୍ଯ୍ୟକାରିତା ସମୟରେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି । ୨୩ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି ଓ ଉକ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଉପରୋକ୍ତ ବିଭାଗମାନଙ୍କର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ ।



ଏହି ସମୀକ୍ଷା ବୈଠକରେ ରାଜ୍ୟପାଳ କହିଥିଲେ ଯେ ଜନଜାତିମାନଙ୍କର କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି ଓ ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇ ପାରିବେ ଓ ଏଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ରାଜ୍ୟପାଳ କହିଥିଲେ ।

ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ଅବସରରେ ଜନଜାତିବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଗୁଣାତ୍ମକ ଶିକ୍ଷା, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଛାତ୍ରବୃତ୍ତି, ଜନଜାତି ବର୍ଗଙ୍କ ଜୀବନ ଧାରଣ ମାନର ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଆର୍ଟିକିଲ ୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ।

ଉକ୍ତ ସମୀକ୍ଷା ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ପିସିସିଏଫ ଓଡିଶା ସୁରେଶ ପନ୍ତ, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି ପରମେଶ୍ୱରନ, ପିସିସିଏଫ (କେଏଲ) ଉମା ନନ୍ଦୁରୀ, ପିସିସିଏଫ (ଡବ୍ଲୁଏଲ) ପ୍ରେମ କୁମାର ଝା, ଷ୍ଟେଟ ନୋଡାଲ ଅଧିକାରୀ (ପିଡି, ଓଏଫଏସଡିପି) କେ ମୁରୁଗେସନ ପ୍ରମୁଖ ମଞ୍ଚାସୀନ ଥିଲେ ।

# ତ୍ରିକଳିଙ୍ଗର ଉନ୍ମୋଚନ ଓ ପାଇକ ବିଦ୍ରୋହ ସଂପର୍କିତ ସଂପାନ

ଖୋର୍ଦ୍ଧା (ସବ୍ୟୁ): ଐତିହାସିକ ଜର୍ନାଲ ତ୍ରିକଳିଙ୍ଗର ଷୋଡ଼ଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ



'ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ତ୍ରିକଳିଙ୍ଗର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ଜେନା ମୁଖ୍ୟବକ୍ତା ଓ ସମାଜସେବୀ ଦିଲ୍ଲୀପ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଭାରତର ବିଭିନ୍ନ ପ୍ରଦେଶରେ ହୋଇଥିବା ସଂଗ୍ରାମ ସହ ପାଇକ ବିଦ୍ରୋହର ତୁଳନାତ୍ମକ ଆଲୋଚନା ଓ ଏହାର ବୈଶିଷ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ମୌସୁମୀ ପଟେଲଙ୍କ ସଂଯୋଜନାରେ ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ପତ୍ରିକାର ଲକ୍ଷ୍ୟ, ଗବେଷଣା ଓ ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ଓ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ସ୍ଥାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ କବିତା କୁମାରୀ ସ୍ୱାଇଁ ପାଇକ ବିଦ୍ରୋହର ଦିଗ ଦିଗନ୍ତ ସମ୍ପର୍କରେ ସଦୃଷ୍ଟାନ୍ତ ତଥ୍ୟ ଉପସ୍ଥାପନା କରିଥିଲେ।

ରାଜ୍ୟ ପୁରସ୍କାରପ୍ରାପ୍ତ ବୃତ ଚଳଚ୍ଚିତ୍ର ପାଇକ ବିଦ୍ରୋହ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଗବେଷକ ସତ୍ୟବାଦୀ ବଳିୟାରସିଂହ ଓ ଗବେଷକ ଲକ୍ଷ୍ମୀଧର ବଡ଼ଜେନାଙ୍କୁ ଯଥାକ୍ରମେ ତ୍ରିକଳିଙ୍ଗ ଇତିହାସ ସମ୍ମାନ ଓ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ନରେନ୍ଦ୍ର ପୃଷ୍ଟିଙ୍କୁ କଳାବିନୋଦ ସମାଜସେବା ସମ୍ମାନ ଓ ସାହିତ୍ୟ ସାଧକ ଶିବସୁନ୍ଦର ପଟ୍ଟନାୟକଙ୍କୁ କଳାବିନୋଦ ସାରସ୍ୱତ ସମ୍ମାନରେ ଭୂଷିତ କରାଯାଇଥିଲା। ଏହି ଉତ୍ସବକୁ ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଇତିହାସ ବିଭାଗ ଅଧ୍ୟାପକ ରମାକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଇକ ବିଦ୍ରୋହ ସମ୍ପର୍କିତ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟାପିକା କଳ୍ପନା ରଣା ଧନ୍ୟବାଦ ଦେଇଥିଲେ।

### ବେଦାନ୍ତ ଲାଞ୍ଜିଗଡ଼ ପ୍ରୋଜେକ୍ଟ 'ସଙ୍ଗମ' ଅନ୍ତର୍ଗତରେ

# କଳାହାଣ୍ଡିରେ ଧାନ ଚାଷର ସିଷ୍ଟମ୍ ଅଫ୍ ରାଇସ୍ ଇଣ୍ଟେନ୍ସିଫିକେସନ୍ ପ୍ରଣାଳିକୁ ବିସ୍ତାରିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପ୍ରକଳ୍ପ ସଙ୍ଗମ ଜରିଆରେ ଧାନ ଉତ୍ପାଦନ ବୃଦ୍ଧି (ଏସଆରଆଇ) କୌଶଳକୁ ପ୍ରୋତ୍ସାହିତ କରି ପାରମ୍ପରିକ କୃଷି ପଦ୍ଧତିକୁ ପରିବର୍ତ୍ତନ କରୁଛି। ଏହି ପଦ୍ଧତି ଫସଲ ଉତ୍ପାଦନରେ ୨୫% ବୃଦ୍ଧି, ନିବେଶ ଖର୍ଚ୍ଚରେ ୩୦% ହ୍ରାସ ଏବଂ ଚାଷୀଙ୍କ ଆୟରେ ଯଥେଷ୍ଟ ଲାଭ ପ୍ରଦର୍ଶନ କରିଛି। ଏହି ଅଞ୍ଚଳର ୬୪.୨ ଏକର ଚାଷ ଜମିରେ ୬୦ରୁ ଅଧିକ ଚାଷୀ ଏହି ପଦ୍ଧତି ଗ୍ରହଣ କରିଛନ୍ତି।

କଳାହାଣ୍ଡି ଜିଲ୍ଲା ଏକଦା ମରୁଡ଼ି ଏବଂ ଦୁର୍ଭିକ୍ଷ ପ୍ରପୀଡିତ ଏକ ଅଞ୍ଚଳ ଥିଲା। ଆଜି, କୃଷି ଏବଂ ସ୍ଥାୟୀ ଜୀବିକାରେ ବେଦାନ୍ତର ବିଭିନ୍ନ ପଦକ୍ଷେପ ଯୋଗୁଁ ଚାଷୀମାନେ ସେମାନଙ୍କର ଉତ୍ପାଦନ ଏବଂ ଆୟରେ ବୃଦ୍ଧି ଦେଖୁଛନ୍ତି। ଫଳାଫଳ ଆଶାଜନକ ହୋଇଛି - ପ୍ରତି ଏକର ଫସଲ ଉତ୍ପାଦନ ୧୮/୨୦ କ୍ୱିଣ୍ଟାଲରୁ ବୃଦ୍ଧି ପାଇ ୨୨.୫/୨୫ କ୍ୱିଣ୍ଟାଲ ହୋଇଛି, ଯାହା ୨୫% ଉନ୍ନତି ଆଣିଛି।



ସେହି ସମୟରେ, ଉତ୍ପାଦନ ଖର୍ଚ୍ଚ ୩୦% ହ୍ରାସ ପାଇଛି, ପ୍ରତି ଏକର ୧୦,୦୦୦ ରୁ ୧୨,୦୦୦ ଟଙ୍କାରୁ ହ୍ରାସ ପାଇ ୭,୦୦୦ ରୁ୯,୦୦୦ ଟଙ୍କା ହୋଇଛି। ଏହି ପଦ୍ଧତି ଜଳ ଦକ୍ଷତାକୁ ୩୫% ଉନ୍ନତ କରିଛି, କୀଟପତଙ୍ଗ ଆକ୍ରମଣ ହ୍ରାସ କରୁଥିବା ଜୈବିକ ଅଭ୍ୟାସକୁ ପ୍ରୋତ୍ସାହିତ କରିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଛି।

କମ୍ପାନୀ ବର୍ତ୍ତମାନ ଚଳିତ ଖରିଫ ଋତୁରେ ୨୧୦ ଏକର ଜମିରେ ଏହି ପଦକ୍ଷେପକୁ ବୃଦ୍ଧି କରୁଛି, ୧୮ଟି ଗ୍ରାମର ୧୨୦ରୁ ଅଧିକ ଚାଷୀଙ୍କୁ ନିୟୋଜିତ କରୁଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ଆମର ଦୃଷ୍ଟିକୋଣ ଶିଳ୍ପ ଅଭିବୃଦ୍ଧିଠାରୁ ଅଧିକ ବିସ୍ତାରିତ। କୃଷି ହେଉଛି ଗ୍ରାମୀଣ ଓଡ଼ିଶାର ଜୀବନରେଖା, ଏବଂ ଦୀର୍ଘକାଳୀନ ସମୃଦ୍ଧି ପାଇଁ କୃଷକମାନଙ୍କୁ ଆଧୁନିକ, ସ୍ଥାୟୀ କୌଶଳ ସହିତ ସଶକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପ ସଙ୍ଗମ ଅନ୍ତର୍ଗତ ଏସଆରଆଇର ସଫଳତା ପ୍ରତିଫଳିତ କରେ ଯେ କିପରି ଗୋଷ୍ଠି-ପରିଚାଳିତ ନବସୃଜନ ଉତ୍ପାଦନ ବୃଦ୍ଧି କରିପାରିବ, ସମ୍ପଦ ସଂରକ୍ଷଣ କରିପାରିବ ଏବଂ ଜୀବିକା ଉନ୍ନତ କରିପାରିବ। ଏହା ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଆମର ଲକ୍ଷ୍ୟ ସହିତ ସମନ୍ୱିତ।"

କୃଷକମାନେ ଏହି ପଦକ୍ଷେପର ସଫଳତାକୁ ପ୍ରତିଫଳିତ କରୁଛନ୍ତି, ଉପଯୁକ୍ତ ବ୍ୟବଧାନ ସହିତ ଉନ୍ନତ ଘାସ ନିୟନ୍ତ୍ରଣ, କମ୍ ପରିମାଣ ବିହନ ବ୍ୟବହାର ଏବଂ ଶକ୍ତିଶାଳୀ ବ୍ୟବସ୍ଥା ଯୋଗୁଁ ଅଧିକ ଫସଲ ଉତ୍ପାଦନ କରୁଛନ୍ତି। ଉଲ୍ଲେଖନୀୟ ଯେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଦୀର୍ଘକାଳୀନ ସ୍ଥିରତା ପାଇଁ ଏହାର ସମ୍ଭାବନାକୁ ସ୍ୱୀକାର କରି ଏହି ଅଭ୍ୟାସକୁ ଗ୍ରହଣ କରିବାକୁ ସଚେତନତା ଏବଂ ଇଚ୍ଛାବ୍ୟକ୍ତ କରିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ ଏକ ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ପ୍ରକଳ୍ପ ଯାହା ଗ୍ରାମୀଣ ସମ୍ପ୍ରଦାୟର ଜୀବିକା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ଆଧାରିତ ପଦକ୍ଷେପ ଉପରେ ନିର୍ମାଣ କରେ।

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ର ୪୧ଟି ଗାଁରେ ଜଳ-ଭିତ୍ତିକ ସମ୍ପତ୍ତି ସୃଷ୍ଟି କରିବା, ପାନୀୟ ଏବଂ କୃଷି ଉଦ୍ଦେଶ୍ୟରେ ବର୍ଷସାରା ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା। ଏହି ପ୍ରକଳ୍ପ ଜଳ ସଂରକ୍ଷଣ କ୍ଷମତା ଏବଂ ଭୂତଳ ଜଳ ପୁନଃଭରଣ ହାର ବୃଦ୍ଧି କରି ଅଞ୍ଚଳର ୩୫୦୦ ଏକରରୁ ଅଧିକ ଜମିକୁ ଜଳସେଚନ ସୁବିଧା ପ୍ରଦାନ କରେ, ଯାହା ଫଳରେ ୨୨,୦୦୦ରୁ ଅଧିକ ଲୋକ ବର୍ଷସାରା ଏହି ପ୍ରକଳ୍ପରୁ ଉପକୃତ ହେବେ।

# ଷ୍ଟେସନରୁ ଦୁଇ ଗଞ୍ଜେଇ ଚାଲାଣକାରୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ରେଳଷ୍ଟେସନରରୁ ଦୁଇଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ସରକାରୀ ରେଳବାଇ ପୋଲିସ (ଜିଆରପି) ଗିରଫ କରିଛି । ସେମାନେ ହେଲେ କନ୍ଧମାଳ ଜିଲାର ସଚିନ ନାୟକ(୩୦) ଓ କେରଳ ରାଜ୍ୟରୁ ଗଞ୍ଜେଇ ନେବା ପାଇଁ ଆସିଥିବା ଫଲିଲୁଲ ରେହେମାନ (୨୫) । ପୋଲିସ ସେମାନଙ୍କ ନିକଟରୁ ପ୍ରାୟ ୨୨ କେଜି ଗଞ୍ଜେଇ ଜବତ କରିଛି । ମାମଲା ନଂ୧୧୬/୨୫ ରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସଚିନ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁର ରେଳଷ୍ଟେସନରେ ରେହେମାନଙ୍କୁ ଦେଇଥିଲେ । ସେ ଟ୍ରେନରେ ନେଇ ସେଠାରୁ କେରଳ ଚାଲାଣ କରିଥାନ୍ତେ ବୋଲି ପୋଲିସକୁ ଜେରା ବେଳେ କହିଛନ୍ତି । ଗୁରୁବାର ରାତ୍ର ଜିଆରପି ପୋଲିସ ପ୍ଲାଟଫର୍ମରେ ପେଟ୍ରୋଲିଂ କରୁଥିଲେ । ଦୁଇଜଣ ଯୁବକ ସନ୍ଦେହ ଜନକ ଭାବେ ଠିଆ ହୋଇଥିବା ଦେଖି ତାଙ୍କୁ ପଚରାଉଚରା କରିଥିଲେ । ସେମାନେ ଧରିଥିବା ଦୁଇଟି ଏୟାର ବ୍ୟାଗ ଯାଞ୍ଚ କରିଥିଲେ । ସେଥିରେ ଗଞ୍ଜେଇ ରହିଥିଲା । ସେମାନେ ଉଭୟ ଯୁବକଙ୍କୁ ଥାନାକୁ ଆଣିଥିଲେ । ଗଂଜେଇ ଚାଲାଣ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ବିରୋଧରେ ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ସେ ନେଇ ତଦନ୍ତ କରାଯାଉଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବିକାଶ କୁମାର ପଲାଇ ସୂଚନା ଦେଇଛନ୍ତି ।

# ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି

ବ୍ରହ୍ମପୁର, (ସବ୍ୟୁ): ଦୋକାନର ସଟର ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଛି । ଏନେଇ ମାଲିକ ପ୍ରଭାତ କୁମାର ମିଶ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତ । ପୋଲିସ ଏସଂକ୍ରାନ୍ତରେ ୩୩୯/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ରେଡ୍ଡୀ ଗ୍ୟାରେଜ ନିକଟ ବିଷ୍ଣୁ ନଗରରେ ରହୁଥିବା ପ୍ରଭାତ ମିଶ୍ରଙ୍କ ଆସ୍କାରୋଡ଼ ଖାଜା ସାହି ନିକଟରେ ରୋୟାଲ ଫର୍ମାସିୟୁଟିକଲ ନାମକ ଏକ ଦୋକାନ ଅଛି । ପ୍ରତିଦିନ ଭଳି ଗତ ବୁଧବାର ସେ ଦୋକାନ ଖୋଲିବାକୁ ଯାଇଥିଲେ । ତାଙ୍କ ଦୋକାନର ସଟର ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ । ସେ ଏନେଇ ପୋଲିସକୁ ଖବର କରିଥିଲେ । ପୋଲିସ ଉପସ୍ଥିତିରେ ସେ ଦୋକାନ ଭିତରକୁ ଯାଇ ଦେଖିବା ବେଳେ କ୍ୟାସ କାଉଣ୍ଟର ଭଙ୍ଗା ଯାଇଥିବା ଦେଖିଥିଲେ । ସେଥିରେ ସେ ରଖିଥିବା ପ୍ରାୟ ଏକ ଲକ୍ଷ ୫ହଜାର ଟଙ୍କା ଗାୟବ ଥିଲା । ସେହିପରି ଡିଭିଆର ମେସିନ ଓ କେତେକ ମୂଲ୍ୟବାନ ମେଡ଼ିସିନ ମଧ ଚୋରି ହୋଇଥିଲା । ଅଞ୍ଚଳରେ ଲାଗିଥିବା ସିସିଟିଭି ପୋଲିସ ଯାଞ୍ଚ କରୁଛି ।

## ହୀରା ବ୍ୟବସାୟୀଙ୍କୁ ଗୁଳିମାଡ ଓ ଲୁଟ୍ ଘଟଣା

# ଫେରାର ୪ ଅଭିଯୁକ୍ତ ଗିରଫ, ମାଉଜର ଓ ଗୁଳି ଜବତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଶାସ୍ତ୍ରୀନଗରର ହିରା ବ୍ୟବସାୟୀ ଏସ ବାଲକ୍ରିଷ୍ଣା ଆଚାରୀ ଓରଫ ରୁନାଙ୍କୁ ଗୁଳିମାଡ କରି ହିରା ଲୁଟ ହୋଇଥିଲା । ଏହି ଘଟଣାରେ ସଂପୃକ୍ତ ରହି ଫେରାର ଥିବା ୪ ଜଣ ଯୁବକଙ୍କୁ ପୋଲିସ କାବୁ କରିଛି । ସେମାନେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଡୁମୁଡୁମା ଫେଜ-୧ର ମୁସ୍ତାକିମ ଖାନ(୨୪), ଡୁମୁଡୁମା ଯଦୁପୁରର ଜଲାଲୁଦୀନ ଖାନ(୨୮), ଜଟଣୀ ନିକଟ ମଣିପୁର ତରବୋଇର ସେଖ୍ ଅରଫାନ(୨୬) ଏବଂ ବ୍ରହ୍ମପୁର ହନୁମାନବଜାର ନିକଟର ଅଖିଳ ରଞ୍ଜନ ମହାନ୍ତି(୩୯) । ଘଟଣା ପରେ ଏହି ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଚାଲି ଯାଇଥିଲେ । ବ୍ରହ୍ମପୁର ପୋଲିସ ଜିଲାର ଏକ ଟିମ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଚଢଉ କରି ସେମାନଙ୍କୁ କାବୁ କରିଥିଲା । ଏପରିକି ଘଟଣା ବେଳେ ବ୍ୟବହୃତ ମାଉଜର ସହ ୪ଟି ଜୀବନ୍ତ ଗୁଳି, ଏକ କାର ଓ ୩ ମୋବାଇଲ ଜବତ କରିଛି । ପୂର୍ବରୁ ଏହି ମାମଲାରେ ବଡବଜାର ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଥିଲା । ସେହିକ୍ରମରେ ଏହି ଲୁଟ ଓ ଗୁଳିମାଡ ଘଟଣାରେ ଗିରଫ ସଂଖ୍ୟା ୮ କୁ ବୃଦ୍ଧି ହୋଇଛି । ପ୍ରକାଶଥାଉକି, ଶାସ୍ତ୍ରୀନଗରର ୫ମ ଲାଇନର ରୁନା ଆଚାରୀ ଜଣେ ମୂଲ୍ୟବାନ ପଥର ଓ ହିରା ବ୍ୟବସାୟୀ ଅଟନ୍ତି । ମୁଖ୍ୟ ଅଭିଯୁକ୍ତ ତଥା ମୂଲ୍ୟବାନ ପଥର ବ୍ୟବସାୟରେ ଦଲାଲ ଭାବେ କାର୍ଯ୍ୟ କରୁଥିବା ମଳୟ ସହ ପୂର୍ବରୁ ରୁନାଙ୍କ ବ୍ୟବସାୟିକ ସମ୍ପର୍କ ରହିଥିଲା । ବିଶାଖାପାଟଣାର ପ୍ରେମ କୁମାର ନାମକ ଜଣେ ରନିପଥର ବ୍ୟବସାୟୀଙ୍କ ନିକଟରେ ୯.୯୬ କ୍ୟାରେଟର ଏକ ମୂଲ୍ୟବାନ ପଥର




ରହିଥିବା ରୁନା ଆଚାରୀ ଜାଣିବାକୁ ପାଇଥିଲେ । ସେହିକ୍ରମରେ ଅଭିଯୁକ୍ତ ମଳୟଙ୍କ ଜରିଆରେ ସେ ଉକ୍ତ ମୂଲ୍ୟବାନ ପଥର କିଣିବାକୁ ଚାହିଁଥିଲେ । ଏହାପରେ ଅଭିଯୁକ୍ତ ମଳୟ ଓ ଉପରୋକ୍ତ ୩ ଅଭିଯୁକ୍ତ ମିଶି ପ୍ରେମ କୁମାର ଠାରୁ ଉକ୍ତ ମୂଲ୍ୟବାନ ପଥର ଲୁଟ ପାଇଁ ଯୋଜନା କରିଥିଲେ । ରୁନା ଏବଂ ମଳୟଙ୍କ କହିବା ପ୍ରକାରେ ବିଶାଖାପାଟଣାରୁ ପ୍ରେମ କୁମାର ଭୁବନେଶ୍ୱରକୁ ଆସିଥିଲେ । ହେଲେ ସେଠାରେ ଡିଲ୍ ହୋଇନପାରିବାରୁ ରୁନା ଓ ପ୍ରେମ ବ୍ରହ୍ମପୁର ଚାଲି ଆସିଥିଲେ । ଏହାପର ଦିନ ଅର୍ଥାତ ଅଗଷ୍ଟ ୫ ତାରିଖରେ ଅଭିଯୁକ୍ତମାନେ ବ୍ରହ୍ମପୁରକୁ ଆସି ଦୁବାଇର ଜଣେ ବ୍ୟବସାୟୀ ଆସିଥିବା କହି ରୁନାଙ୍କ ଘରେ ପହଞ୍ଚି ରୁନାଙ୍କ ଉପରକୁ ଗୁଳି ମାଡ଼ କରି ଉକ୍ତ ଅଳଙ୍କାର ଲୁଟ କରି ନେଇ ଯାଇଥିଲେ । ଏହାଦେଖି ରୁନାଙ୍କ ଶାଳକ ସୁନୀଲ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲେ ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଆଜି ଗିରଫ ହୋଇଥିବା ଅଭିଯୁକ୍ତମାନେ ଦୁବାଇର ହିରା ବ୍ୟବସାୟୀ ବୋଲି ପରିଚୟ ଦେଇ ସେଭଳି ପୋଷାକ ପିନ୍ଧି ରୁନାଙ୍କ ଘରକୁ ଆସିଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ଅନ୍ୟପକ୍ଷରେ ଲୁଟ ହୋଇଥିବା ହୀରା ବର୍ତ୍ତମାନ ସୁଧା ପୁଲିସ ଉଦ୍ଧାର କରିପାରିନି ।

# ଡ୍ରିମ୍ସରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଧୁନିକ ଗ୍ରନ୍ଥାଗାରିକ ଓ ସୂଚନା ବିଜ୍ଞାନର ଜନ୍ମଦାତା ପଦ୍ମଶ୍ରୀ ଡ. ଏସ୍ଆର ରଙ୍ଗନାଥନ୍ ଓ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରାମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦଘାଟନ କରିବା ଅବସରରେ ଛାତ୍ରଛାତ୍ରୀମାନେ ଗ୍ରନ୍'ାଗାରର ସଠିକ୍ ଉପଯୋଗ କରି ନିଜର ଲକ୍ଷ୍ୟ ହାସଲରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ । ମୁଖ୍ୟଅତିଥି ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗ୍ରନ୍ଥାଗାରିକ ତଥା ବିଶିଷ୍ଟ ସୂଚନା ବିଜ୍ଞାନୀ ପ୍ରଫେସର ଡ. ଡିବି ରମେଶ କହିଲେ ଆଜିର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗ୍ରନ୍ଥାଗାର ଓ ପୁସ୍ତକ ପଠନର ପରିଭାଷାରେ ପରିବର୍ତ୍ତନ ଆସିଥିଲେବି ପୁସ୍ତକ ଓ ପାଠାଗାରର ବିକଳ୍ପ ନାହିଁ । ତେବେ ଗ୍ରନ୍ଥାଗାର ପ୍ରତି ସାଧାରଣ ପାଠକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ ଗବେଷକଙ୍କୁ ଆକୃଷ୍ଟ କରିବା ଏବଂ ସେମାନେ ଆବଶ୍ୟକ କରୁଥିବା ସମସ୍ତ ସୂଚନା ଓ ସହାୟତା ଯୋଗାଇଦେବା ହେଉଛି ଗ୍ରନ୍ଥାଗାରିକଙ୍କ ପ୍ରଧାନ କାର୍ଯ୍ୟ । ଏଥିପ୍ରତି ସେମାନେ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଜ୍ଞାନବିଜ୍ଞାନର ଉନ୍ମେଷ କ୍ଷେତ୍ରରେ ପାଠାଗାର ଆବଶ୍ୟକତା ଯଥେଷ୍ଟ ରହିଥିବା ଉଲ୍ଲେଖ କରି ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ନିୟମିତ ପାଠାଗାରର ଉପଯୋଗ କରିବା ଓ ପଠନାଭ୍ୟାସ ବୃଦ୍ଧି କରିବା ଉଚିତ୍ ବୋଲି କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପାଠାଗାର ଶିକ୍ଷାନୁଷ୍ଠାନର ଏକ ପ୍ରମୁଖ ଅଙ୍ଗ ବୋଲି ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟର ମୁଖ୍ୟ ଗ୍ରନ୍'ାଗାରିକ ଡ. ବିଭୁପ୍ରସାଦ ପଣ୍ଡା ସ୍ୱାଗତ ଅଭିଭାଷଣ ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗ୍ରନ୍'ାଗାରିକ ପବିତ୍ର କୁମାର ନାୟକ ଓ ଛାତ୍ରୀ ନିଶା ଅଧିକାରୀ ପାଠାଗରର ଗୁରୁତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପିକା ମୀନାରାଣୀ ସିଂ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଗାଈଗୋରୁଙ୍କ ଯୋଗୁଁ ରାସ୍ତାରେ ଘଟୁଛି ଦୁର୍ଘଟଣା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସହରରେ ବିଭିନ୍ନ ରାସ୍ତା ହେଉ କି ଜାତୀୟ ରାଜପଥ ହେଉ ଦିନକୁ ଦିନ ଅସହ୍ୟ ହେଲାଣି ବୁଲା ଗାଈଗୋରୁଙ୍କ ଅବାଧ ଚଳପ୍ରଚଳ । ଫଳରେ ଦୈନିକ ଘଟୁଛି ଦୁର୍ଘଟଣା । ଏପରିକି ଲୋକେ ମଧ ଦୁର୍ଘଟଣାରେ ଆହତ ହେଉଛନ୍ତି । କେତେବେଳେ ଅଜଣା ଗାଡି ଧକ୍କାରେ ଗାଈ ମଧ ମରୁଛନ୍ତି । ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି । ଗତକାଲି ବିଳମ୍ବିତ ରାତ୍ରରେ ଛତ୍ରପୁର କଲେଜ ଛକ ଜାତୀୟ ରାଜପଥରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଦୁଇଟି ଗାଈ ମୃତ୍ୟୁ ହୋଇଥିବା



ବେଳେ ଦୁଇଟି ଗାଈ ଗୁରୁତର ଆହତ ହୋଇ ରାସ୍ତା ଉପରେ ଛଟପଟ ହେଉଥିବା ବେଳେ ତାଙ୍କୁ ପରେ ଚିକିତ୍ସା କରି ରାସ୍ତାରୁ ହଟାଯାଇଥିଲା । ଛତ୍ରପୁରରେ ଏବେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଗାଈ ରଖୁଥିବା ମାଲିକ ମାନେ ଗୁହାଳରେ ନରଖି ରାସ୍ତା ଉପରେ ଛାଡି ଦେଉଛନ୍ତି । ଫଳରେ ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଛି । କେତେବେଳେ ଗାଡି ଧକ୍କାରେ ଗାଈଗୋରୁଙ୍କ ଜୀବନ ଯାଉଛି ତ କେତେବେଳେ ବାଇକ ଆରୋହୀ ହେଉ ବା ଅନ୍ୟ କୌଣସି ଯାତ୍ରୀ । ଅମାନିଆ ଗୋରୁମାଲିକଙ୍କ ବିରୁଦ୍ଧରେ କୌଣସି ଅଙ୍କୁଶ ନଥିବାରୁ କ୍ଷୀର ଦୁହିଁ ଗାଈକୁ ଗୁହାଳରେ ନରଖି ସେମାନଙ୍କୁ ରାଜରାସ୍ତାକୁ ଛାଡି ଦେଉଛନ୍ତି । ଯାହାର କୁପରିଣାମ ଭୋଗୁଛନ୍ତି ସହରବାସୀ । କେବଳ ଛତ୍ରପୁରର ଏହି ସମସ୍ୟା ନାହିଁ ସବୁଠି ଏହି ସମସ୍ୟା ଦେଖିବାକୁ ମିଳୁଛି । ଗାଈଗୋରୁଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । କାଞ୍ଜିଆକୁଦା ନଥିବାରୁ ଗାଈଗୋରୁ ରଖିବା ପାଇଁ ଏନଏସି ପ୍ରଶାସନ ଆଗଭର ହେଉନାହିଁ । ତେଣୁ ପ୍ରଶାସନ ତୁରନ୍ତ ଏକ କାଞ୍ଜିଆକୁଆ ନିର୍ମାଣ କରି ଯେଉଁ ଗୋରୁଗୁଡିକ ରାସ୍ତାରେ ବୁଲୁଥିବେ ସେମାନଙ୍କୁ ଉଠାଯାଇ ସେଠାରେ ଛାଡିବାକୁ ଦାବୀ ହୋଇଛି । ଏପରିକି ଗାଈଗୋରୁ ପାଇଁ ଦୈନିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ବିଶେଷ କରି ଜାତୀୟ ରାଜପଥ, ସହରର ବିଭିନ୍ନ ମୁଖ୍ୟ ରାସ୍ତା ଉପରେ ଗୋରୁମାନେ ରହିଥିବାରୁ ସମସ୍ୟା ଦେଖାଦେଉଛି । ବିଶେଷକରି ରାତ୍ର ସମୟରେ ଏହି ସମସ୍ୟା ଦୁଇଗୁଣିତ ହୋଇଯାଉଛି । ଏଥିପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଅଗ୍ନିକାଣ୍ଡରେ ଚାଳଘର ଭସ୍ମୀଭୂତ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକର ଭଗବାନପୁର ଗ୍ରାମ ଛକ ନିକଟରେ ଥିବା ଏକ ଚାଳଘରେ ଅଗ୍ନିକାଣ୍ଡ ଘଟିଛି । ପ୍ରକାଶ ଯେ, କେନ୍ଦୁପତ୍ର ରଖିବା ପାଇଁ ତିଆରି ହୋଇଥିବା ସେହି ଘରେ କିଛି ଲୋକ ନିଜ ନିଜର ଛେଳି ରଖୁଥିଲେ । ଛେଳି ରଖିବାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଶୁକ୍ରବାର ରାତିରେ ସେହି ଚାଳ ଘରଟି ହୁତୁହୁତୁ ହୋଇ ଜଳି ଉଠିଥିଲା । ଏନେଇ ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ଜଣାଯାଇଛି ।

# ଘରୁ ଦୁଇଟି ମୋବାଇଲ ନେଇଗଲେ ଦୁର୍ବୃତ୍ତ

ବ୍ରହ୍ମପୁର, (ସବ୍ୟୁ): ଘର ଭିତରେ ଚୋର ପଶି ଦୁଇଟି ମୋବାଇଲ ଓ ଇଅର ଫୋନ ଚୋରି କରିଛନ୍ତି । ଏନେଇ ଗୃହକର୍ତ୍ତା ସଂଗୀତା ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏନେଇ ୩୪୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ବିଜିପୁର ଟେଙ୍କ ରୋଡରେ ରହୁଥିବା ଉକ୍ତ ମହିଳାଙ୍କ ଘର ଉପର ମହଲର ଗ୍ରୀଲ ଭାଙ୍ଗି ଜଣେ ଦୁର୍ବୃତ୍ତ ଘରେ ପଶି ଡ୍ରେସିଂରୁମରେ ରଖାଯାଇଥିବା ଦାମୀ ମୋବାଇଲ ଚୋରି କରିଛନ୍ତି । ଘରେ ଲାଗିଥିବା ସିସିଟିଭି ଫୁଟେଜରେ ଜଣେ ଦୁର୍ବୃତ୍ତ ଚୋରି କରି ନେଇଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

# ଅମଲାତନ୍ତ୍ର ଆନ୍ଦୋଳନ ଯୋଗୁଁ ସତ୍ୟପାଠ ବାଧାପ୍ରାପ୍ତ

ବ୍ରହ୍ମପୁର, (ସବ୍ୟୁ): ପ୍ରଶାସନିକ ମାଜିଷ୍ଟ୍ରେଟଙ୍କ ନିକଟରେ ହେଉଥିବା ସତ୍ୟପାଠ ରାଜସ୍ୱ ଅମଲାତନ୍ତ୍ରର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ । ତେଣୁ ନୋଟାରୀ ପବ୍ଲିକ ନିକଟରେ ସତ୍ୟପାଠ କରିବା ନେଇ ବିଜ୍ଞପ୍ତି ଜାରି କରାଯାଉ ବୋଲି ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ କୁମାର ପଟ୍ଟନାୟକ ଏକ ପତ୍ର ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି । ଦାବୀ ଜଣାଇବାର କାରଣ ଏହି କି ଯେ, ପ୍ରଶାସନିକ ମାଜିଷ୍ଟ୍ରେଟଙ୍କ ପାଖରେ ହେଉଥିବା ସତ୍ୟପାଠ ଗୁଡିକ ସାରା ରାଜ୍ୟରେ ରାଜସ୍ୱ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହୋଇଛି । ଜନସାଧାରଣ, ଛାତ୍ରଛାତ୍ରୀ, ମହକିଲ ଓ ଓକିଲ ମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନିକ ପାଖେର ହେଉଥିବା ସତ୍ୟପାଠ ଗୁଡିକ ସ୍ଥାନୀୟ ନୋଟାରୀ ପବ୍ଲିକ ନିକଟରେ ହେବାନେଇ ଏକ ବିଜ୍ଞପ୍ତି ଜାରି କରାଯିବା ନିମନ୍ତେ ଶ୍ରୀ ପଟ୍ଟନାୟକ ଦାବି ଜଣାଇଛନ୍ତି ।

# ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ

କଟକ, (ସ୍ୱପ୍ର) : ଅଗ୍ରଣୀ ଅନୁଷ୍ଠାନ ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଟ ନାଗରିକ ଦିବସ ପାଟରା ସାହି ଠାରେ ସଭାପତି ହରି ନାରାୟଣ ବେବର୍ତ୍ତାଙ୍କ ଅଧକ୍ଷତାରେ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଙ୍ଘର ଉପଦେଷ୍ଟା ପ୍ରଫେସର ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର, ରମାକାନ୍ତ ପ୍ରଧାନ, ପୂର୍ଣ୍ୟଶ୍ଳୋକ ଦାସ, ଉପସ୍ଥିତ ସଦସ୍ୟ ମାନଙ୍କୁ ବରିଷ୍ଟ ନାଗରିକ ଦିବସର ଉଦ୍ଦେଶ୍ୟ ଓ ବରିଷ୍ଟ ନାଗରିକ ମାନଙ୍କର ସୁିଧା ଅସୁବିଧା ଉପରେ ଅଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ରଙ୍କ ସହିତ ଅକ୍ଷୟ କୁମାର ସାହୁ, ମିହିର କର, ବରଦା ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଚୋଧୁରୀ, ରାଜୀବ ଲୋଚନ ଦାଶ, ପ୍ରଫୁଲ୍ଲ ଲେଙ୍କା, ଉମାକାନ୍ତ ସାହୁ, ଅଶୋକ ସେନାପତି, ରାଜୀବ ଲୋଚନ ଦାସ, ନରେନ୍ଦ୍ର ଚୌଧୁରୀ, ବୀର କିଶୋର ଜେନା, ବିଜୟ ବାରିକ, ରାଜ କିଶୋର ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ, ହର ମୋହନ ସେଠି, ପ୍ରସନ୍ନ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବରିଷ୍ଟ ସଭ୍ୟ ଭଗବାନ ସେଠିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସାମଗ୍ରିକ ବିଦ୍ୟାଳୟ ବିକାଶ ଆଧାରିତ କର୍ମଶାଳା "ପ୍ରଗତି ଅନୁଷ୍ଠିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜାତଳାରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା "ପ୍ରଗତି (୧ମ ପ୍ରଯ୍ୟାୟ) ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଜାତଳା ବ୍ଲକର ୫୭ଜଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏହି ତିନିଦିନିଆ କର୍ମଶାଳାଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉଦXାଟନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରିକ ବେଶ୍ରା, ଅତିରିକ୍ତ



ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଜାତଳା ରଞ୍ଜନ କୁମାର ସାଣ୍ଡିଲ ଓ ସମସ୍ତ ସାଧନ କର୍ମୀ ଉପସ୍ଥିତ ଥିଲେ । ସହ-ସଂଯୋଜକ ତଥା ସାଧନ କର୍ମୀ ସାଗର କୁମାର ଦଳନାଏକ ତଥା ସାଧନ କର୍ମୀ ଭରତେନ୍ଦୁ ମହାନ୍ତ, ଶୁଭେନ୍ଦୁ ପାତ୍ର, ଲକ୍ଷ୍ମୀଧର ମହାନ୍ତଙ୍କର ଦ୍ୱାରା ତିନିଦିନଧରି କର୍ମଶାଳାଟି ସୂଚାରୁରୂପେ ପରିଚାଳିତ ହୋଇଥିଲା । ପ୍ରଶିକ୍ଷଣ ଦିବସର ଶେଷ ପର୍ଯ୍ୟାୟରେ ପ୍ରଧାନ ଶିକ୍ଷକ ନାରାୟଣ ମୁର୍ମୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ପେଟିକାଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ, ଜାତୀୟ ଶିକ୍ଷା ନୀତି-୨୦୨୦ର ପୁନର୍ବିଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍'ା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥିଲା।

# ୨୨ତମ ମୟୂରଭଞ୍ଜ ଜିଲ୍ଲା ସିପିଆଇ ସମ୍ମିଳନୀ ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତ୍ୟାଗ, ବଳୀଦାନ ଓ ଗଣ ସଂଗ୍ରାମର ଶତବାର୍ଷିକୀ ଅବସରରେ ଅଗଷ୍ଟ ୨୧ ଓ ୨୨ତାରିଖ ଦୁଇ ଦିନ ଧରି ଜିଲ୍ଲା ପାର୍ଟିର ୨୨ତମ ସମ୍ମିଳନୀ ଝାରପୋଖରିଆ, (ବମ୍ବେଛକ) ଠାରେ ସାଥୀ ରଥ ସିଂ ନଗରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶହ ଶହ ମହିଳା ପୁରୁଷ ସାଥୀ ଓ ସମର୍ଥକମାନେ ଏକ ବର୍ଣ୍ଣାଢ୍ୟ ଲାଲ ଶୋଭାଯାତ୍ରାରେ ସ୍ଥାନୀୟ ଲୋକନାଥ ମନ୍ଦିର ଠାରୁ ବାହାରି ବଜାର ପରିକ୍ରମା କରି ସାଧାରଣ ସଭା ସ୍ଥଳରେ ପହଞ୍ଚି ଥିଲେ । ସାଥୀ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ରାଜ୍ୟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଓଡିଶା ହାଇକୋର୍ଟର ଆଇନଜୀବି ସାଥୀ ଡାଃ ପ୍ରଶାନ୍ତ କୁମାର ମିଶ୍ର, ସାଥୀ ଜୟନ୍ତ ଦାସ, ଜିଲ୍ଲା ପାର୍ଟିର ବର୍ଷିୟାନ ନେତା ସାଥୀ ତ୍ରିନାଥ ପାତ୍ର, ହୃଷୀକେଶ ସାହୁ, ପରମେଶ୍ୱର ମହାନ୍ତ, ବଳରାମ ମୁର୍ମୁ, ପାରାଓ ହାଁସଦାଃ, ଚିତ୍ରମଣି ସିଂ, ମହେଶ୍ୱର ବେହେରା ଓ ନାରାୟଣ ଟୁଡୁ ପ୍ରମୁଖ ବକ୍ତବ୍ୟ ରଖି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶହେ ବର୍ଷର ଇତିହାସ ଉପରେ ଆଲୋକପାତ କରିବା ସହ ଅପାରଗ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରର ମିଥ୍ୟା ପ୍ରତିଶ୍ରୁତି ଭିତରେ ସମ୍ବିଧାନ ଓ ଗଣତନ୍ତ୍ର କ=ରୋଧ କରାଯାଉଛି ବୋଲି ମତବ୍ୟକ୍ତ କରିବା ସହ କୃଷକ, ଶ୍ରମିକ, ମହିଳାଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯାଇପାରିବ ନାହିଁ ଓ ଏହା ବିରୁଧରେ ଜନ ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଦେଇଛନ୍ତି । ଅପରାହ୍ନରେ ଜିଲ୍ଲାର ପ୍ରତ୍ୟେକ ଶାଖା ଓ ଜୋନ୍ ରୁ ନିର୍ବାଚିତ ହୋଇ ଆସିଥିବା ପ୍ରତିନିଧିମାନଙ୍କ ଖୋଲା ଅଧିବେଶନକୁ ସାଥୀ ଡାଃ ପ୍ରଶାନ୍ତ କୁମାର ମିଶ୍ର ଉଦଘାଟନ କରିବା ପରେ, ଜିଲ୍ଲା ସଂପାଦକ ଆଗତ କରିଥିବା ସାଂଗଠନିକ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ମଞ୍ଜୁରି ଦେବା ସହ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିରାମ ହୀନ ଆନ୍ଦୋଳନକୁ ଚଳାଇ ରଖିବାକୁ ପରାମର୍ଶ ଦେଇଥିଲେ । ସାଥୀ ଜୟନ୍ତ ଦାସ ଆଗାମୀ ରାଜ୍ୟ ସମ୍ମିଳନୀ ସେପେଟମ୍ବର ମାସ ୪, ୫, ଓ




୬ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ଜିଲ୍ଲାରୁ ଏକହଜାର ସାଥୀ, ଶୁଭେଚ୍ଛୁ ସଂଗ୍ରାମ, ସଂକଳ୍ପ ସମାବେଶରେ ଯୋଗ ଦେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି । ଆଗାମୀ ୩ବର୍ଷ ପାଇଁ ଏକ ୨୧ଜଣିଆ ଜିଲ୍ଲା ପରିଷଦ ନିର୍ବାଚିତ କରାଯାଇ ଜିଲ୍ଲା ସମ୍ପାଦକ ଭାବେ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ଭାବେ ସାଥୀ ପରମେଶ୍ୱର ମହାନ୍ତ, କୋଷାଧକ୍ଷ ଭାବେ ସାଥୀ ହୃଷୀକେଶ ସାହୁଙ୍କୁ ନିର୍ବାଚିତ କରାଯାଇଛି ।

## ଗୋପାଳପୁର ଟାଟା ଷ୍ଟିଲ୍

# ଫେରୋ ଆଲଏଜ କାରଖାନାରେ ଫର୍ଣ୍ଣେସ୍ ତୈଳ ପରିବର୍ତ୍ତେ ସ୍ୱଚ୍ଛ ଇନ୍ଧନ ବ୍ୟବହାର

ବ୍ରହ୍ମପୁର, (ସବ୍ୟୁ): ପରିବେଶ ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇ ସ୍ୱଚ୍ଛ ଇନ୍ଧନ ଆପଣାଇଛି ଟାଟା ଷ୍ଟିଲର ଗୋପାଳପୁର ଫେରୋ ଆଲଏଜ୍ ପ୍ଲାଣ୍ଟ । ଫେରୋ ଆଲଏଜ୍ ଓ ମିନେରାଲସ ଡିଭିଜନ ଅଧୀନରେ ଥିବା ଏହି ପ୍ଲାଣ୍ଟରେ ଏବେ ଫର୍ଣ୍ଣେସ୍ ତୈଳ ବଦଳରେ ଆରମ୍ଭ ହୋଇଛି ଏଲପିଜିର ବ୍ୟବହାର । କମ୍ପାନୀ ପକ୍ଷରୁ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ ସହ ଏକ ବୁଝାମଣା ଅନୁଯାୟୀ ଆଇଓସିଏଲ୍ ଗୋପାଳପୁର ପ୍ଲାଣ୍ଟକୁ ଆବଶ୍ୟକ ପରିମାଣର ଏଲପିଜି ଯୋଗାଇଦେବ । ଏହାଦ୍ୱାରା କାର୍ବନ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବା ସହ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇବ । ଏହି ଦୀର୍ଘସ୍ଥାୟୀ କମ୍ପାନୀର ପରିବେଶ ପ୍ରତି ରହିଥିବା ପ୍ରତିବଦ୍ଧତା ଦର୍ଶାଇବା ସହ ପାରମ୍ପରିକ ତୈଳ ଉପରେ ନିର୍ଭରଶୀଳତା କମ କରିବା ପାଇଁ ଆହୁରି ସୁଦୃଢ଼ କରୁଛି । ଏହି ଶୁଭାରମ୍ଭ ଅବସରରେ ଟାଟା ଷ୍ଟିଲ



ଏଫ୍ଏଏମଡିର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, ଏଫ୍ଏପି ଗୋପାଳପୁରରେ ଫର୍ଣ୍ଣେସ୍ ତୈଳ ବଦଳରେ ଏଲପିଜି ବ୍ୟବହାରର ଶୁଭାରମ୍ଭ କରି ଆମେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ । କାର୍ବନ ନିର୍ଗମନ ହ୍ରାସ ପାଇଁ ଆମର ଏହି ସ୍ୱଚ୍ଛ ଇନ୍ଧନ ଯାତ୍ରାରେ ଇଣ୍ଡିଆନ୍ ଅଏଲ୍ ସହ ଭାଗିଦାରୀ ନେଇ ଆମେ ଅତ୍ୟନ୍ତ ଖୁସ । ଏହି ଉପକ୍ରମ ଦ୍ୱାରା କ୍ଷତିକାରକ ସଲ®ର୍ ଅକ୍ସାଇଡ୍ ହ୍ରାସ ହେବ ଓ ସବୁଜ ଶିଳ୍ପ ଭବିଷ୍ୟତ ପ୍ରତି ଭାରତର ଯାତ୍ରାରେ ଅବଦାନ ସୁନିଶ୍ଚିତ ହୋଇପାରିବ । ଏହି ଏଲପିଜି ସୁବିଧା ଦ୍ୱାରା କାରଖାନାରେ କ୍ରୋମ ବ୍ରିକେ୍ୱଟ ଉତ୍ପାଦନ ପାଇଁ କ୍ରୋମ ପଥର ପ୍ରିହିଟିଂରେ ସ୍ୱଚ୍ଛ ଇନ୍ଧନ ବ୍ୟବହାର କରାଯିବ । ତୈଳ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଏହା ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶିଳ୍ପ ପରିଚାଳନା ଦିଗରେ ଏକ ରୂପାନ୍ତରଣ ପଦକ୍ଷେପ । ଏଲପିଜି ବ୍ୟବହାର ଦ୍ୱାରା କାରଖାନାର କାର୍ବନ ଫୁଟ୍-ଫ୍ରିଂଟ୍ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ପରିବେଶଗତ ଲାଭ ବ୍ୟତୀତ ଏହାଦ୍ୱାରା ଖର୍ଚ୍ଚରେ ସୁଧାର ଆସିବ ଏବଂ କାରଖାନାରେ ପରିଚାଳନାଗତ ଦକ୍ଷତା ମଧ ବୃଦ୍ଧି ପାଇବ । ଉଲ୍ଲେଖ ଥାଉକି, ଏହା ପୂର୍ବରୁ ଟାଟା ଷ୍ଟିଲ ଏଫ୍ଏଏମଡି ଏହାର ଯାଜପୁର ସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟରେ ଫର୍ଣ୍ଣେସ ତୈଳ ବ୍ୟବହାରକୁ ବନ୍ଦ କରି ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ (ପିଏନଜି) ପରି ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ଆପଣାଇ ସାରିଛି । ଏହି ଉଦଘାଟନୀ ସମାରୋହରେ ଏଫ୍ଏଏମଡି ପରିଚାଳନା ମୁଖ୍ୟ (ଫେରୋ ଆଲଏଜ୍ ପ୍ଲାଣ୍ଟ) ବିଡି ନନ୍ଦ, ଏଫ୍ଏପି ଗୋପାଳପୁରର ମୁଖ୍ୟ କିଶୋର ବରନ ମାଇଟି, ଏଫ୍ଏପି ଓ ଏଫପିସିର ସୁରକ୍ଷା ମୁଖ୍ୟ ଅଟଲା ରାମବାବୁ ଓ ଟାଟା ଷ୍ଟିଲ ଏଫ୍ଏଏମ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ପଡ଼ିଲା ତାଲା
## ଆନ୍ଦୋଳନରେ ଅବିଭାବକ, ଛାତ୍ରଛାତ୍ରୀ



ପଦ୍ମପୁର, (ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଖେମେଡଖାର ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଏହି ବିଦ୍ୟାଳୟକୁ ନିତିଦିନ ଆଖପାଖ ପାଞ୍ଚଗୋଟି ଗାଁର ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଆସିଥାନ୍ତି। ନିକଟରେ ଏହି ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପାଠ ପାଉଥିବା ଶିକ୍ଷକ ଟିକେଚାନ୍ଦ ବାରିକଙ୍କୁ ସିଆରସିସି ଭାବେ ଦାୟିତ୍ୱ ଦେବା ପରେ ସେ କାର୍ଯ୍ୟଭାର କାମ ଯୋଗୁ ପାଠ ପଢ଼ାଉ ନାହାନ୍ତି । ତେବେ ପିଲାମାନଙ୍କ ପାଠ ପଢ଼ା ପାଇଁ ନୂତନ ଶିକ୍ଷକ ନିଯୁକ୍ତ ପାଇଁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଇଓଙ୍କୁ ଲିଖିତ ଭାବରେ ଜଣାଇଥିଲେ ।

ହେଲେ ବିଭାଗ ଏ ବିଷୟରେ କୌଣସି ଗୁରୁତ୍ୱ ନ ଦେବାରୁ ଶନିବାର ବିଦ୍ୟାଳୟକୁ ତାଲା ବନ୍ଦ କରି ଅବିଭାବକ ଓ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଯେ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତ ନ ଦେବେ ସେ ପର୍ଯ୍ୟନ୍ତ ତାଲାବନ୍ଦ ରହିବ ବୋଲି ଅବିଭାବକ ମାନେ କହିଛନ୍ତି ।

## କଲେଜ ଛାତ୍ରୀଙ୍କୁ ବସ୍‌ଷ୍ଟାଣ୍ଡରେ ଦୁର୍ବ୍ୟବହାର

ସୋନପୁର, (ସବ୍ୟୁ) : ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ତିନି ଜଣ ନାବାଳକ ଆସି ବସ ଷ୍ଟାଣ୍ଡ ଭିତରେ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଞ୍ଚଳର ଘଟଣା । ନାବାଳିକା ଜଣକ ବସ ଷ୍ଟାଣ୍ଡରେ ବସକୁ ଅପେକ୍ଷା କରିବା ସମୟରେ. ଏ ତିନି ଜଣ ନାବାଳକ ଆସି ଥିଲେ । ସେଠାରେ ପହଞ୍ଚି ମାଡ଼ ମାରିଥିଲେ । ସେଠାରୁ ଦୌଡ଼ି ଯାଇ ବିନିକା ଥାନା ପୋଲିସ ଆଗରେ ସବୁ କଥା କହିଥିଲେ । ଏନେଇ କେସ ନଂ ୧୬୭/୨୦୨୫ ରେ ଏକ କେସ ରୁଜୁ ହୋଇଛି ।

ସିସିଟିଭିରେ ଦେଖାଯାଉଛି ଯେ ନାବାଳିକାଙ୍କ ଚୁଟିକୁ ଧରି ଘୋଷାରି ନେଉଛନ୍ତି । ସିସି ଟିଭି ଫୁଟେଜ ରେ ପୁରା ରେକର୍ଡ ହୋଇଛି । ସେହି ସମୟର ସିସି ଟିଭି ଫୁଟେଜ ବର୍ତମାନ ଭାଇରଲ ହେଉଛି । ପୋଲିସ ସେ ଜାଗା କୁ ତୁରନ୍ତ ପହଂଚି ଥିଲା । ଅଭିଯୁକ୍ତ ମାନେ ସେଠାରୁ ଫେରାର ହୋଇ ଯାଇ ଥିଲେ । ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ପାଇଁ ଦାବି ହେଉଛି। ବିନିକା ପୋଲିସ ଫୋନ୍ ମାଧ୍ୟମରେ ବୁଝିବାରୁ ଏହି ଘଟଣା ପ୍ରେମ ଜନିତ ବୋଲି ପ୍ରକାଶ କରିଛନ୍ତି ।

# ମୋବାଇଲ ଲାଇଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା

ରାୟଗଡ଼ା,(ସବ୍ୟୁ): ବିଦ୍ୟୁତ କାଟ୍ ଯୋଗୁଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ବ୍ୟାହତ ହୋଇଛି। ମରାମତି କାରଣରୁ ସହରକୁ ୩ ଘଣ୍ଟା ଧରି ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବା ବେଳେ ଡିଏଚ୍‌ଏଚ୍ ଥିବା ଜେନେରେଟର୍ ଅଚଳ ଥିବାରୁ ମୋବାଇଲ ଲାଇଟରେ ଚିକିତ୍ସା କରିଛନ୍ତି ଡାକ୍ତରୀ ଯାହାକୁ ନେଇ ରୋଗ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରିଡ଼ରେ ଯାନ୍ତ୍ରିକ ତ୍ରୁଟି କାରଣରୁ ମରାମତି ଲାଗି ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରୁ ରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁ କାଟ୍ ନେଇ ପୂର୍ବରୁ ବିଭାଗୀୟ କର୍ତ୍ତ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ବିଦ୍ୟୁତ୍ ବିଭାଗର ଘୋଷଣା ସତ୍ତ୍ୱେ ଡିଏଚ୍‌ଏଚ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିଲେ ଜେନେରେଟର୍ ଅଚଳ ହୋଇ ପଡ଼ିଥିବାରୁ ବିଭିନ୍ନ ୱାର୍ଡରେ ଥିବା ଶହ ଶହ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଜେନେରେଟର୍ ସଜାଡ଼ିବା ଦିଗରେ ଡିଏଚ୍‌ଏଚ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ବାରମ୍ବାର ସାଧାରଣ ଲୋକ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମେଡିକାଲ୍ ଅଧୀକ୍ଷକ (ଏଡିଏମଓ) ଡା. ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି, ହଠାତ୍ ଜେନେରେଟରର ଅଚଳ ହୋଇ ପଡ଼ିବାରୁ କିଛି ୱାର୍ଡରେ ରୋଗୀ ସେବା ବ୍ୟାହତ ହୋଇଥିଲା। ପୂର୍ବରୁ ବିଭିନ୍ନ ଚିକିତ୍ସା ଲାଗି ରୋଗୀ ଅପେକ୍ଷା କରି ରହିଥିବାରୁ ଏବଂ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଚିକିତ୍ସା ଲାଗି ମୋବାଇଲ ଲାଇଟ୍ ବ୍ୟବହାର କରାଯାଇଥିଲା ।

# ପୁରା ଉଆଁସ ପାଳିଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ



ବରଗଡ଼, (ସବ୍ୟୁ) : ଶନିବାର ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହ ଉଦ୍ଦୀପନା ସହକାରେ କୃଷିଭିତ୍ତିକ ପର୍ବ ପୁରା ଉଆଁସ ପାଳନ କରିଛନ୍ତି । ଏ ଅବସରରେ ସ୍କୁଲ ପରିସରରୁ ମାଟି ହାତୀ ଘୋଡାକୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ଟାଉନ ଥାନା ପରିସରକୁ ପହଞ୍ଚିଥିଲେ । ଏ ଅବସରରେ ପୂର୍ବତନ ବିଧାୟକ ସାଧୁ ନେପାକ, ପୋରାଧ୍ୟକ୍ଷା କଳ୍ପନା ମାଝୀ , ମାମି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ମାଟି ହାତୀ ଘୋଡାକୁ ପୂଜାର୍ଚ୍ଚନା କରିଥିଲେ । କୃଷିଭିତ୍ତିକ ଏହି ପର୍ବ ଧିରେ ଧିରେ ବିଲୁପ୍ତ ହେବାକୁ ବସିଥିବା ବେଳେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ତରଫରୁ ଏହାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ସ୍ୱାମୀ

ଜମନକିରା/ସମ୍ବଲପୁର, (ସବ୍ୟୁ): ଅନେକ ଆଶା ନେଇ ଦାଦନ ଖଟିବାକୁ ଯାଇଥିଲେ ବୃଷଭାନୁ । ହେଲେ ଦେଢ଼ ମାସ ହେଲାଣି କେଉଁ ଆଡ଼େ ନିଖୋଜ ହୋଇଯାଇଛନ୍ତି । ସ୍ୱାମୀକୁ ଫେରାଇ ଆଣିବାକୁ ବାରଦୁଆର ବୁଲୁଛନ୍ତି ସ୍ତ୍ରୀ । ତାଙ୍କ ସାଥିରେ ଯାଇଥିବା ପଡ଼ୋଶୀ ବି ଫେରି ଆସିଲେଣି। ଏମିତି କେତେ କ'ଣ ଭାବି ଭାବି ଲୁହ ଗଡ଼ାଉଛନ୍ତି ସ୍ତ୍ରୀ। ମୋବାଇଲ ଧରି ଏଣେତେଣେ ଚାହିଁ ରହୁଛନ୍ତି। କାଳେ ସ୍ୱାମୀଙ୍କ କଲ୍ ଆସିଯିବ। ଝିଅ ବାପାର ଫଟୋ ଧରି ମା'କୁ ପଚାରୁଛି, ମା' ବାପା କେବେ ଆସିବେ। ହେଲେ ମା' ବା କ'ଣ ଉତ୍ତର ଦେବ। ଅସହାୟ ରଶ୍ମିତା ସ୍ୱାମୀର ଫେରିବା ବାଟକୁ ଚାହିଁବସିଛନ୍ତି ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଥାନା ମୁଣ୍ଡାଲୋଇ ଗାଁର ୪୦ ବର୍ଷୀୟା ବୃଷଭାନୁ ବାଘ । ଦଲାଲଙ୍କ ପ୍ରଲୋଭନରେ ପଡ଼ି ତେଲେଙ୍ଗାନା ଦାଦନ ଖଟିବାକୁ ଯାଇଥିଲେ। ସାଥିରେ ଗାଁର ଆଉ ୩ ଜଣ ବି ଥିଲେ। କିଛିଦିନ କାମ କରିବା ପରେ ଘରକୁ ଫେରିବାକୁ ବାହାରିଥିଲେ ବୃଷଭାନୁ । ତାଙ୍କର ଜଣେ ସହେଯାଗୀ ତାଙ୍କୁ କାଜୁପେଡ ଷ୍ଟେସନରେ ଟ୍ରେନରେ ବସାଇ ଦେଇଥିଲେ । ହେଲେ ସେବେଠୁ ଘରେ ପହଞ୍ଚିନାହାନ୍ତି । ସ୍ୱାମୀକୁ ଖୋଜି ଆଣିବାକୁ ବାରଦୁଆର ବୁଲି ନେହୁରା ହେଉଛି ସ୍ତ୍ରୀ । ଚିନ୍ତାରେ ପୂରା ପରିବାର । ବୃଷଭାନୁ ନିଖୋଜ ହେବା ପରେ ଅସହାୟ ହୋଇପଡ଼ିଛି ପରିବାର। ଘର ଚଳିବା, ପିଲା ପାଠ ପିବା ସବୁ କଷ୍ଟକର ହୋଇପଡ଼ିଛି। ତୁରନ୍ତ ତାଙ୍କୁ ଖୋଜି ଆଣିବାକୁ ସରକାରଙ୍କୁ ନିବେଦନ କରିଛି ପରିବାର ।

# ଡୁଡୁମା ଜଳପ୍ରପାତରେ ଭାସିଗଲେ ୟୁଟ୍ୟୁବର

କୋରାପୁଟ, (ସବ୍ୟୁ) : ଡ୍ରୋନ୍ କ୍ୟାମେରାରେ ଭିଡ଼ିଓ ଉତ୍ତୋଳନ ବେଳେ ଭାସିଗଲେ ପର୍ଯ୍ୟଟକ। ମାଛକୁଣ୍ଡ ଡୁଡୁମା ଜଳପ୍ରପାତରେ ଡ୍ରୋନ କେମେରା ସାହାଯ୍ୟରେ ଜଣେ ପର୍ଯ୍ୟଟକ ଭିଡ଼ିଓ ଉତ୍ତୋଳନ କରୁଥିବା ସମୟରେ ବନ୍ୟା ଜଳରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣକ ବ୍ରହ୍ମପୁର ଅଞ୍ଚଳର ହୋଇଥିବା ବେଳେ ସେ ଜଣେ ୟୁଟ୍ୟୁବ ବ୍ଲଗର ବୋଲି ଜଣାପଡିଛି।

ମାଛକୁଣ୍ଡ ଡୁଡୁମା ଜଳପ୍ରପାତକୁ ଦେଖିବା ନିମନ୍ତେ କଟକ ଅଞ୍ଚଳର ଅଭିଜିତ ବେହେରା ଓ ବ୍ରହ୍ମପୁର ଅଞ୍ଚଳର ସାଗର ଟୁଡୁ (୨୨) ଦୁଇଜଣ ସାଙ୍ଗ ହୋଇ କୋରାପୁଟ ଯାଇଥିଲେ। ଡୁଡୁମା ଜଳପ୍ରପାତର ଉପରପାର୍ଶ୍ୱରେ ଦୁଇ ଜଣ ସାଙ୍ଗ ହୋଇ ଭିଡ଼ିଓ ଫୋଟ ଉଠାଇଥିବା ବେଳେ ସେଠାରେ କିଛି ପର୍ଯ୍ୟଟକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଉପସ୍ଥିତ ଥିଲେ। କିଛିଦିନ ହେଲା ରାଜ୍ୟରେ ବିଭିନ୍ନ ଜାଗାରେ ଲଗାଣ ବର୍ଷା ହେଉଥିବା ବେଳେ ଲମତାପୁଟ ବ୍ଲକରେ ମଧ୍ୟ ଭୀଷଣ ବର୍ଷା ହୋଇ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ମୁଖ୍ୟ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରୁ ଡ୍ୟାମ କର୍ତ୍ତୃପକ୍ଷ ଅପରାହ୍ନ ସମୟରେ ୨ ହଜାର କ୍ୟୁସେକ ଜଳ ମାଛକୁଣ୍ଡ ଡ୍ୟାମକୁ ଛାଡିଥିଲେ।

ଡ୍ୟାମରେ ଜଲାପୁଟ ଜଳଭଣ୍ଡାର ଜଳ ପହଞ୍ଚିବା ପରେ ମାଛକୁଣ୍ଡ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଥିଲା। ବିଭାଗୀୟ ଅଧିକାରୀ ଡ୍ୟାମର ସୁରକ୍ଷା ଦୃଷ୍ଟିରେ ରଖି ଆବଶ୍ୟକ ପାଣି ରଖି ବାକି ପାଣି ନିଷ୍କାସନ କରିବାକୁ ବାଧ ହୋଇଥିଲେ। ହଠାତ ଡ୍ୟାମର ୭ ନମ୍ବର ଗେଟରୁ ୧୫ ଶହ କ୍ୟୁସେକ୍ଜ ଜଳ ତିନିଥର ସାଇରନ ମାରି ଛଡ଼ାଯାଇଥିଲା। ଡୁଡୁମା ଜଳପ୍ରପାତରେ ଉପର ପାର୍ଶ୍ୱରେ କିଛି ପର୍ଯ୍ୟଟକ, ସ୍ଥାନୀୟ ଅଞ୍ଚଳବାସୀ ଏବଂ ନିଖୋଜ ଯୁବକ ସହିତ ସାଙ୍ଗ ଉପସ୍ଥିତ ଥିଲେ।

ସାଇରନ ଶବ୍ଦ ଶୁଣି ମାଛ ମାରିବାକୁ ଯାଇଥିବା କେଉଟ ମାନେ ନଦୀରେ ବନ୍ୟା ଜଳ ଆସୁଥିବା ଦେଖିନେଇ ପ୍ରାଣବିକଳରେ ଦୌଡ଼ିଥିବା ବେଳେ ଉକ୍ତ ୟୁଟ୍ୟୁବର ଜଣକ ମଝି ନଦୀର ବନ୍ୟା ଜଳରେ ଅଟକି ରହିଗଲେ। ନିଖୋଜ ଯୁବକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଜଳପ୍ରପାତକୁ ଖସିଯାଇଥିଲେ। ଏହି ଘଟଣାଟି ସମଗ୍ର ଅଞ୍ଚଳରେ ପ୍ରସାରିତ ହେବାପରେ ଘଟଣାସ୍ଥଳରେ ଲମତାପୁଟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ମାଛକୁଣ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ ନିଖୋଜ ପର୍ଯ୍ୟଟକଙ୍କ କୌଣସି ସନ୍ଧାନ ମିଳିପାରିନାହିଁ।

# ହାଇ ଏଟିଭର ପରୀକ୍ଷା ଦେଲେ ଜିଲ୍ଲାର ୧୨୩୭ ଛାତ୍ରଛାତ୍ରୀ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷତା ନିମନ୍ତେ ଅଭିନବ କାର୍ଯ୍ୟକ୍ରମ ପ୍ରକାଶ –୨୦୨୬ ହାତକୁ ନିଆଯାଇଛି। ଜିଲ୍ଲାର ତେର ଟି ବ୍ଲକର ୧୪ ଟି ପରୀକ୍ଷା କେନ୍ଦ୍ରରେ ହାଇ ଏଟିଭର ଚୟନ ନିମନ୍ତେ ଆୟୋଜିତ ପରୀକ୍ଷାରେ ଜିଲ୍ଲାର ମୋଟ ୩୧୬ ଟି ଉଚ୍ଚ ବିଦ୍ୟାଳୟର ୧୨୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୫୦୦ ଜଣ ଛାତ୍ରଛାତ୍ରୀଙ୍କୁ ଏ– ୱାନ ଗ୍ରେଡ଼ ପାଇବା ପାଇଁ କୋଚିଂ ପ୍ରଦାନ କରାଯିବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ଏ ୱାନ ଗ୍ରେଡ଼ ହାସଲ, ୫୦୦ ଜଣ ଏ –ଟୁ ଗ୍ରେଡ଼ ହାସଲ ଓ ସମସ୍ତ ଉଚ୍ଚ ବିଦ୍ୟାଳୟ ରେ ଶତ ପ୍ରତିଶତ ପାସ ହାର ପାଇଁ ପ୍ରକାଶ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ପରୀକ୍ଷାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ ସାଧନ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପଞ୍ଚସଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ସୁପରିଚାଳନା କାର୍ଯ୍ୟ ତଦାରଖ କରିଥିଲେଛ ସମସ୍ତ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ସୁପରିଚାଳନା ରେ ସହଯୋଗ କରିଥିଲେ।

# ଅଧ୍ୟାପକଙ୍କ ମାଡ଼ରେ ଛାତ୍ର ଗୁରୁତର, ଥାନାରେ ମାମଲା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ଏକ ଘରୋଇ କଲେଜର ଅଧ୍ୟାପକ ଜଣେ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏନେଇ ପୀଡିତ ଛାତ୍ରଙ୍କ ଅଭିଭାବକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ସହର ବଡବଜାର ଅଞ୍ଚଳର ଜଣେ ଏକାଦଶ ଶ୍ରେଣୀର ବିଜ୍ଞାନ ଛାତ୍ରଙ୍କୁ କଲେଜର ଅଧ୍ୟାପକ ଶ୍ରେଣୀ କକ୍ଷରେ ଗତ ୨୧ତାରିଖରେ ମାଡ଼ ମାରିଥିଲେ। ମୁଣ୍ଡର ପଛ ଭାଗରେ ମାଡ଼ ଏତେ ଜୋରରେ ହୋଇଥିଲା ଯେ, ଛାତ୍ରକୁ କିଛି ସମୟ ଦେଖା ଯାଇନଥିଲା । ଏପରିକି ସେ ଭୟରେ ଥରୁଥିଲେ । ଘରକୁ ଫେରିବା ପରେ ଏନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲା । ଛାତ୍ରଙ୍କ ମୁଣ୍ଡ ଫୁଲିଥିବା ବେଳେ ପରିବାର ଲୋକେ ପ୍ରଥମେ ଦେବେଇପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ତେବେ ସିଟି ସ୍କାନରେ ଛାତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସ୍ପଷ୍ଟ ହୋଇଛି । ଡାକ୍ତର ତାଙ୍କୁ ରେଷ୍ଟ ନେବା ପାଇଁ କହିଥିବା ବେଳେ ପୂର୍ବରୁ ଏହି ଅଧ୍ୟାପକ ବାରମ୍ବାର ଏଭଳି ଛାତ୍ରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଏହା ଜଣାପଡିବା ପରେ କର୍ତ୍ତୃପକ୍ଷ ସଂପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି । ପୂର୍ବରୁ ଏହି କଲେଜରେ ଜଣେ ଛାତ୍ରକୁ କିଛି ସହପାଠୀ ର୍ୟାଗିଂ କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଥିଲା । ସେହିପରି କଲେଜର ଜଣେ କର୍ମଚାରୀ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତେବେ ବାରମ୍ବାର କଲେଜରେ ଏଭଳି ଘଟଣା ଘଟୁଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ନୂଆଁଖାଇ ଉପଲକ୍ଷେ ସ୍କୁଲ ଓ କଲେଜସ୍ତରୀୟ ବିବିଧ ପ୍ରତିଯୋଗିତା

ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଓଡିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ସ୍କୁଲ ଓ କଲେଜସ୍ତରୀୟ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ପରେଶ ଦାନୀ ଓ ସମ୍ପାଦକ ଦିନବନ୍ଧୁ ପଣ୍ଡା ସମ୍ବଲପୁରୀ ଗୀତ ଓ ଏକକ ହାସ୍ୟ ଅଭିନୟ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ ।




ସ୍କୁଲସ୍ତରୀୟ ସମ୍ବଲପୁରୀ ଗୀତ ପ୍ରତିଯୋଗିତାରେ ସେଣ୍ଟ ଜୋନ୍ ସ୍କୁଲର ପ୍ରକୃତି ପଣ୍ଡା ପ୍ରଥମ, ବିକାଶ ଫାଷ୍ଟ ସ୍କୁଲର ଅନନ୍ୟା ଆଚାର୍ଯ୍ୟ ଦ୍ୱିତୀୟ ଓ ଶ୍ରେୟାଶ୍ରୀ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କଲେଜସ୍ତରରେ ହୀରାକୁଦ କଲେଜର ଶ୍ରଦ୍ଧା ମିଶ୍ର ୧ମ, ବିଦ୍ୟା ବିକାଶର ସୌମ୍ୟରଞ୍ଜନ ସାହୁ ୨ୟ ଏବଂ ମିନାକ୍ଷୀ ମହାନ୍ତି ଓ ସାଇଶ୍ରିତା ପାଣିଗ୍ରାହୀ ଯୁଗ୍ମ ୩ୟ ହୋଇଛନ୍ତି । ସ୍କୁଲସ୍ତରୀୟ ଏକକ ହାସ୍ୟ ଅଭିନୟରେ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଆରାଧ୍ୟା ବେହେରା ପ୍ରଥମ, ସେଭେନ ହିଲ୍ସ ସ୍କୁଲର ମୃଣ୍ମୟୀ ପ୍ରଧାନ ଦ୍ୱିତୀୟ ଓ ବିକାଶ ଫାଷ୍ଟ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ତୃତୀୟ ହୋଇଛନ୍ତି । ଡ. ପର୍ଶୁରାମ ମିଶ୍ର ବିଇଡି କଲେଜର ସୂର୍ଯ୍ୟକାନ୍ତ ସେଠୀ ଶ୍ୱାନ୍ତନା ମୂଳକ ପୁରସ୍କାର ପାଇବେ । କାର୍ଯ୍ୟକ୍ରମ ଗୁଡିକୁ ତାପସ ଦାସ, ସୂର୍ଯ୍ୟ ପାଣିଗ୍ରାହୀ, ରାମାନୁଜ ପଣ୍ଡା, ପ୍ରମୋଦ ପଟ୍ଟନାୟକ ସଂଯୋଜନା କରିଥିଲେ । ଏଥିରେ ଅଶୋକ କୁମାର ମିଶ୍ର, ଅଖିଳ କୁମାର ପଟ୍ଟନାୟକ, କୈଳାଶ ମିସ୍ତ୍ରୀ , ପଲଟୁ ଅଗ୍ରୱାଲ, ସୁବାଷ ଦାଶ ଓ ସୁରେଖା ସାହୁ ସହଯୋଗ କରିଥିଲେ ।

# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ଭବାନୀପାଟଣା, (ସବ୍ୟୁ): ପ୍ରାଥମିକ ଶିକ୍ଷର ଗୁଣାତ୍ମକ ମାନ ବୃଦ୍ଧି କରିବା ସହ ସମସ୍ତ ଛାତ୍ର ଛାତ୍ରୀ ନିୟମିତ ବିଦ୍ୟାଳୟକୁ ଆସିବା ଏବଂ କୌଣସି ଛାତ୍ରଛାତ୍ରୀ ଯେପରି ଅଧାରୁ ପାଠପଢା ଛାଡି ନଦିଅନ୍ତି ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଦରକାର। ପ୍ରାଥମିକ ଶିକ୍ଷ୍ୟାରୁ କେହିଯେପରି ବଞ୍ଚିତ ନହୁଅନ୍ତି ଏହା ସମସ୍ତ ଛାତ୍ରଛାତ୍ରୀଙ୍କ ର ମୌଳିକ ଅଧିକାର। ତାଙ୍କ ଅଧିକାର କିପରି ଅକ୍ଷ୍ୟୁର୍ଣ୍ଣ ରହିବ ସେଥିପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରି ଡ୍ରପଆଉଟ ସଂଖ୍ୟା ହ୍ରାସ କରିବା ଲକ୍ଷ୍ୟରେ ଭବାନୀପାଟଣା ସହରସ୍ଥିତ ମଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଆସ ସ୍କୁଲ ଯିବାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ଶିକ୍ଷ୍ୟାଧିକାରୀ ଅଚାରୀ ଶବର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ, ଅବିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସାଦସ୍ୟା ମାନଙ୍କ ଉଦେଶ୍ୟରେ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଏ ବି ଇ ଓ ହୃଷିକେଶ ନାଏକ ମଞ୍ଚାସିନ ହୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ୟଶ ବଖାଣି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବାସହ ଡ୍ରପ ଆଉଟ ପିଲାମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟରେ ନାମଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ। ପରେ ପରେ ସ୍ଥାନୀୟ କାଉନସିଲର ପ୍ରମିତ ସିଂ ଏବଂ ଏ ବି ଇ ଓ ଜୟସେନ ମାଝିଙ୍କ ତତ୍ୱାବଧାନରେ ଜନ ସଚେତନତା ଉଦ୍ୟେଶରେ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟତ୍ରୀ ସୌଦାମିନୀ ମିଶ୍ର ଯୋଗଦେଇ ୩ଜଣ ଡ୍ରପ ଆଉଟ ଛାତ୍ର ମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଏହି ପଦ ଯାତ୍ରାରେ ଶିକ୍ଷୟତ୍ରୀ ସମିତା ପଟ୍ଟନାୟକ, ପ୍ରମିଳା ଦାସ, ସବିତା ଦାସ,ସୁବାସିନୀ ଦାସ, ରାଜେଶ୍ୱରୀ ରଥ, ସୁଭସ୍ମିତା ମହାପାତ୍ର ଏବଂ ସୌଦାମିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବାଲିଜୋରୀ ୟୁଜିଏମଇ ସ୍କୁଲରେ ବନ ମହୋତ୍ସବ

କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବାଲିଯୋରୀ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଉଦ୍ଧବ ମହାଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳୀ ଯୋଗଦେଇ କାର୍ଯକ୍ରମ ଉଦଘାଟନ କରିଥିଲେ ବନପାଳ ପ୍ରୀତି ଦନ୍ତା, ବୁଲି ବେହେରା, ସରପଞ୍ଚ ପଞ୍ଚାନନ ସାହୁ, ସଭାପତି ଅଶ୍ୱିନୀ ବିଶ୍ୱାଳ, ସାମ୍ବାଦିକ ରଞ୍ଜନ ପାତ୍ର ଓ ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ସତ୍ୟସାଇ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ




ଭବାନୀପାଟଣା, (ସବ୍ୟୁ): ସତ୍ୟସାଇ ବିଦ୍ୟାମନ୍ଦିର ଭବାନୀପାଟଣାର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭଗବାନ ଶ୍ରୀ ସତ୍ୟସାଇ ବାବଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ଅନେକ ସମାଜିକ, ଶିକ୍ଷାଦାନ କାର୍ଯ୍ୟକ୍ରମ କ୍ରମାନ୍ୱୟ ଭାବେ ଚାଲୁଥିବା ବେଳେ, ଏହାର ପ୍ରତିଷ୍ଠା ଦିବଷ ସମାରୋହ ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଛି । ଅତିଥିଭାବରେ ଦେବରାଜ ପାଢୀ, ଲୋକନାଥ ମହାକୁଡ଼, ପୂର୍ବତନ ବିଦ୍ୟାଳୟର ସଭାପତି ପ୍ରଫେସର ବାମଦେବ ପୁରୋହିତ, ପ୍ରଫେସର ବିପିନ ବିହାରୀ ପଣ୍ଡା, ପୂର୍ବତନ ସଂପାଦକ ଗୋବିନ୍ଦ ନାଏକ, ବି. ସୂର୍ଯ୍ୟନାରାୟଣ ରାଓ, ସମିତି ସଂଯୋଜକ ତୁଳସିରାମ ସାହୁ, ବିଭୁତି ସାହୁ ଯୋଗଦାନ କରି ଶୁଭାର୍ଶିବାଦ ପ୍ରଦାନ କରିଥିଲେ । ସ୍କୁଲ ତରଫରୁ ସମସ୍ତ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ଦିବଙ୍ଗତ ଆତ୍ମମାନଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ଅଧକ୍ଷ୍ୟ ଜ୍ଞାନରଞ୍ଜନ ମିଶ୍ର ଶ୍ରୀ ସତ୍ୟସାଇ ବାବାଙ୍କ ଶିକ୍ଷାକ୍ଷେତ୍ରରେ ଅବଦାନ ଓ ସ୍କୁଲ ପ୍ରତିଷ୍ଠାରେ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ । ଅନେକ କୃତି ଛାତ୍ରଛାତ୍ରି ମାନଙ୍କୁ ପୁରସ୍କାର ବିତରଣ କରାଏଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରଭାତି ବହିଦାର, କାର୍ଯ୍ୟକ୍ରମ ସଂଯୋଜନା ଭକ୍ତିଗୀତ, ବେଦପାଠ କରିଥିବାବେଳେ ରିନା ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।


# ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କିତ ସୂଚନା

ଝାରସୁଗୁଡ଼ା, (ସବ୍ୟୁ): ଆଦି କର୍ମଯୋଗୀ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ଆଦିବାସୀ ମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ତଥା ଖସଡ଼ା ଅନୁସାରେ ଯୋଜନା କାର୍ଯ୍ୟାନ୍ୱୟନ କରାଯିବ ବୋଲି ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଆଦି କର୍ମଯୋଗୀ ଅଭିଯାନ ନାମରେ ଏକ ଜନ ଆନ୍ଦୋଳନ ଚଳିତ ବର୍ଷ ଅଗଷ୍ଟ ମାସରୁ ଓଡିଶାର ୨୨ଟି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ଜିଲ୍ଲାମାନଙ୍କ ଭିତରେ ଝାରସୁଗୁଡା ଜିଲ୍ଲା ଅନ୍ତର୍ଭୁକ୍ତ ।

ଜିଲ୍ଲାର ୫ଟି ବ୍ଲକର ୪୧ଟି ଗ୍ରାମ ପଞ୍ଚାୟତର ୭୮ ଗୋଟି ଆଦିବାସୀବହୁଳ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ । ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର ୨ ତାରିଖରେ ଧରତୀ ଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନା ଆରମ୍ଭ କରଯାଇଥିବା ବେଳେ ଆଦି କର୍ମଯୋଗୀ ଅଭିଯାନ ଏହି ଯୋଜନାର ଏକ ପୂର୍ଣାଙ୍ଗ ସ୍ୱରୂପ ବୋଲି କହିଥିଲେ ଜିଲ୍ଲାପାଳ । ଏହି ଅଭିଯାନ ଅଧୀନରେ ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ଓ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଆଦିବାସୀ ଗ୍ରାମମାନଙ୍କରେ ତୃଣମୂଳ ସ୍ତରରେ ପ୍ରଶାସନ ପହଞ୍ଚିବା ସହିତ ସମସ୍ତ ସରକାରୀ ଯୋଜନାର ପ୍ରଚାର ପ୍ରସାର, ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବା ସହ ପ୍ରତ୍ୟେକ ଗ୍ରାମରେ ଆଦି ସହଯୋଗୀ,ଆଦି କର୍ମଯୋଗୀ ଓ ଆଦି ସାଥୀ ନାମରେ ୨୦ ଜଣିଆ ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ ।

# ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ତେମଜେନ୍ ଓ୍ୱାପାଙ୍ଗ ଏଓଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

ଭବାନୀପାଟଣା,(ସବ୍ୟୁ): ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ର ସ୍ୱତନ୍ତ୍ର ସଚିବ ତେ ମଜେନ୍ ଓ୍ୱାପାଙ୍ଗ ଏଓ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଥୁଆମୂଳ ରାମପୁର ବ୍ଲକର ସାଇସୁରନି ସ୍ଥିତ ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ମା ଗୃହ,କାଣିଗୁମାର ନୂତନ କଫି ଉଦ୍ୟାନ, ଇନ୍ଦ୍ରାବତୀ ଜଳ ଭଣ୍ଡାରର ପିଞ୍ଜରା ଭିତରେ ହେଉଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ,ସୁପରିଚାଳନା ଦାୟିତ୍ୱ ରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମହିଳା ଏସଏଚଜି ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ସଚିବ ଜୟପାଟଣା ବ୍ଲକର କେତେକ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ର ତଦାରଖ ମଧ କରିଥିଲେ, କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଭାରତୀୟ ପ୍ରଶାସନିକ ସେବା ( ପ୍ରବେଶନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲାପରିଷଦ ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଚିବ ତେମଜେନ୍ ଓ୍ୱାପାଙ୍ଗ ଏଓ ଯୋଗଦେଇ ଜିଲ୍ଲାରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା,ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ।




ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,ପାନୀୟ ଜଳ, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ,ଶିଶୁ ସୁରକ୍ଷା, ଗମନାଗମନ, ଯୋଗାଣ, ଦକ୍ଷତା ବିକାଶ,ନିୟୋଜନ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମ ର ଅଗ୍ରଗତି ଓ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ନୀତି ଆୟୋଗଙ୍କ ମାପ ଦଣ୍ଡକୁ ନେଇ ଆକାଂକ୍ଷା ଜିଲ୍ଲା ଓ ବ୍ଲକର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା,ପ୍ରକଳ୍ପରର ସଫଳ ରୂପାୟନ କିପରି ହୋଇପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ସଚିବ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ତନ୍ତ୍ର ସଚିବଙ୍କୁ ସ୍ୱାଗତ ଜଣାଇବା ସହିତ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀପାଟନା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସଂଯୋଜନ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ବଙ୍ଗୋମୁଣ୍ଡାକୁ ଏନ୍ଏସି ମାନ୍ୟତା ଦାବି, ଆନ୍ଦୋଳନ ଚେତାବନୀ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡାକୁ ଏନ୍ଏସି ମାନ୍ୟତା ମିଳିନାହିଁ । ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ଦେବାପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଛି ।କିନ୍ତୁ ଦାବି ପୂରଣ କରିନାହାଁନ୍ତି ସରକାର । ଏବେ ବିଜେପି ସରକାର ଉପରେ ଆଶା ରଖିଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ନୂତନ ଭାବେ ରାଜ୍ୟ ସରକାର ଘୋଷିତ ୧୨ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ବଙ୍ଗୋମୁଣ୍ଡା ସ୍ଥାନ ପାଇ ନାହିଁ, ଯାହା ବଙ୍ଗୋମୁଣ୍ଡା ଓ ଆଖପାଖ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି । ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତର ଜନସଂଖ୍ୟା ୧୨ ହଜାରରୁ ଅଧିକ ଅଟେ, ଯାହା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ମାନଦଣ୍ଡ ପୂରଣ କରୁଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବଙ୍ଗୋମୁଣ୍ଡା ଗଡ଼ଜାତ ସମୟର ଏକ ପ୍ରମୁଖ ଜମିଦାରୀ ଥିଲା। ସେହି ସମୟରୁ ବଙ୍ଗୋମୁଣ୍ଡା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ରହି ଆସିଛି। ସେ ସମୟରେ ମଧ୍ୟପ୍ରଦେଶ,ମହାରାଷ୍ଟ୍ର, ବିଜୟନଗରମ (ବସ୍ତର ଅଞ୍ଚଳ), ଜୟପୁର, କଳାହାଣ୍ଡି ଆଦି ଇଷ୍ଟେଟ ସହ ସିଧା ସଳଖ ବ୍ୟବସାୟିକ ସମ୍ପର୍କ ରଖିଥଲା ।

ବଙ୍ଗୋମୁଣ୍ଡା ଗ୍ରାମରେ ଗଡ଼ଜାତ ଶାସନ ସମୟରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଭର୍ଣ୍ଣାକୁଲାର ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହି ସହରରେ ନାରୀ ଶିକ୍ଷାକୁ ମଧ ଗୁରୁତ୍ୱ ଦିଆଯାଇ ୧୯୦୮ ମସିହାରେ ସ୍ଥାପିତ ବାଳିକା ବିଦ୍ୟାଳୟରୁ ଜଣାପଡ଼େ। ଭୌଗଳିକ ଦୃଷ୍ଟିକୋଣରୁ ବଙ୍ଗୋମୁଣ୍ଡା ଏପରି ଏକ କେନ୍ଦ୍ରସ୍ଥଳୀ ଯାହା ମଧ୍ୟଭାରତ ଏବଂ ଦକ୍ଷିଣ ଭାରତକୁ ପଶ୍ଚିମାଞ୍ଚଳ ସହ ସଂଯୋଗ କରିଥାଏ। ବର୍ତ୍ତମାନ ମଧ ବଙ୍ଗୋମୁଣ୍ଡା ଏପରି କେନ୍ଦ୍ରସ୍ଥଳୀ ଯାହା ପଶ୍ଚିମାଞ୍ଚଳର କଳାହାଣ୍ଡି, ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲାକୁ ଗମନାଗମନରେ ସଂଯୋଗ କରିଥାଏ। ବଲାଙ୍ଗିର ଜିଲ୍ଲାର ତିନୋଟି ବ୍ଲକ ସମେତ ସୀମାନ୍ତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଅନେକ ଅଞ୍ଚଳର ଜନସାଧାରଣ ଆବଶ୍ୟକତା ପୂରଣ ପାଇଁ ବଙ୍ଗୋମୁଣ୍ଡା ସହର ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ବଙ୍ଗୋମୁଣ୍ଡା ଦେଇ ଜାତୀୟ ରାଜପଥ ନଂ ୫୯ ଏବଂ ରାଜ୍ୟ ରାଜପଥ ନଂ ୪୨ ସିଧାସଳଖ ସଂଯୋଗ କରୁଥିବାରୁ ଜନସାଧାରଣଙ୍କ ସୁବିଧା ସହିତ ଗମନାଗମନ ସରଳ ହୋଇପାରିଛି।

ବଙ୍ଗୋମୁଣ୍ଡା ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ସାଂସଦ, ବିଧାୟକଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବିପତ୍ର ଦେବାସହ ବଙ୍ଗୋମୁଣ୍ଡା ବନ୍ଦ ପାଳନ ଓ ଆମରଣ ଅନଶନ ମଧ ହୋଇଥିବା ଜଣାପଡ଼ିଛି। ତେବେ ଦେଖିବାକୁ ବାକି ରହିଲା ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତକୁ କେବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ମିଳୁଛି ତାହାହିଁ ଅପେକ୍ଷା। ଆଗାମୀ ଦିନରେ ଏନଏସି ମାନ୍ୟତା ନ ମିଳିଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ ।

# ଗଛ ପକାଇ ଜିଲ୍ଲାପାଳଙ୍କ ରାସ୍ତା ଅବରୋଧ କଲେ ଗ୍ରାମବାସୀ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ କଲ୍ୟାଣସିଂହପୁର ବ୍ଲକ ଗସ୍ତ ସମୟରେ ରାସ୍ତାରେ ସ୍ଥାନୀୟ ଗ୍ରାମବାସୀ ଗଛକାଟି ପକାଇ ରାସ୍ତା ଅବରୋଧ କରିଥିଲେ । କଲ୍ୟାଣସିଂପୁର ବ୍ଲକ ପରିଦର୍ଶନରେ ଯାଇଥିବା ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ବିଡ଼ିଓ ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କୁ କଲ୍ୟାଣସିଂହପୁର ସଦର ନିକଟସ୍ଥ ଘାଗୁଡ଼ିମାଳର ଗ୍ରାମବାସୀମାନେ ରାସ୍ତା ଅବରୋଧ କରିଥିଲେ।



ନିଜ ଗ୍ରାମ ପାଇଁ ରାସ୍ତା ନିର୍ମାଣ କରିବା ପାଇଁ ପୂର୍ବରୁ ବହୁ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନେକ ଥର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ମଧ ଗ୍ରାମ ପାଇଁ ରାସ୍ତା ତିଆରି ହୋଇ ପାରି ନାହିଁ। ବିଭିନ୍ନ ସମୟରେ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ରାସ୍ତା ପାଇଁ ଗ୍ରାମବାସୀଙ୍କ ଦାବି କେହି ଶୁଣୁନଥିବାରୁ ଗ୍ରାମବାସୀମାନେ ଅତିଷ୍ଠ ହୋଇ ଘାଗୁଡ଼ିମାଳ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ । ଜିଲ୍ଲାପାଳଙ୍କୁ ନିଜ ଅସୁବିଧା ଜଣେଇବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଗସ୍ତ ପୂର୍ବ ପ୍ରସ୍ତୁତି ଅନୁସାରେ ଗ୍ରାମବାସୀମାନେ ରାସ୍ତାରେ ଗଛ କାଟି ପକେଇ ଜିଲ୍ଲାପାଳଙ୍କ ରାସ୍ତା ଅବରୋଧ କରି ସମସ୍ୟା ସଂପର୍କରେ କହିଥିଲେ। ସରକାରଙ୍କ ଯୋଜନାରେ ବିଡ଼ିଓଙ୍କ ସହ ଆଲୋଚନା କରି ଖୁବଶୀଘ୍ର ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ।

ଘାଗୁଡ଼ିମାଳ ଗ୍ରାମରେ ପ୍ରାୟ ୧୦୦ ବ୍ୟକ୍ତି ବିଶେଷ ବସବାସ କରୁଥିବା ବେଳେ ରାସ୍ତା ନଥିବା ଯୋଗୁଁ ପୂର୍ବରୁ ଆମ୍ବୁଲାନ୍ସ ମଧ ଗ୍ରାମକୁ ପହଞ୍ଚି ନପାରି ରୋଗୀ ସେବା ବାଧାପ୍ରାପ୍ତ ହେଉଥିଲା। ୩ କିଲୋମିଟର ବିଶିଷ୍ଟ ଏହି ରାସ୍ତା ନିର୍ମାଣ ହୋଇ ପାରିଲେ ଘାଗୁଡ଼ିମାଳ ଗ୍ରାମ ସହ କଲ୍ୟାଣସିଂହପୁର ବ୍ଲକ ସଂଯୋଗ ହୋଇ ପାରିବ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ କଲ୍ୟାଣସିଂହପୁର ବ୍ଲକ ଅଧିନରେ ରହିଥିବା ନିୟମଗିରି ପାହାଡ଼ର କିଛି ଗ୍ରାମକୁ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ସରକାରଙ୍କ ପିଏ ଜନମନ ଯୋଜନାରେ ଚାଲୁଥବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ପିଭିଟିଜି ଡଙ୍ଗରିଆ କନ୍ଧଙ୍କ ସହ ଆଲୋଚନା କରିଥିଲେ। ଖୁବ ଶୀଘ୍ର ଡଙ୍ଗରିଆ କନ୍ଧ ସାମ୍ନା କରୁଥିବା ଗମନାଗମନ, ପାନୀୟଜଳ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବେ ବୋଲି ଶ୍ରୀ କୁଲକୁର୍ଣ୍ଣି ପ୍ରତିଶ୍ରୁତି ଦେଇଥିଲେ।

# ନୂଆଁଖାଇ ପାଇଁ ଚଳଚଞ୍ଚଳ ଗାଁଠୁ ସହର

ବଲାଙ୍ଗିର,(ସବ୍ୟୁ) : ଗୁରୁବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ନୂଆଁଖାଇକୁ ନେଇ ଗାଁଠୁ ସହର ଉତ୍ସବର ମାହୋଲ । ବଜାରରୁ ହାଣ୍ଡି ମାଠିଆ ସାଙ୍ଗକୁ ନୂଆ ଧାନ, ନୂଆ ଲୁଗା କିଣୁଛନ୍ତି ଲୋକେ । ଫଳରେ ଚଳଚଞ୍ଚଳ ହୋଇଛି ହାଟ ବଜାର । କପଡ଼ା ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଚଳିତ ବର୍ଷ ଭଲ ବର୍ଷା ହୋଇ ଥିବାରୁ ସମସ୍ତେ ଖୁସି ରହିଛନ୍ତି । ଯିଏ ଯୋଉଠି ଥିଲେ ବି ପର୍ବ ପାଳନ ପାଇଁ ସମସ୍ତେ ଦୂର ଦୁରାନ୍ତରୁ ନିଜ ଘରକୁ ଫେରିଥା'ନ୍ତି । ଚାଷୀର ବର୍ଷର ନୂଆ ଉତ୍ପାଦିତ ଫସଲକୁ ନିଜ ଇଷ୍ଟ ଦେବୀ ପାଖରେ ସମର୍ପଣ ପରେ ନୂଆ ଲୁଗା ପିନ୍ଧି ନବାନ୍ନ ଭକ୍ଷଣ କରିଥା'ନ୍ତି ।

ନୂଆଁଖାଇ ବାସିପର୍ବର ଅଧିକ ଗୁରୁତ୍ୱ ରହିଛି । ଏହି ଦିନ ସମସ୍ତଙ୍କ ଘରେ ଜମିଥାଏ ମନୋରଞ୍ଜନର ଆସର । ବଜାରରୁ ଲୋକେ ଛେଳି (ଖାସି) କିଣାବିକା ଆରମ୍ଭ କରିଦେଇଛନ୍ତି । ଗଣପର୍ବରେ ଛୁଟି ନ ମିଳିବାରୁ ବହୁ ଲୋକ ଏହି ପର୍ବ ପାଳନ କରିବାରୁ ବଞ୍ଚିତ ରହିଥାନ୍ତି । ଏଣୁ କରି ଏହି ନୁଆଁଖାଇ ପର୍ବକୁ ସରକାର ସରକାରୀ ଭାବେ ତିନିଦିନ ଛୁଟି ଘୋଷଣା କରନ୍ତୁ ବୋଲି ଦାବି ଉଠୁଛି । ବିଭିନ୍ନ ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ୨୮ ତାରିଖରେ ନୂଆଁଖାଇ , ୨୯ ତାରିଖକୁ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର।

# ଆନ୍ତଃରାଜ୍ୟ ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ

ଟିଟିଲାଗଡ଼,(ସବ୍ୟୁ): ଟିଟିଲାଗଡ଼ ଚାରଭଟାସ୍ଥିତ ଓଁ ଭେଲି ସ୍କୁଲରେ ଦୀର୍ଘ ୬ ଦିନ ବ୍ୟାପୀ ଅନୁଷ୍ଠିତ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏଥିରେ ଓଡ଼ିଶା ସମେତ ଛତିଶଗଡ ଓ ପଶ୍ଚିମବଙ୍ଗର ଦଳ ମାନେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ବର୍ଗର ୧୪ ବର୍ଷରୁ କମ,୧୭ ବର୍ଷରୁ କମ ଓ ୧୯ ବର୍ଷରୁ କମ ୬୧ ଗୋଟି ବିଦ୍ୟାଳୟର ୧୧୩୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତା ପରିଚାଳନା ପାଇଁ ୫୯ ଜଣ ପ୍ରଶିକ୍ଷକ, ୫୨ ଜଣ ପ୍ରବନ୍ଧକ ଙ୍କ ସହିତ ସିବିଏସଇ ପକ୍ଷରୁ ଆନନ୍ଦ ସିଂ ତିୱାରୀ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ସମସ୍ତ ବର୍ଗର ମୋଟ ୮୪ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷରୁ କମ



ଭାଗରେ ଓଡିଏମ ପବ୍ଲିକ ସ୍କୁଲ ଭୁବନେଶ୍ୱର ଫାଇନାଲ ଖେଳରେ ଟ୍ରାଇଡ଼ାଣ୍ଟ ପବ୍ଲିକ ସ୍କୁଲ ଛତିଶଗଡକୁ ପରାସ୍ତ କରି ବିଜୟୀ ହୋଇଥିଲା। ୧୯ ବର୍ଷରୁ କମ ବିଭାଗରେ ଝାରତରଙ୍ଗ ରାଉରକେଲା ଫାଇନାଲ ଖେଳରେ ଦାଫୋଡିଲ ଇଂଲିଶ ପବ୍ଲିକ ସ୍କୁଲ ରାୟପୁରକୁ ପରାସ୍ତ କରି ଫାଇନାଲର ବିଜୟୀ ହୋଇଥିଲା। ୧୭ ବର୍ଷରୁ କମ ବିଭାଗରେ ଓଡିଏମ ପବ୍ଲିକ ସ୍କୁଲ ଭୁବନେଶ୍ୱର ବ୍ରାହ୍ମବିଦ ଦି ଗ୍ଲୋବାଲ ସ୍କୁଲକୁ ପରାସ୍ତ କରି ଫାଇନାଲ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ମମତା ଦେବୀ ଜୈନ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି, ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂସ୍ଥାପକ ଲାୟନ୍ସ ଦୀପକ ସାହୁ, ସ୍କୁଲ ପରିଚାଳନା କମିଟି ସଭ୍ୟ ପ୍ରଦୀପ ମହାନ୍ତି, ଉପଦେଷ୍ଟା ଡ଼. ରବିନ ଚନ୍ଦ୍ର ପରମାଣିକ ,ଅଧକ୍ଷ ଏମ. ନାଗାମଲେଶ୍ୱର ରାଓ, ଡ଼. ମୀନକେତନ କିଶନ, ଡ଼. ଦୀପକ କୁମାର ସାହୁ, ଦେବବ୍ରତ ଦେହୁରୀ, ଇତିଶ୍ରୀ ଜୈନ,ଅଞ୍ଜଳୀ ଦେହୁରୀ, ସରୋଜ ସାହୁ,ଡ଼. ବିଜୟ ଲକ୍ଷ୍ମୀ ସାହୁ,ଡ଼. ପ୍ରଜ୍ଞ୍ୟାମୟ ବେହେରା,ସୁରେନ୍ଦ୍ର କୁମାର ସାହୁ, ନିରୋଜ ସାହୁ,ରନ୍ମୟୀ ଜଗତ,ଦାନିଏଲ ବାରିକ,ଡ଼. ଯୋଗେଶ୍ୱରୀ ଦୀପ, ଶର୍ମିଷ୍ଠା ମିଶ୍ର ଓ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନର ସଂସ୍ଥାପକ ଶ୍ରୀ ସାହୁ ପତାକା ଅବତରଣ କରି ପ୍ରତିଯୋଗିତାକୁ ସମାପ୍ତ ଘୋଷଣା କରିଥିଲେ।

# ସୁନ୍ଦରଗଡ଼ରେ ଲଗାଣ ବର୍ଷା
## ବସ୍ତିରେ ପଶିଲା ପାଣି, ଲୋକେ ହନ୍ତସନ୍ତ

ରାଉରକେଲା/ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲାରେ ଲଗାଣ ବର୍ଷା ସହରବାସୀଙ୍କୁ କଲବଲ କରିଛି। ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ବର୍ଷା ଶୁକ୍ରବାର ଦିନସାରା ଲାଗିରହିଥିଲା । ଗମନାଗମନଠୁ ଆରମ୍ଭ କରି ବେପାର ପର୍ଯ୍ୟନ୍ତ, ସବୁ ପ୍ରଭାବିତ ହୋଇଛି। ଏମିତିକି ବିଭିନ୍ନ ଅଞ୍ଚଳରେ ପୁନର୍ବାର ପାଣି ପଶିବା ସହ ଲୋକେ ପ୍ରାୟ ଏକ ପ୍ରକାର ଜଳବନ୍ଦୀ ହୋଇଛନ୍ତ। ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଗୋପବନ୍ଧୁପାଲି ସହଦେବ ବସ୍ତିରେ ପାଣି ପଶିଥିଲା। ଏହି ବସ୍ତିର ପାଖାପାଖି ୩୦ ପରିବାର ଘରେ ପାଣି ପଶିବାରୁ ବହୁ କ୍ଷୟକ୍ଷତି ହୋଇଛି। ଖାଦ୍ୟସାମଗ୍ରୀ, ଆସବାବପତ୍ର ସବୁ ନଷ୍ଟ ହୋଇଯାଇଛି। ଏହି ବସ୍ତି ଦେଇ ଯାଇଥିବା ସହରର ଅନ୍ୟତମ ମୁଖ୍ୟ ଡ୍ରେନ୍ ଅଳିଆ ଆବର୍ଜନା ଯୋଗୁଁ ଜାମ୍ ହୋଇଯାଇଥିଲା। ଫଳରେ ପାଣି ନିଷ୍କାସନ ହୋଇନପାରି ବସ୍ତି ଅଞ୍ଚଳକୁ ମାଡ଼ିଆସିଥିଲା । ବର୍ଷା ଯୋଗୁଁ ଚଳିତବର୍ଷ ତୃତୀୟଥର ପାଇଁ ବୁଡ଼ିଛି ଏହି ବସ୍ତି। ପ୍ରବଳ ବର୍ଷା ଯୋଗୁଁ ଗତ ଜୁଲାଇ ୧୪ ଓ ଅଗଷ୍ଟ ୮ ତାରିଖରେ ଅଞ୍ଚଳରେ ପାଣି ପଶିଥିଲା। ଅବଶ୍ୟ ଶନିବାର ସକାଳେ ସ୍ଥାନୀୟ ଯୁବକମାନେ ଡ୍ରେନ ସଫା କରିବାପରେ ପାଣି ନିଷ୍କାସିତ ହୋଇଥିଲା। ଗଙ୍ଗାଧରପାଲି ଏଫସିଆଇ ବସ୍ତିରେ ସମାନ ଦୃଶ୍ୟ ପରିଲକ୍ଷିତ ହୋଇଛି। ଏଠାରେ ପ୍ରାୟ ୩୦/୪୦ ଘରେ ପାଣି ପଶିଛି । ସେହିଭଳି ରହମତନଗର ଚାରିଆଡ଼େ ପାଣି ଭର୍ତ୍ତି ହୋଇରହିଛି। ରାତିରେ ବର୍ଷା ହେଲେ, ଏହି ବସ୍ତି ବୁଡ଼ିବା ସମ୍ଭାବନା ରହିଛି । ତେବେ ପୂର୍ବଥର ଭଳି ଚଳିତ ଥର ମଧ ପ୍ରଭାବିତଙ୍କ ପାଖରେ ପହଞ୍ଚି ପାରିନି ରାଉରକେଲା ମହାନଗର ନିଗମ । ଏମିତିକି ଜାମ୍ ହୋଇଥିବା ଡ୍ରେନ ମଧ ସଫା କରିବାକୁ ପହଞ୍ଚିନଥିଲେ। ଫଳରେ ସ୍ଥାନୀୟଲୋକ ନିଜେ ସଫା କରିଥିଲେ।

# ଜିଏମ୍ୟୁ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ସମ୍ମାନ

ସମ୍ବଲପୁର,(ସବ୍ୟୁ):ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ବୋଷ୍ଟନ ସ୍ଥିତ ସଫୋକ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ସୁକନ୍ୟା ରାୟ, ବୋଷ୍ଟନ ସ୍ଥିତ ଇଞ୍ଜିନିୟର ବିକ୍ରମ ରାୟ, ଏନ୍ଆଇଟି ରାଉରକେଲାର ସହକାରୀ ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ସାୟନ୍ତନୀ ବେହୁରା ବକ୍ତାଭାବେ ଯୋଗ ଦେଇ ମନ ଆଉ ମନସ୍ତତ୍ତ୍ୱ ର ନୂତନ ଦିଗ ସମ୍ପର୍କରେ




ସେମାନଙ୍କ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକଗବେଷିକା ମାନେ ଉପସ୍ଥିତ ରହି ସକ୍ରୀୟ ଅଂଶଗ୍ରହଣ କରିଥିଲେ ।

# ରାଜପଥ ପାର ହେଲା ଦନ୍ତା
## ଅଟକିଲା ଶତାଧିକ ଯାନବାହନ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ବଡ଼ଗାଁ ଫରେଷ୍ଟ ରେଞ୍ଜରେ ଶୁକ୍ରବାର ଏକ ୨୫ ଟିକିଆ ଝାଡ଼ଖଣ୍ଡ ପଟୁ ଆସିଥିବା ହାତୀପଲ ମହାବୀର ପାହାଡ଼ ପଟକୁ ଯାଇଛନ୍ତି। ଏଥିରୁ ଗୋଟିଏ ଦନ୍ତା ଗାଁ ନିକଟ ଚାଷଜମିରେ ଧାନ ଖାଇବାରେ ବ୍ୟସ୍ତ ଥିଲା । ଏହି କାରଣରୁ ସମ୍ଭବତଃ ଗୋଠ ଛଡ଼ା ହୋଇଯାଇଛି। ଜଙ୍ଗଲ ଅବକ୍ଷୟ, ଜଳବାୟୁ ପରିବର୍ତ୍ତନ ହାତୀମାନଙ୍କର ଜୀବନ ଉପରେ ବ୍ୟାପକ ପ୍ରଭାବ ପକାଇଛି। ହାତୀମାନଙ୍କର ପାଇଁ ଖାଦ୍ୟ, ପାନୀୟ ଜଳର ଅଭାବ ସହିତ ରହିବା ପାଇଁ ଘଞ୍ଚ ଜଙ୍ଗଲର ଅଭାବ କାରଣରୁ ସେମାନେ ଜଙ୍ଗଲ ଛାଡ଼ି ଗାଁ ଓ ସହାରାଭିମୁଖୀ ହେଉଛନ୍ତି। ଫଳରେ। ଜନଜୀବନ ଓ ଚାଷୀ ପ୍ରଭାବିତ ହେଉଛନ୍ତି। ହାତୀମାନେ ଗାଁ ଅଭିମୁଖେ ଆସିବା କାରଣରୁ ଫସଲହାନୀ ମଧ ହେଉଛି। ଗୋଟେ ପଟେ ଲଗାଣ ବର୍ଷା ଲାଗିରହିଥିବା ବେଳେ ହାତୀ ବର୍ଷାରେ ଭିଜିଯାଇ ଆଶ୍ରୟ ଖୋଜୁଥିଲା ପରେ ତାକୁ ବନବିଭାଗ ଓ ସ୍ଥାନୀୟ ଲୋକେ ୧୦ ନମ୍ବର ରାଜ୍ୟ ରାଜପଥ ଖୁଟମୁଣ୍ଡା ଠାରେ ରାସ୍ତା ପାର କରି ମହାବୀର ପର୍ବତ ଆଡକୁ ଘଉଡେଇଛନ୍ତି। ରାସ୍ତା ପାରିହେବା ସମୟରେ ରାସ୍ତାଉପରେ ବହୁ ଗାଡ଼ି ଅଟକି ରହିବା ସହିତ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

# ବିଦାୟ ଓ ଅବସରକାଳୀନ ସଭା

ଜୟପାଟଣା,(ସବ୍ୟୁ): ସ୍ଥାନୀୟ ଉମାଶଙ୍କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ, ଜୟପାଟଣା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପକ୍ଷରୁ ବିଦାୟ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଗୋଲାମୁଣ୍ଡା ବିଇଓ କାର୍ଯ୍ୟାଳୟକୁ ବଦଳି ହୋଇଯାଇଥିବା ଏବିଇଓ ପ୍ରଭାତ କୁମାର ଖମାରିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଏବଂ ଜୟପାଟଣା ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ କାର୍ଯ୍ୟରତ ଥିବା ବରିଷ୍ଠ ସଂସ୍ଥାପକ ବିଶ୍ୱନାଥ ପାଢ଼ୀଙ୍କ ଅବସରଗ୍ରହଣ ସମ୍ବର୍ଦ୍ଧନା ସଭା, ଜୟପାଟଣା ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ସଭାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଶୀଙ୍କ ସଭାପତିତ୍ୱରେ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ସମ୍ମାନୀୟ ଅତିଥି ଏବିଇଓ ପୂର୍ଣ୍ଣଚନ୍ଦ୍ର



ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ଠାକୁର, ସମ୍ପାଦକ ଲଳିତ କୁମାର ନାଏକ, ସାମ୍ବାଦିକ ଶେଷଦେବ ବେହେରା, ଅସରଫ ଅଲ୍ଲୀ, ପ୍ରାଥମିକ ଶିକ୍ଷକ ସଂଘ ଉପ ସଭାପତି ସଞ୍ଜୟ କୁମାର ପଣ୍ଡା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ପ୍ରେମ ନାରାୟଣ ପଣ୍ଡା, ଅବସରପ୍ରାପ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଟିକେରାମ ମାଝୀ, ଗୋଲାମୁଣ୍ଡା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ସୁନୀଲ କୁମାର ଖାନସମା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଯୋଶୀ, ସାମ୍ବାଦିକ ପ୍ରାଣ ରଞ୍ଜନ ବେହେରା,ସୁଦର୍ଶନ ସାଗର ଗୋଲାମୁଣ୍ଡା, ଦେବେନ୍ଦ୍ର ଶବର କଲମପୁର, ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଶୋଭାରମ ଜାଲ, ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବରିଷ୍ଠ ସଂସ୍ଥାପକ ବିଶ୍ୱନାଥ ପାଢ଼ୀ ଏବଂ ଏ, ବି, ଡି, ଓ ପ୍ରଭାତ ଖମାରୀଙ୍କୁ ସମ୍ମାନର ସହ ଆସନ ଅଳଙ୍କୃତ କରେଇ ମାନପତ୍ର ସହ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। କୁଚଗାଁ ସିଆରସିସି ଅନନ୍ତ ନାରାୟଣ ପଣ୍ଡା ଅତିଥି ପରିଚୟ, ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ନବରଙ୍ଗପୁର ଜିଲ୍ଲାରେ ବୁଲୁଛି ବାଘ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ରେଞ୍ଜ ଅନ୍ତର୍ଗତ ଏକରି ଗାଁ ନିକଟ ଅଞ୍ଚଳର ଜଙ୍ଗଲରେ ବାଘ ବୁଲୁଥିବା ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି । ପରେ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପଇଛି । ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି ବନବିଭାଗ । କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ଓ କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଶବର ଓ ଅନ୍ୟ ବନବିଭାଗ କର୍ମଚାରୀଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ଜଙ୍ଗଲରେ ପ୍ରାୟ ୨୦ କିଲୋମିଟରରୁ ଅଧିକ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ କରାଯାଇଛି । କିନ୍ତୁ ବାଘର ଅବସ୍ଥିତି ସହ ଜଙ୍ଗଲର କୌଣସି ବି ସ୍ଥାନରେ ବାଘର ପାଦ ଚିହ୍ନ ମିଳିନାହିଁ । ଅପର ପକ୍ଷରେ ଭିଡିଓ ଭାଇରାଲ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ବନବିଭାଗ ସହିତ ସ୍ଥାନୀୟ କୋଡ଼ିଙ୍ଗା ଥାନା ଅଧିକାରୀ ମଧ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି । ଭିଡିଓର ସତ୍ୟାସତ୍ୟ ଯାଞ୍ଚ କରାଯାଉଥିବା ବେଳେ ଲୋକଙ୍କୁ ଭୟଭୀତ ନହେବା ପାଇଁ ସଚେତନ କରାଯାଉଛି ।

# ବିଦ୍ୟୁତ ତାର ଚୋରୀ ରାକେଟର ପର୍ଦ୍ଦାଫାଶ ୫ଗିରଫ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଥାନା ଅଞ୍ଚଳରୁ ବିଦ୍ୟୁତ ତାର ସହ ଲୁହା ପାଇପ୍, ଟ୍ରାନ୍ସଫର୍ମର, ସେଣ୍ଟ୍ରିଙ୍ଗ ପ୍ଲେଟ ଆଦି ଚୋରୀ ରାକେଟରେ ପର୍ଦ୍ଦାଫାଶ କରିଛି କୁଚିଣ୍ଡା ପୋଲିସ। ଏଥି ନିମନ୍ତେ ଗଠିତ ଏକ ପୋଲିସ ସ୍କ୍ୱାର୍ଡ ଦ୍ୱାରା ଚଢ଼ାଉ କରାଯାଇ ରାକେଟରେ ୫ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ଚୋରୀ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତରପ୍ରଦେଶରୁ ଆସି କୁଚିଣ୍ଡା ଥାନା କୁଚିଣ୍ଡା ରାମଜୀପଡାରେ ରହୁଥିବା ଗୁପଚୁପ ବିକାଳୀ ଶୁଶିଳ ପାଣ୍ଡେ(୨୬), ସୁନ୍ଦରଗଡ଼ ଜିଲ୍ଲା ସଦର ଥାନା ଟାଙ୍ଗରମୁଣ୍ଡାର ମୀନକେତନ ଓରାମ(୨୪), ଜମନକିରା ଥାନା ବଡଖଲିଆର ତ୍ରିନାଥ ଖିଚିଡ଼ି(୩୦) ଓ ଲକ୍ଷ୍ମୀ ଛେଣ୍ଡିଆ(୨୭) ଏବଂ କୁଚିଣ୍ଡା ଥାନା ଲେପେଇକାନୀର ହରେଶ କିଷାନ(୨୫)। ଅଭିଯୁକ୍ତ ମାନଙ୍କୁ ଗିରଫ କରି ପୋଲିସ ଶନିବାର



ସନ୍ଧ୍ୟାରେ କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ କହିଛନ୍ତି।

ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୦କ୍ୱିଣ୍ଟାଲ ଆଲୁମିନିୟମ ବିଦ୍ୟୁତ ତାର, ୩କେଜି ତମ୍ବା ତାର, ୩ଟି ବାଇକ୍, ୩ଟି ପାଇପ୍ କଟର ଓ ହ୍ୟାଣ୍ଡ ଗ୍ଲୋ ଜବତ କରିଛି। ସୂଚନା ଅନୁଯାୟୀ,ଦୀର୍ଘ ୫/୬ମାସ ହେବ ଏହି ରାକେଟ ବିଭିନ୍ନ ସ୍ଥାନରୁ ଚୋରୀ କରି ଆସୁଥିଲେ ଓ କୁଚିଣ୍ଡା, ଜମନକିରା ଏବଂ ମହୁଲପାଲି ଥାନାରେ ଏନେଇ ମାମଲା ମଧ ରୁଜୁ ହୋଇଛି। କୁଚିଣ୍ଡା ରାମଜୀପଡାର ଗୁପଚୁପ ବିକାଳୀ ଶୁଶିଳ ପାଣ୍ଡେ ଓ କବାଡି ବ୍ୟବସାୟୀ ମନୋଜ କୁମାର ରାୟ ଚୋରୀ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏମାନେ ଦୁହେଁ ଗିରଫ ଅଭିଯୁକ୍ତଙ୍କ ସହ ୪/୫ଜଣଙ୍କୁ ଡାକି ରହିବା ଖାଇବା ବ୍ୟବସ୍ଥା କରି ଦିନ ବେଳା ବିଭିନ୍ନ ସ୍ଥାନକୁ ଯାଇ ରେକି କରୁଥିଲେ ଓ ରାତିରେ ଚୋରୀ କରୁଥିଲେ। ଗତ ମଇ ୩ରେ ମହୁଲପାଲି ଥାନା ସାଗରପାଲି ଗ୍ରାମରୁ ୧୨୦ ଗୋଟି ସେଣ୍ଟ୍ରିଙ୍ଗ ପ୍ଲେଟ୍, ଜୁନ ୯ରେ କୁନ୍ତୁରାବାହାଲ ଗ୍ରାମରୁ ଲୁହା ପାଇପ୍ ଓ ସେଣ୍ଟ୍ରିଙ୍ଗ ପ୍ଲେଟ୍ ଚୋରୀ କରିଥିଲେଛ ସେହିପରି କୁଚିଣ୍ଡା ଥାନା ସୁବର୍ଣ୍ଣପାଲି ଓ ସାନଜଟିଆପାଲି ଗ୍ରାମରୁ ଟ୍ରାନ୍ସଫର୍ମର ଓ ତମ୍ବା ତାର, ବରଘାଟରୁ ଟ୍ରାନ୍ସଫର୍ମର କଏଲ ଏବଂ ଝାରସୁଗୁଡା ଜିଲ୍ଲା ଲଇକେରା ଥାନା ଜାମକାନି ଓ ସାହାସପୁର ଅଞ୍ଚଳରୁ ବିଦ୍ୟୁତ ତାର ଚୋରୀ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ରୀତିମତ ଏଭଳି ଚୋରୀ ଅଭିଯୋଗ ହେବାପରେ ସମ୍ବଲପୁର ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶ କ୍ରମେ କୁଚିଣ୍ଡା ଏସଡିପିଓ ଏବଂ କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇ ଅମର ହୋତା, ଲଭଲି ପ୍ରଧାନ, ଏଏସଆଇ ସୋମନାଥ ବିଶ୍ୱାଳ, କନଷ୍ଟେବଲ ପଙ୍କଜ ଡନସେନା, ତରୁଣ କିଷାନ, ମେସକ ଗୁରିଆ, ଶୁଶାନ୍ତ ବରିହା, ଭୁଜବଳ ମାଝି ଏବଂବନିତା ନାଏକଙ୍କୁ ନେଇ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ରାକେଟର ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାର ଅନ୍ୟତମ ମାଷ୍ଟର ମାଇଣ୍ଡ କୁଚିଣ୍ଡାର କବାଡି ବ୍ୟବସାୟୀ ମନୋଜ ରାୟ ସମେତ ଅନ୍ୟମାନେ ଫେରାର ଥିବା ଏସଡିପିଓ ଦାସ କହିଛନ୍ତି।

# ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରୟାସ-୨୫ର ଶୁଭାରମ୍ଭ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାଳତୀ ଗୁଣ୍ଡେରପୁରସ୍ଥିତ ହାଇସ୍କୁଲ ଠାରେ ମେଧାବୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଶିକ୍ଷଣ କାର୍ଯ୍ୟକ୍ରମ ପ୍ରୟାସ-୨୫ର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯେ କୌଣସି କାର୍ଯ୍ୟର ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡେ ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଓ ସାମାଜିକ କର୍ମୀ ଗୋପୀରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ




ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନତୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦୀପାଳି ଚୌଧୁରୀ ଓ ରାକ୍ଷୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ହାଇସ୍କୁଲରେ ୧୦ଶ୍ରେଣୀରେ ଅଧ୍ୟୟନ କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରରେ ୯ମ ଶ୍ରେଣୀରେ ଏ-୧ ଗ୍ରେଡ ପାଇଥିବା ୮୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ଶିକ୍ଷକଶିକ୍ଷୟତ୍ରୀ ଦ୍ୱାରା ଶିକ୍ଷାଦାନ କରାଯିବ ।

# କବୟିତ୍ରୀ କୁନ୍ତଳା



ଡାକ୍ତର ରବି ରଂଜନ ସାହୁ

ସେ ବଞ୍ଚିଥିଲେ ମାତ୍ର ୩୭ ବର୍ଷ । ଜନ୍ମ ତାଙ୍କର ହୋଇଥିଲା ଓଡ଼ିଶା ବାହାରେ ତତ୍‌କାଳୀନ ମଧ୍ୟପ୍ରଦେଶ ଓ ଆଜିର ଛତିଶଗଡ଼ର ବସ୍ତର ଅଞ୍ଚଳରେ । ବାଲ୍ୟକାଳ କଟିଥିଲା ତତ୍କାଳୀନ ବର୍ମାରେ (ଏବର ମିଆଁମାର) । ଯୌବନରେ କିଛି ବର୍ଷ ସେ ଯାହା କଟାଇଥିଲେ କଟକରେ, ଓଡ଼ିଶାର ପାଣି ପବନରେ । ଏତେ ସ୍ୱଳ୍ପକାଳ ମଧ୍ୟରେ ଓଡ଼ିଆ ଭାଷାକୁ ଆୟତ କରି ସେହି ଭାଷାରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିବା ଯଦାପି ସାଧାରଣ କଥା ନୁହେଁ । ମାତ୍ର କବୟିତ୍ରୀ କୁନ୍ତଳା କୁମାରୀ ସାବତ (ଜନ୍ମ – ୦୮ ଫେବୃଆରୀ ୧୯୦୧, ତିରୋଧାନ – ୨୩ ଅଗଷ୍ଟ ୧୯୩୮)ଙ୍କ କ୍ଷେତ୍ରରେ ତାହା ସାଧାରଣ ହୋଇଯାଇଥିଲା । ଓଡ଼ିଆ ସାହିତ୍ୟକୁ ତାଙ୍କର ଅଳ୍ପଦିନର ଦାନ କିଛି କମ୍ ନୁହେଁ । ତାଙ୍କ ରଚିତ ଉପନ୍ୟାସ, କାବ୍ୟ ଓ କବିତାମାନଙ୍କରେ ଦେଶପ୍ରେମ, ଜାତିପ୍ରେମ ତଥା ସମାଜ ଜୀବନର ଘଟଣାବଳୀର ଏକ ଏକ ମାର୍ମିକ ରୂପ ପ୍ରଦାନ କରିଛି । ତାଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା, ଈଶ୍ୱର ବିଶ୍ୱାସ, ପ୍ରେମ ପ୍ରଣୟ ତଥା ସମର୍ପଣ ଭାବ ତାଙ୍କୁ ଏପରି କାବ୍ୟ କବିତା, କଥା ସାହିତ୍ୟ ସୃଷ୍ଟି କରିବାରେ ଅଭିମନ୍ତ୍ରିତ କରାଇଛି ଯାହା ସହଜରେ କଳ୍ପନା କରାଯାଇ ନ ପାରେ । କୁନ୍ତଳା କୁମାରୀ ସେହି ଦୃଷ୍ଟିରୁ ଜଣେ କାଳଜୟୀ ସାଧିକା ଓ ଜଣେ ସେବିକା ଭାବରେ କାଳକାଳକୁ ମନେ ରହିବେ । ମାତ୍ର ୧୬/୧୭ ବର୍ଷ ଓଡ଼ିଶାରେ ରହଣି କାଳ ମଧ୍ୟରେ ସେ ଓଡ଼ିଶାର ଜନଜୀବନକୁ ଏପରି ନିରୀକ୍ଷଣ କରିଛନ୍ତି, ସମାଜକୁ ଏପରି ଅବଲୋକନ କରିଛନ୍ତି ଯାହା ତାଙ୍କ ରଚିତ ସାହିତ୍ୟରେ ପ୍ରତିଫଳିତ ହୋଇଛି ।

ଈଶ୍ୱରଦତ୍ତ ପ୍ରତିଭା ବଳରେ ସେ ବହୁ ବିଖ୍ୟାତ । ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, କବିବର ରାଧାନାଥ ରାୟଙ୍କ ପରି ସାଧକମାନଙ୍କର ସୃଷ୍ଟି ସମ୍ଭାରରେ ବିଶ୍ୱ ପ୍ରେମର, ଦେଶାତ୍ମବୋଧର ଯେଉଁ ବାର୍ତ୍ତା ଦେଇଯାଇଛନ୍ତି ତାହା ଅନେକଙ୍କୁ ବିସ୍ମିତ କରିଛି । ସେହି କାରଣରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କଠାରୁ ଆରମ୍ଭ କରି ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁଙ୍କ ପରି ଜନନାୟକମାନେ ମଧ୍ୟ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି । ସେହି ମହୀୟସୀ ମହିଳା ଯିଏ ହିନ୍ଦୁ ନ ହୋଇ ମଧ୍ୟ ହିନ୍ଦୁତ୍ୱକୁ ଗ୍ରହଣ କରିଥିଲେ ଯିଏ ଓଡ଼ିଆ ଲୋକ ସଂସ୍କୃତି, ଚଳଣିକୁ ନିଜ ଜୀବନରେ ଆପଣେଇ ନେଇଥିଲେ, ଯିଏ ଓଡ଼ିଆ ଭାଷାରେ ମଧ୍ୟ ଦକ୍ଷତା ଦେଖାଇଛନ୍ତି ତାଙ୍କ ସଂପର୍କରେ କିଛି କହିବାଟା ଅତି ଉକ୍ତି ହୋଇପାରେ ମାତ୍ର ଏହା ଯୁଗ ଯୁଗ ପାଇଁ ସତ୍ୟ ଯେ ଖୁବ୍ କମ୍ ସମୟ ମଧ୍ୟରେ କୁନ୍ତଳା କୁମାରୀ ବହୁ ଲୋକଙ୍କୁ ପ୍ରଭାବିତ କରାଇଛନ୍ତି । ସାଧାରଣ ଜନତାଙ୍କ ମନକୁ ଛୁଇଁ ଯିବା ପରି କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ସଂଘର୍ଷମୟ ଜୀବନ ଯେତିକି ରୋମାଞ୍ଚ ସେତିକି ବେଦନାଦାୟକ ମଧ୍ୟ । ନିଜ ମନର ମଣିଷକୁ ପାଇବା ପାଇଁ ସେ ଅନେକ ସାଧନା କରିଛନ୍ତି । ତାଙ୍କ ପାଇଁ ରାତିଦିନ ଏକାକାର ହୋଇଯାଇଛି । ସେ ରାଶି ରାଶି କବିତା ସୃଷ୍ଟି କରିଛନ୍ତି, ତାଙ୍କ ଲେଖନୀ ଅବିଶ୍ରାନ୍ତ ପ୍ରେରଣା ମହିମା ପ୍ରକାଶ କରିଚାଲିଛି ମାତ୍ର ସେ ନିଃସ୍ୱ ଅସହାୟ ହୋଇ ଶେଷରେ ତାଙ୍କର ଅଭିଳଷିତ ଜୀବନର ଶ୍ରେୟ ପାଇ ପାରିନାହାନ୍ତି । ବ୍ୟଥା ବେଦନାରେ ଜର୍ଜରିତ ସେହି କବିପ୍ରାଣ କିନ୍ତୁ ସାହିତ୍ୟରେ ଯଶ ରଖିଯାଇଛନ୍ତି ।

କୁନ୍ତଳା କୁମାରୀ ସାବତ ଖ୍ରୀଷ୍ଟିଆନ ହୋଇଥିଲେ ମଧ୍ୟ ତାଙ୍କର ପୂର୍ବପୁରୁଷ ହିନ୍ଦୁ ଥିଲେ । କୁନ୍ତଳା କୁମାରୀଙ୍କ ପିତାମହ ଶ୍ୟାମରତନ ସାବୁତ ବ୍ରାହ୍ମଣ ଥିଲେ । ପିପିଲିର ଦାଣ୍ଡମୁକୁନ୍ଦପୁରରେ ରହୁଥିଲେ । ଶ୍ୟାମରତନ ତାଙ୍କର ପାଳିତ ପିତାମାତାଙ୍କର ମୃତ୍ୟୁପରେ ଭୂ-ସଂପତ୍ତିରୁ ବଞ୍ଚିତ ହୋଇ ଫାଦର ରେଭେରେଣ୍ଡ କେ ମିଲରଙ୍କ ପାଖରେ ଆଶ୍ରିତ ରହି ଖ୍ରୀଷ୍ଟିଆନ ହୋଇଯାଇଥିଲେ । ସେହିପରି ଖୋର୍ଦ୍ଧା ଅଞ୍ଚଳର ଏକ ଖଣ୍ଡାୟତ ପରିବାରରେ ଝିଅ ସାଧବୀ ପାରିବାରିକ କାରଣରୁ ଖ୍ରୀଷ୍ଟିଆନ ହୋଇଥିଲେ ଏବଂ ଫାଦର ମିଲରଙ୍କ ପରାମର୍ଶରେ ଶ୍ୟାମରତନ ସାଧବୀଙ୍କୁ ବିବାହ କରିଥିଲେ । ଶ୍ୟାମରତନ ଓ ସାଧବୀଙ୍କ ପୁଅ ଡ଼ାନିଏଲ



ସାବୁତ ପରେ ନିଜର ସଂଜ୍ଞା ପରିବର୍ତ୍ତନ କରି ସାବତ ହେଲେ ଏବଂ ଜଣେ ଡ଼ାକ୍ତର ଭାବରେ ତାଙ୍କର ସୁନାମ ଥିଲା । ଡ଼ାନିଏଲଙ୍କର ବିବାହ ମୋନିକାଙ୍କ ସହିତ ହୋଇଥିଲା ଏବଂ ସେମାନଙ୍କର ତିନିଟି ସନ୍ତାନଙ୍କ ଅକାଳ ମୃତ୍ୟୁ ପରେ କୁନ୍ତଳା କୁମାରୀ ୧୯୦୧ ମସିହା ଫେବୃୟାରୀ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଡ଼ାକ୍ତର ଡ଼ାନିଏଲଙ୍କର ବର୍ମାକୁ ବଦଳି ହୋଇଗଲା । ସେ ସପରିବାର ବର୍ମା ଚାଲିଯିବା ପରେ କୁନ୍ତଳା କୁମାରୀଙ୍କ ବାଲ୍ୟଜୀବନ ସେଠାରେ ଅତିବାହିତ ହେଲା । ତାଙ୍କର ଦୁଇ ଭଉଣୀ ସରଳା ଓ ପ୍ରଫୁଲ ଏବଂ ଦୁଇ ଭାଇ ସାମୁଏଲ ଓ ନିଥାନିଏଲ୍‌ର ଜନ୍ମ ବର୍ମାରେ ହୋଇଥିଲା । ପିଲାଦିନୁ କୁନ୍ତଳା କୁମାରୀ ହିନ୍ଦୀରେ କଥାବାର୍ତ୍ତା ଶିଖିଲେ । ପିତା ଡ଼ାନିଏଲ୍ ସାବତଙ୍କ ଠାରୁ ଇଂରାଜୀ ଓ ମା' ମୋନିକାଙ୍କ ଠାରୁ ଓଡ଼ିଆ ଶିକ୍ଷା କଲେ । ବର୍ମାରେ ପ୍ରାୟ ଦଶ ବର୍ଷର ରହଣି କାଳରେ କୁନ୍ତଳା କୁମାରୀ ଅନେକ ଥର ଖୋର୍ଦ୍ଧାର ଖ୍ରୀଷ୍ଟିଆନ ସାହି ଅଜାଙ୍କ ଘରକୁ ଆସିଛନ୍ତି ଓ ଅଳ୍ପ ଦିନ ରହି ପୁଣି ବର୍ମାକୁ ଫେରିଯାଉଥିଲେ । ୧୯୧୫ ମସିହାରେ ତାଙ୍କ ଅଜାଙ୍କ ପରାମର୍ଶ କ୍ରମେ କୁନ୍ତଳା କୁମାରୀ କଟକର ରେଭେନ୍ସା ବାଳିକା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲେ । ଏହିଠାରୁ ହିଁ କୁନ୍ତଳା କୁମାରୀଙ୍କ ଓଡ଼ିଆ ଭାଷା ସାହିତ୍ୟରେ ପ୍ରବେଶ ହୋଇଥିଲା । ୧୯୧୮ ମସିହାରେ କୁନ୍ତଳା କୁମାରୀ କଟକ ମେଡ଼ିକାଲ ସ୍କୁଲରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲେ ଏବଂ ଡ଼ାକ୍ତରୀ ଶିକ୍ଷାର ପ୍ରତିବର୍ଷ ଶ୍ରେଣୀରେ ପ୍ରଥମ ହୋଇ ବିରଳ କୃତିତ୍ୱ ଅର୍ଜନ କରିଥିଲେ । ୧୯୨୧ ମସିହାରେ ସେ ବିହାର-ଓଡ଼ିଶା ମେଡ଼ିକାଲ ବୋର୍ଡ଼ରୁ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କଲେ ଏବଂ ଜଣେ ଡ଼ାକ୍ତର ଭାବରେ ପରିଚିତ ହେଲେ ।

କଟକ ସହରରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ତାଙ୍କର ଡ଼ାକ୍ତର ଜୀବନ ବେଶ୍ ଘଟଣା ବହୁଳ ଥିଲା । ତାଙ୍କ ଶିକ୍ଷକ ଡ଼ାକ୍ତର କୈଳାସ ଚନ୍ଦ୍ର ରାଓ ତାଙ୍କୁ ବହୁ ବିପତ୍ତିରୁ ରକ୍ଷା କରିଥିଲେ ଓ ସେ ତାଙ୍କୁ ଆପଣାର ମନେ କରି ଭଲ ପାଉଥିଲେ । ଡ଼ାକ୍ତର ରାଓଙ୍କ ପରାମର୍ଶରେ କୁନ୍ତଳା କୁମାରୀ ରେଡକ୍ରସ ପକ୍ଷରୁ ପ୍ରତିଷ୍ଠିତ ମାତୃମଙ୍ଗଳ କେନ୍ଦ୍ରରେ ଲେଡ଼ି ହେଲ୍‌ଥ ଭିଜିଟର ଭାବେ କାର୍ଯ୍ୟ କଲେ । ରେଡ଼କ୍ରସ ସୋସାଇଟିର ଡ଼ାକ୍ତରଖାନାରେ ଡ଼ାକ୍ତର ଭାବରେ ତାଙ୍କ କାର୍ଯ୍ୟ ଅନେକଙ୍କୁ ତାଙ୍କ ପ୍ରତି ଆକୃଷ୍ଟ ହେବାକୁ ବାଧ କରିଥିଲା ମାତ୍ର ସେ କାୟ ମନୋବାକ୍ୟରେ ଡ଼ାକ୍ତର କୈଳାସ ରାଓଙ୍କୁ ଭଲ ପାଉଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଡ଼ାକ୍ତର ରାଓ ବିବାହିତ ହୋଇଥିବାରୁ ଓ ସେ ଖ୍ରୀଷ୍ଟିଆନ ହୋଇ ନ ଥିବାରୁ କୁନ୍ତଳା କୁମାରୀ ନିଜର ଧର୍ମ ପରିବର୍ତ୍ତନ କରିବାକୁ ପଛାଇ ନ ଥିଲେ । 'ନବ ବିଧାନ'ରେ ୧୯୨୪ରେ ଯୋଗଦାନ ପୂର୍ବକ କୁନ୍ତଳା କୁମାରୀ ବ୍ରହ୍ମ ସମାଜଭୁକ୍ତ ହେଲେ । ଏହାଦ୍ୱାରା କଠୋର ପନ୍ଥୀ ଖ୍ରୀଷ୍ଟିଆନଙ୍କର ସେ ଚକ୍ଷୁଶୂଳ ହୋଇଥିଲେ । ଖ୍ରୀଷ୍ଟିଆନ ସଂପ୍ରଦାୟ ପକ୍ଷରୁ ତାଙ୍କୁ ନିର୍ଯ୍ୟାତନା ଦିଆଗଲା । କେତେକ ଲୋକେ ରାସ୍ତା ଘାଟରେ ତାଙ୍କୁ ଗାଳିଗୁଲଜ କରିବାକୁ, ଥଟ୍ଟା ପରିହାସ କରିବାକୁ ମଧ୍ୟ ପଛାଉ ନ ଥିଲେ । କିନ୍ତୁ ସେ ଡ଼ାକ୍ତର ଭାବରେ ତାଙ୍କର ସେବା କାର୍ଯ୍ୟକୁ ଜାରି ରଖି ଅନେକଙ୍କର ପ୍ରିୟପାତ୍ର ହେଲେ । କେତେକ ପ୍ରଭାବଶାଳୀ ଖ୍ରୀଷ୍ଟିଆନ ଡ଼ାକ୍ତର କୈଳାସ ରାଓଙ୍କ ବଦଳି କଟକରୁ ପ୍ରଥମେ ବାଲେଶ୍ୱରକୁ ଓ ପରେ ସିଂହଭୂମକୁ କରିଦେଲେ । ଯାହା ଫଳରେ ଡ଼ାକ୍ତର ରାଓ ଓ କୁନ୍ତଳାକୁମାରୀଙ୍କ ସଂପର୍କରେ ବାଧା ସୃଷ୍ଟି ହେଲା । କୁନ୍ତଳା କୁମାରୀ ଡ଼ାକ୍ତର ରାଓଙ୍କୁ ଜୀବନ ସାଥୀ ଭାବେ ପାଇବା ପାଇଁ ଶେଷରେ ଦିଲ୍ଲୀ ଯାଇ ଆର୍ଯ୍ୟ ସମାଜ ଭୁକ୍ତ ହେଲେ । ଓଡ଼ିଶା ଛାଡ଼ିବାକୁ ବାଧ ହେଲେ । ଡ଼ାକ୍ତରୀ ପେଷା ଛାଡ଼ିଲେ ଏବଂ ନିଜର ଖ୍ରୀଷ୍ଟିଆନ ଧର୍ମ ତ୍ୟାଗ କରିବାକୁ ପଛାଇଲେ ନାହିଁ । ମାତ୍ର ଏ ସବୁ ପରେ ମଧ୍ୟ ଡ଼ାକ୍ତର ରାଓଙ୍କୁ ପାଇପାରିଲେ ନାହିଁ । କୁନ୍ତଳା କୁମାରୀଙ୍କ ବିବାହ ଦିଲ୍ଲୀରେ ଆର୍ଯ୍ୟ ସମାଜ ରୀତି ଅନୁସାରେ ଡ଼ାକ୍ତର କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କ ସହିତ ହେଲା ଓ ସେ ବିବାହ ପରେ ହିନ୍ଦୁ ରୀତିନୀତିକୁ ଆପଣାଇ ନେଇଥିଲେ । ତାଙ୍କର ପ୍ରଗତିଶୀଳ ଚିନ୍ତାଧାରା ସଂସ୍କାରୀ ମନୋଭାବ ଆର୍ଯ୍ୟସମାଜର ରଢ଼ିବାଦୀ ବ୍ୟବସ୍ଥାକୁ ମଧ୍ୟ ବିରୋଧ କରୁଥିଲା । ଏହି କାରଣରୁ କୁନ୍ତଳାକୁମାରୀ ଓ ତାଙ୍କ ପରିବାର ଆର୍ଯ୍ୟ ସମାଜର ସହାୟତାରୁ ବଞ୍ଚିତ ହୋଇଥିଲେ ।

କୁନ୍ତଳା କୁମାରୀ ଆପଣାର ବନ୍ଧୁବାନ୍ଧବ, ସମାଜ, ଜାତି, ଧର୍ମ ଓ ଡ଼ାକ୍ତରୀ ପେଷା ତ୍ୟାଗ କରିଥିଲେ ମଧ୍ୟ ସାହିତ୍ୟ ସାଧନାକୁ ତ୍ୟାଗ କରିପାରି ନ ଥିଲେ । ତାଙ୍କର ପ୍ରଥମ କବିତା 'ତାରାପ୍ରତି' ଚିକିତ୍ସା ବିଦ୍ୟାଳୟରେ ପାଠ ପଢୁଥିଲାବେଳେ ଲେଖିଥିଲେ । ଏଥିପାଇଁ ତାଙ୍କର ପ୍ରେରଣାର ଉତ୍ସ ଥିଲେ ଡ଼ାକ୍ତର କୈଳାସ ରାଓ । ଧୀରେ ଧୀରେ ସେ ଗୋଟିଏ ପରେ ଗୋଟିଏ କବିତା ଲେଖିଚାଲିଲେ ଓ କଥା ସାହିତ୍ୟରେ ନିଜର ପାରଦର୍ଶୀତା ପ୍ରକାଶ କଲେ । ତାଙ୍କର ଲେଖାସବୁ ସେତେବେଳେ 'ଉତ୍କଳ ସାହିତ୍ୟ', 'ମୁକୁର' ଆଦି ପତ୍ରିକାରେ ପ୍ରକାଶ ପାଇ ବହୁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା । ଏପରିକି ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମହାପାତ୍ର ଆଦି ବିଶିଷ୍ଟ ସାହିତ୍ୟ ସାଧକମାନେ ତାଙ୍କୁ ପ୍ରଶଂସା କରୁଥିଲେ । ମାତ୍ର ଦୁଇବର୍ଷ ମଧ୍ୟରେ କୁନ୍ତଳା କୁମାରୀ ପ୍ରସିଦ୍ଧି ଲାଭ କଲେ । ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ତାଙ୍କର ରଚନା ଓଡ଼ିଶା ତଥା ଦେଶରେ ଚହଳ ପକାଇ ଦେଇଥିଲା । ତାଙ୍କ କବିତା ସଂକଳନ – ଅଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ ଓ ପ୍ରେମ ଚିନ୍ତାମଣି ତାଙ୍କୁ ଜଣେ ସଫଳ କବୟିତ୍ରୀର ପରିଚୟ ଦେଇଛି । ସେହିପରି ତାଙ୍କ ରଚିତ ଉପନ୍ୟାସ-ଭ୍ରାନ୍ତି, କାଳିବୋହୂ, ରଘୁ ଅରକ୍ଷିତ, ନଅରୁଣ୍ଡୀ ଓ ପରଶମଣି ସଫଳ କଥା ସାହିତ୍ୟର ପରିଚୟ ପ୍ରଦାନ କରେ । ଧର୍ମ, ଜାତି, ସମାଜ କେନ୍ଦ୍ରିତ ମଣିଷର ଅସହାୟ ଜୀବନ ତାଙ୍କ ସାହିତ୍ୟର କେନ୍ଦ୍ରବିନ୍ଦୁ । ତାଙ୍କ ଲେଖାରେ ସମାଜ ସଂସ୍କାର, ଜାତିପ୍ରଥା, ପର୍ଦ୍ଦା ପ୍ରଥା, ବାଲ୍ୟବିବାହ ବିରୋଧରେ ଶାଣିତ ବାର୍ତ୍ତା ରହିଛି । ସେ ମଧ୍ୟ 'ମହାବୀର', 'ଜୀବନ', 'ନାରୀଭାରତୀ' ପରି ପତ୍ରିକାର ସଂପାଦନ କାମ କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ 'ଭାରତୀ ତପୋବନ ସଂଘ' ଗଠନ କରିଥିଲେ ।

ଦିଲ୍ଲୀ ଆର୍ଯ୍ୟ ସମାଜ ସମ୍ମିଳନୀରେ ସଭାନେତ୍ରୀ ହେବା ସହ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଛନ୍ତି । ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ଏବଂ ସମାଜ ସଂସ୍କାର ଚିନ୍ତାଧାରା ତାଙ୍କୁ ଜଣେ ପ୍ରଗତିଶୀଳ କବି ଭାବେ ପରିଚିତ କରାଇଥିଲା । ସେ ମଧ୍ୟ ଜାତି, ଧର୍ମର ଊର୍ଦ୍ଧ୍ୱରେ ଏକ ମାନବିକ ଆଦର୍ଶର ଉଚ୍ଚାରଣ କରି ପ୍ରେମ, ଈଶ୍ୱର ବିଶ୍ୱାସକୁ ଗୁରୁତ୍ୱ ଦେଇ ଜୀବନର ପରିପୂର୍ଣ୍ଣତା ପାଇଁ କାର୍ଯ୍ୟ କରିଛନ୍ତି । ତାଙ୍କର ଏହି ଆଦର୍ଶବୋଧ, ମୂର୍ତ୍ତୀ ପୂଜା, ହିନ୍ଦୁ ରୀତି ନୀତି ପ୍ରତି ସମର୍ଥନ କାରଣରୁ ସେ ଆର୍ଯ୍ୟ ସମାଜ, ବ୍ରାହ୍ମ ସମାଜ ଏପରିକି ଖ୍ରୀଷ୍ଟିଆନ ସଂପ୍ରଦାୟକୁ ଲାଞ୍ଛିତ ହୋଇ ମଧ୍ୟ ନିଜ ବିବେକକୁ ବଳି ଦେଇ ନାହାନ୍ତି । ଯେଉଁଥିପାଇଁ ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' କୁନ୍ତଳା କୁମାରୀଙ୍କୁ 'ଉତ୍କଳ ଭାରତୀ' ଉପାଧି ପ୍ରଦାନ କରିଛନ୍ତି ତାଙ୍କ କାବ୍ୟ କବିତା ଓ ଉପନ୍ୟାସ ତଥା କଥା ସାହିତ୍ୟରେ ପ୍ରଭାବିତ ହୋଇ । ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ମଧ୍ୟ କୁନ୍ତଳା କୁମାରୀଙ୍କୁ ପ୍ରଶଂସା କରାଯାଇଛି ।

ସେହି କବିପ୍ରାଣ ଅନ୍ୟତମ ସଂସ୍କାରକ କୁନ୍ତଳା କୁମାରୀ ସାବତଙ୍କର ମହାପ୍ରୟାଣ ଦିଲ୍ଲୀରେ ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ହୋଇଯାଇଥିଲା । ଯମୁନା କୂଳରେ ସଂପୁର୍ଣ୍ଣ ହିନ୍ଦୁ ରୀତି ନୀତିରେ ତାଙ୍କର ଚିତା ଜଳିଥିଲା । କୁନ୍ତଳା କୁମାରୀଙ୍କ ଦେହାନ୍ତ ପରେ ତାଙ୍କର ପରିବାର କଟକ ଫେରି ଆସିଥିଲେ ସେହି ଉତ୍କଳ ଭାରତୀଙ୍କ ସ୍ମୃତିକୁ ନେଇ । ମାତ୍ର ୩୭ ବର୍ଷର ଆୟୁକାଳ ମଧ୍ୟରେ ସେ ଯେଉଁ ମାଇଲଖୁଣ୍ଟ ସ୍ଥାପନ କରିଗଲେ ତାକୁ ଅତିକ୍ରମ କରିବା ଏତେ ସହଜ ନୁହେଁ ।

ଚାନ୍ଦିନୀଚୌକ, କଟକ-୨
ମୋ-୯୪୩୭୩-୧୦୧୭୧

*ସେ ମଧ୍ୟ 'ମହାବୀର', 'ଜୀବନ', 'ନାରୀଭାରତୀ' ପରି ପତ୍ରିକାର ସଂପାଦନ କାମ କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ 'ଭାରତୀ ତପୋବନ ସଂଘ' ଗଠନ କରିଥିଲେ । ଦିଲ୍ଲୀ ଆର୍ଯ୍ୟ ସମାଜ ସମ୍ମିଳନୀରେ ସଭାନେତ୍ରୀ ହେବା ସହ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଛନ୍ତି । ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ଏବଂ ସମାଜ ସଂସ୍କାର ଚିନ୍ତାଧାରା ତାଙ୍କୁ ଜଣେ ପ୍ରଗତିଶୀଳ କବି ଭାବେ ପରିଚିତ କରାଇଥିଲା ।*

## ଏ ସପ୍ତାହର କବି ଓ ତାଙ୍କ କବିତା

*(ଡଃ ପ୍ରଦୀପ କୁମାର ଚୌଧୁରୀ ଜଣେ ଆଧ୍ୟାତ୍ମିକ ସାଧକ, ପ୍ରାବନ୍ଧିକ ଓ କବି ଭାବରେ ସୁପରିଚିତ । ତାଙ୍କର ଜ୍ୟୋତିର୍ବିଦ୍ୟା, ଦର୍ଶନ, ଧର୍ମ, ଆଧ୍ୟାତ୍ମିକତା, ବାସ୍ତୁଶାସ୍ତ୍ର, ଭକ୍ତି ସଙ୍ଗୀତ ଇତ୍ୟାଦି ବିଭିନ୍ନ ବିଭାଗରେ ରଚିତ ପ୍ରାୟ ସତୁରୀରୁ ଅଧିକ ପୁସ୍ତକ ବିଭିନ୍ନ ଭାଷାରେ ମଧ୍ୟ ଅନୁଦିତ । ଦେଶର ଅନେକ ଅଗ୍ରଗଣ୍ୟ ସଂସ୍ଥା ଦ୍ୱାରା ସେ ପ୍ରଶଂସିତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି ।)*

### ବିଶ୍ୱରୂପ



ଡଃ ପ୍ରଦୀପ କୁମାର ଚୌଧୁରୀ

ତୁମେ କେଉଁ ଧର୍ମ କଥା କହୁଛ
ସେଥିରେ ଦୀକ୍ଷିତ ହେବାକୁ
ମୋତେ ପ୍ରବର୍ତ୍ତାଉଛ
ତୁମେ ବୁଝିଥିବା ଧର୍ମ ଠାରୁ
ମୁଁ ବୁଝିଥିବା ଧର୍ମ ସମ୍ପୂର୍ଣ୍ଣ ଅଲଗା
ତୁମର ଧର୍ମ ବିଭାଜିତ, ଖଣ୍ଡ ବିଖଣ୍ଡିତ,
ଭିନ୍ନ ଭିନ୍ନ ଗୋଷ୍ଠୀ, ପନ୍ଥାରେ ବିଭକ୍ତ
ମୁଁ ସେ ଧର୍ମକୁ ଧର୍ମ ବୋଲି
ବିବେଚନା କରେନାହିଁ,
ମୋ ଚେତନା ଓ ଭାବନାର
ଧର୍ମ ହେଲା ମାନବର ଧର୍ମ,
ଏଥିରେ ନା ଅଛି ଭିନ୍ନତା,
ନା ଏହା ବିଭାଜିତ ଅଞ୍ଚଳ,
ମତ ଓ ବିଶ୍ୱାସ ଭିତ୍ତିରେ
ଏଥିରେ ଅଛି ବିଶ୍ୱ ସମୂହ,
ସକଳ ଶୁଭ ଚିନ୍ତନ,
ସମସ୍ତଙ୍କ ମଙ୍ଗଳ କାମନା,
ଏକ ଭାବନା ଓ ଅଖଣ୍ଡ ଚେତନା
ରାତ୍ର ଆକାଶରେ ଫୁଟିଥିବା
ସବୁ ତାରକା ମିଶି
ଯେଉଁ ଆଲୋକ ପ୍ରଦାନ କରନ୍ତି
ତାହା ଗୋଟିଏ ଜହ୍ନକୁ ସରି ନୁହଁ,
ମର୍ତ୍ତ୍ୟମଣ୍ଡଳରେ ଅଞ୍ଚଳ ଭିତ୍ତିରେ ଗଢ଼ି
ଉଠିଥିବା ସବୁ ଧର୍ମ
ଗୋଟିଏ ଧର୍ମ ମାନବ ଧର୍ମ ସମକକ୍ଷ ନୁହଁ
ତୁମ ଧର୍ମରେ ଈଶ୍ୱରଙ୍କୁ ବି
ଖଣ୍ଡ ବିଖଣ୍ଡିତ କରି
ଅଞ୍ଚଳ ଭିତ୍ତିରେ ବାଣ୍ଟି ଦେଇଛ
ଭିନ୍ନ ଭିନ୍ନ ରୂପ ଓ ନାମରେ
ଠିକ୍ ବର୍ଷା ଜଳ ଭିନ୍ନ ଭିନ୍ନ
ଧାରାରେ ପ୍ରବାହିତ କରି ଭିନ୍ନ ଭିନ୍ନ
ଶାଖା ପ୍ରଶାଖାରେ ବିଭକ୍ତ ହୋଇ
ନଦୀ ରୂପରେ ଭିନ୍ନ ଭିନ୍ନ ନାମରେ
ପରିଚିତ ହେଲା ଭଳି,
ତୁମର ଚେତନା ଓ ଭାବନାର ଧର୍ମ
ଭିନ୍ନ ଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ
କିନ୍ତୁ ମୋ ଚେତନା, ଭାବନାର ଈଶ୍ୱର
ସାଗର ଭଳି ବିଶାଳ ଗଭୀର ଓ ଏକ ହିଁ
ଯେଉଁଠାରେ ତୁମର ଚିନ୍ତନର ସମସ୍ତ
ସଂକୀର୍ଣ୍ଣ ଈଶ୍ୱର
ମୋ ଚିନ୍ତନର ବିଶାଳ ଈଶ୍ୱରଙ୍କ ଠାରେ
ଏକତ୍ର ସମାହିତ ହୋଇ
ନିଜର ସମସ୍ତ ସ୍ୱତନ୍ତ୍ରତା,
ସତ୍ତା ଓ ପତ୍ତା ହରାଇ
ଏକ ଈଶ୍ୱରର ପରିଚୟ ଦିଅନ୍ତି
ଯେପରିକି ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଭିତରେ
ଈଶ୍ୱରଙ୍କ ସବୁ ରୂପ ସମାହିତ ଓ
ସବୁ ଦିବ୍ୟ ଅନନ୍ତ ସତ୍ତା ବିଶ୍ୱରୂପ
ଦର୍ଶନରେ ପ୍ରକଟିତ ।

ଭିଏ ୩୪/୪, ୟୁନିଟ-୨
ଭୁବନେଶ୍ୱର, ମୋ-୪୩୭୨୮୪୨୧୧



*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ଅଳତା ବୋଳା ଦୁଇ ପାଦ

ସୁନନ୍ଦା ମହାନ୍ତି

ଗଳ୍ପ

ଗାଁରେ ବସିଥିବା ପ୍ରଥମ ନଳକୂପ ଅଚଳ ହୋଇ ପଡିଥିଲା । ଛୁଟିରେ ଗାଁକୁ ଆସି ନିଶାନ୍ତ ଦେଖିଥିଲା ତା' ପିଲାଦିନର ନଳକୂପ ଅଚଳ ହୋଇ ପଡିଛି । ତାର ମାଆ କଥା ଖୁବ୍ ମନେ ପଡୁଥିଲା । ମାଆ ବାସନ୍ତୀ ଅନ୍ୟ ସ୍ତ୍ରୀ ଲୋକମାନଙ୍କ ସଙ୍ଗେ ନଳକୂଅରୁ ପାଣି ଗରା ମୁଣ୍ଡେଇ ଯାଉ ଯାଉ ସେଦିନ ଯାହା ସବୁ କଥା ହେଉଥିଲେ ସେସବୁ ନିଶାନ୍ତ ମନ୍ଦିର ପିଣ୍ଡାରେ ବସି ସବୁ ଶୁଣିଥିଲା ।

ମାଳତୀ ମାଉସୀ କହୁଥିଲେ ମୋ ପୁଅ ଖୁବ୍ ଶାନ୍ତ ଶିଷ୍ଟ ଓ ଭଲ ପଢେ । ଏତିକି ବେଳେ ସେଇବାଟ ଦେଇ ତାଙ୍କ ପୁଅ ଗଲେ ଓ ମାଳତୀ ମାଉସୀଙ୍କୁ କହିଲେ ବୋଉ ଶୀଘ୍ର ରାନ୍ଧି ଦେଇଥିବୁ ମୁଁ ଭୁବନେଶ୍ୱର ଯିବି । ତା' ପରେ ପରେ ସୁକାନ୍ତି ମାଉସୀ ମଧ୍ୟ କହୁଥିଲେ ହଁ ମାଳତୀ ଅପା ତୁମ ପୁଅ ପରି ମୋ ପୁଅ ମଧ୍ୟ ଖୁବ ସଂସ୍କାରୀ । ସତ କହି ଅପ୍ରିୟ ହେଲେ ହେଉ ପଛେ କିନ୍ତୁ ସତ ଛଡା ତାର ମିଛ ନାହିଁ । ଏହି ସମୟରେ ସେଇ ବାଟ ଦେଇ ସୁକାନ୍ତି ମାଉସୀଙ୍କ ପୁଅ ଗଲେ ଓ ସୁକାନ୍ତି ମାଉସୀଙ୍କୁ କହୁଥିଲେ ଏତେ ଡେରି କଣ କରୁଛୁ ବୋଉ?

ଶୀଘ୍ର ଘରକୁ ଆସି ରାନ୍ଧିଲେ ଓ ମୁଁ କହିଥିବା ପାଞ୍ଚଶହ ଟଙ୍କା ଦେଲେ ମୁଁ ଆମ ଟିମରେ ଖେଳିବାକୁ ଯିବି କହିଥିଲି ପରା । ଏଥର ମାଳତୀ ମାଉସୀ ଓ ସୁକାନ୍ତି ମାଉସୀ ତରତରରେ ପାଦ ପକେଇବା ଦେଖି ନିଶାନ୍ତ ବୋଉ ବାସନ୍ତୀ ମଧ୍ୟ ତରତରରେ ପାଦ ପକାଉ ପକାଉ ମୁଣ୍ଡ ଉପରେ ଥିବା ଗରାରୁ ଜଳ ଚହଲି ଦେହ ଓଦା ହୋଇଯାଉଥିଲା ତ ଟିକେ ଦୂରରେ ସବୁ ଦେଖି ଶୁଣୁ ଥିବା ନିଶାନ୍ତ ଆଉ ସହି ପାରିଲାନି । ଦଉଡି ଯାଇ ବୋଉର ଗରାକୁ ମୁଣ୍ଡ ଉପରେ ରଖି ଆଉ ଦୁଇ ହାତରେ ଦୁଇ ମାଉସୀଙ୍କ ଗରା ଧରି ତରତର ଚାଲି ପକେଇ ଗାଁ ଭିତର ଘରକୁ ଆସିଥିଲା । ଦୁଇ ମାଉସୀ ଅନେକ ଆଶୀର୍ବାଦ ଦେଇ କହିଥିଲେ ତୁ ନିଶ୍ଚୟ ଦିନେ ବଡ଼ ହାକିମ ହେବୁ ଆଉ ବୋଉ ଲୁହ ସରସର ଆଖିରେ ତା ମୁହଁ ପୋଛି ଦେଇ ଖାଲି କହିଥିଲା ମୋ ଧନ । ସେଇ ଦୁଇଟି ଶବ୍ଦ ଭିତରେ କେତେ ଯେ ଅକୁହା ଆଶୀର୍ବାଦ ଲୁଚି ରହିଥିଲା ପରେ ଅନୁଭବ କରି ଚକିତ ହୋଇ ପଡୁ ପଡୁ ବଡ଼ ମଣିଷ ନହେଲେ ମଧ୍ୟ ବିଡ଼ିଓ ହୋଇ ଗାଁକୁ ଆସି ସେଇକଥା ଭାବୁଥିଲା ନିଶାନ୍ତ । ପ୍ରଥମ ନଳକୂପଟି ଏବେ ତାକୁ ତା ମାଆ ବାସନ୍ତୀ ରୂପେ ଦେଖାଯାଉଥିଲା ତ ସେ ଗାଁକୁ ବଦଳି ହୋଇ ଆସିବା ପରେ ପ୍ରଥମ ପଦକ୍ଷେପରେ ନଳକୂପର ମରାମତି କରିବା ସହ ଆଉ ଗୋଟେ ନଳକୂପ ବସାଇ ଥିଲା ଗାଁରେ ।

ନିଶାନ୍ତର ସେଦିନ କଥା ମନେଅଛି । ବାପାଙ୍କ ପୁରୁଣା ସାଇକେଲରେ ବୋଉକୁ ବସେଇ ହସ୍ପିଟାଲ ନେଉ ନେଉ ରୋଗୀଣା ଶରୀର ଓଲଟି ପଡିଥିଲା ସାଇକେଲରୁ ରାସ୍ତା ତଳକୁ ତ ଦୁଇ ପଟୁ ଆସୁଥିବା ଗାଡି ମଟର ମାଡିଯିବା ଭୟରେ ବୋଉକୁ ଘୋଷାଡି ଆଣିଲା ବେଳକୁ ବୋଉର ଶରୀରଟା ଥିଲା ମଲା । ପ୍ରାଣବାୟୁ ଉଡିସାରିଥିଲା ସେଇ ଦୂର ଦେଶକୁ । କିଛି ସମୟ କନ୍ଦା କଟା ଜୋର୍ ଶୁଭିଲା, ତା' ପରେ ଅତି ନିଜର ଲୋକମାନେ ବୋଉକୁ ଶବ ବା ମଡା ବୋଲି ସମ୍ବୋଧନ କରି ଶୀଘ୍ର ପୋଡ଼ି ଦେବାକୁ ପ୍ରସ୍ତୁତ ହେଲେ । ଆଉ କିଛି ସମ୍ପର୍କୀୟମାନେ ଶବଦାହକୁ ଆସିଲେ କିନ୍ତୁ ଛୁଆଁ ହୋଇଯିବେ ବୋଲି ଦୂରରେ ରହି କିଛି ସମୟ ପରେ ଚାଲିଗଲେ ।

ଦଶ ତୁଠରେ ବନ୍ଧୁ ବାନ୍ଧବମାନେ ଏମିତି ହସ ଖୁସିରେ ସମୟ କାଟୁଥିଲେ ଯେ ସତେ ଯେମିତି କିଛି ହୋଇନି । ଆଉ କିଛି ସମ୍ପର୍କୀୟ ବୋଉର ବିୟୋଗରେ ଦୁଃଖ ପ୍ରକାଶ ବଦଳରେ ଦଶ ତୁଠ ଲୁଗାର ଖୁଣ କାଢୁଥିବା ସହିତ ବାପା ଦ୍ୱିତୀୟ ବିବାହ ନକଲେ ନିଶାନ୍ତ କେମିତି ବଡ଼ ହେବ ବୋଲି କହୁଥିଲେ । ବାର ଦିନ ଆମିଷ ଭୋଜି ଖାଇ ଯିଏ ଯୁଆଡେ ଚାଲିଗଲେ । ଗୋଟିଏ ବା ଦୁଇଟି ସପ୍ତାହ ନେଇ ସୋସିଆଲ ମିଡିଆରେ ବନ୍ଧୁ ପରିଜନ କିମ୍ବା ଦୁଃଖ ପୂର୍ଣ୍ଣ ଇମୋଜି ସହ ବୋଉ ଆତ୍ମାର ସଦଗତି ନେଇ ମେସେଜ ପୋଷ୍ଟ କଲେ ଓ ତାଙ୍କ କର୍ତ୍ତବ୍ୟ ସରିଗଲା ବୋଲି ଭାବି ନେଲେ । ତା'ପରେ ସମସ୍ତଙ୍କ ଜୀବନ ସ୍ୱାଭାବିକ ହୋଇଗଲା । ସାଙ୍ଗସାଥୀ, ପରିବାର ଲୋକ ମଧ୍ୟ ଧୀରେ ଧୀରେ ବୋଉ ବିନା ଆଗକୁ ବଢ଼ି ଚାଲିଥିଲେ । ହେଲେ, ନିଶାନ୍ତ ବୋଉର ସଞ୍ଚୟ କାଗଜ ପତ୍ର ଖୋଜି ଓ ସବୁକିଛି ପାଇଁ ନୋମିନି ଫର୍ମ ଭରା ଗଲା । ପୁଅ ନିଶାନ୍ତ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଧାଡ଼ିରେ ଠିଆ ହେଲା । ମାସ ଦୁଇଟା ପରେ ସମସ୍ତଙ୍କୁ ଲାଗିଲା ସତେ ଯେମିତି କିଛି ହୋଇନାହିଁ । ଆଉ କିଛି ମାସ ପରେ ବୋଉକୁ ସମସ୍ତେ ଭୁଲିଯାଇଥିଲେ ମଧ୍ୟ ବୋଉ ନିଶାନ୍ତ ନାମରେ ରଖିଥିବା ସଞ୍ଚୟ ପଇସାରେ ପାଠ ପଢୁଥିଲା ଆଗକୁ ଆଗକୁ । ବର୍ଷକ ପରେ ଧୂମ୍‌ଧାମ୍‌ରେ ପ୍ରଥମ ଶ୍ରାଦ୍ଧରେ ବୋଉକୁ କମ୍ ମନେ ପକାଇ ଭୋଜି ଭାତକୁ ଅଧିକ ଗୁରୁତ୍ୱ ଦେଉଥିଲେ ଚିହ୍ନା ଜଣା ବନ୍ଧୁବାନ୍ଧବ ।

ବାସ୍, ଏହାହିଁ ବୋଉର ଜୀବନ କାହାଣୀ । ଯେଉଁମାନଙ୍କୁ ସବୁଠାରୁ ନିଜର ବୋଲି ଭାବୁଥିଲେ, ସେମାନଙ୍କ ମଧ୍ୟରୁ କିଛି ଲୋକ, ବୋଉର ଅନ୍ତିମ ସମୟରେ ମଧ୍ୟ ଆସିଲେ ନାହିଁ । ଯେଉଁମାନଙ୍କୁ ବୋଉ ଅଧିକ ସମୟ ଦେଇଥିଲା ସେହିମାନେ ହିଁ ସମୟ ନାହିଁ କହି ଦୂରେଇଗଲେ । ସତ୍ୟ ଥିଲା: ବୋଉ, ଚାଲିଗଲା ପରେ ନିଶାନ୍ତ ଏକୁଟିଆ ହୋଇଗଲା । ବୋଉ ମରଣରେ ଦୁନିଆ ଅଟକି ଗଲାନି, କିଛି ମୁହୂର୍ତ୍ତ ମନେ ପକାଇଲେ କେହି କେହି ତା' ପରେ ସବୁ କିଛି ସ୍ୱାଭାବିକ । ବୋଉ କେବଳ ଫଟୋରେ ରହିଗଲା । ନିଶାନ୍ତର ବାପା ଘରେ । ପୁଣି ଅଳନ୍ଧୁ ଝାଡ଼ିଚାଲିଥିଲା ପୁଅ ନିଶାନ୍ତ ।

ବାପା ସିନା କ୍ଷମା କରିଦେଲେ ହେଲେ ନିଜକୁ କ୍ଷମା କରିପାରୁନଥିବା ନିଶାନ୍ତକୁ ଶୁଭୁଥିଲା ସେଇ ଦୁଇ ଶବ୍ଦ ବୋଉର ଯେ 'ମୋ ଧନ.. ମୋ ଧନ' । ତା' ପରଠୁ ପଛକୁ ବୁଲି ଚାହିଁନି କେବେ ନିଶାନ୍ତ । ଆଜି ସଫଳ ହୋଇ ଫେରିଆସିବା ବେଳେ ନିଶାନ୍ତକୁ ଦିଶୁଥିଲା ସେଇ ପ୍ରଥମ ନଳକୂଅ ଓ ତା' ତଳେ ବିତାଇଥିବା ମୁହୂର୍ତ୍ତ ଠୁଁ ଆରମ୍ଭ କରି ପ୍ରୀତି ସହିତ ଆଖିରେ ଆଖି ମିଶିବା ଯାଏଁ । ବାପା ନୂଆ ମାଆ ଆଣି ଖୁସିରେ ଥିଲେ କି ନଥିଲେ କିନ୍ତୁ ନିଶାନ୍ତ ଅନ୍ୟମାନଙ୍କ ପାଇଁ ବଞ୍ଚିବାକୁ ଯେମିତି ଶପଥ ନେଇ ସାରିଥିଲା । ନିଜର ଖୁସି ଓ ସ୍ୱପ୍ନକୁ ବଳି ଦେଇ ଅନ୍ୟ ପାଇଁ ବଞ୍ଚିବା ଶିଖି ଯାଇଥିଲା ।

ପ୍ରୀତି ଯେବେ ଏଣିକି ତା' ଜୀବନ ପରିଧିକୁ ଆସି ସାରିଥିଲା ଓ କହୁଥିଲା ଏବେ ଠାରୁ ନିଜ ପାଇଁ ବଞ୍ଚ ।

ନିଜର ଖୁସିକୁ ପ୍ରାଥମିକତା ଦିଅ । ଯାହା ତୁମ ହୃଦୟକୁ ଖୁସି କରେ ତାହା କର । ଯାହା ଇଚ୍ଛା ହେଉଛି ପିନ୍ଧ, ଖାଅ, ଇଚ୍ଛା ହେଉଛି ତ ବଡ ପାଟିରେ ଗୀତ ଗାଅ । ଥକିଯିବା ପର୍ଯ୍ୟନ୍ତ ନାଚ, ଯେଉଁ ଆଡେ ଇଚ୍ଛା ହେଉଛି ବୁଲି ଯାଅ । ଏ ଜୀବନକୁ କି ଅବା ଭରସା, ଆଜି ଅଛି କାଲି କୁ ନାହିଁ । ପୁନର୍ଜନ୍ମ ଅଛି କି ନାହିଁ ତାର ପ୍ରମାଣ ନାହିଁ । ଥିଲେ ବି ଏ ଜନ୍ମର କଥା ଆର ଜନ୍ମକୁ ମନେ ରହିବ ନାହିଁ । ତେଣୁ ବର୍ତ୍ତମାନ ମୁହୂର୍ତ୍ତକୁ ହସ, ଖୁସି, ଆନନ୍ଦ ରେ ବିତାଅ । କାହା ସହ ଥିବା ପୂର୍ବ ବିବାଦକୁ ତୁରନ୍ତ ସମାଧାନ କର ଓ ନୂତନ ବିବାଦ ଆଉ ସୃଷ୍ଟି କରନାହିଁ । କାରଣ ନୂତନ ବିବାଦ ସୃଷ୍ଟି କରି ତାହାର ସମାଧାନ କରିବାକୁ ହୁଏତ ଆମକୁ ସମୟ ମିଳି ନପାରେ । ନିଜର ଭୁଲ ନ ଥିଲେ ବି ଭୁଲ ସ୍ୱୀକାର କରି ବନ୍ଧୁତା ସୃଷ୍ଟି କର ।

ନା ମୁଁ କ'ଣ ଭୁଲ କହିଲି କି? ପ୍ରଶ୍ନରେ ନିଶାନ୍ତ ଚାହିଁଥିଲା ପ୍ରୀତିର ଅଳତା ବୋଳା ପାଦ ଦୁଇଟିକୁ । ତା' ବୋଉର ଠିକ୍ ଏମିତି ଗୋରା ଗୋରା ଅଳତା ଲଗା ପାଦ ଦୁଇଟି କୋକେଇ ଭିତରୁ ଝୁଲି ରହି ସତେକି କହୁଥିଲା ମୋ ଧନ । ଧୈର୍ଯ୍ୟ ଧର, ସାହାସୀ ହୋଇ କର୍ତ୍ତବ୍ୟ କର । କହୁଥିଲା ପ୍ରୀତି ହେଲେ ନୂଆ ମାଆର ଠିକ୍ ସେଇଭଳି ପାଦ ଦୁଇଟିରେ ପଟେ ଲେଖାଏଁ ଅଳତା ବୋଳା ଥିଲେ ମଧ୍ୟ ତା ମନ ଓ ହୃଦୟ ଏକଦମ ଅଲଗା ଥିଲା ନିଶାନ୍ତ ପାଇଁ । ଆଉ ଏବେ ନିଶାନ୍ତ ସହିତ ପାଦ ମିଳାଇ, ତାକୁ ବଳ ଯୋଗେଇ ଆସୁଥିବା ପ୍ରୀତି ଯେବେ ଅନ୍ୟ କିଛି କହୁଥିଲା, ତା ନିଜ ଭିତରେ ବୋଉର ସ୍ୱର ଶୁଣି ସେ ତଟସ୍ଥ ହେଲା । ପ୍ରୀତି କଥା ମାନିବାକୁ ଯାଇ ପରୋପକାରୀ ହେବାକୁ ଶପଥ ନେଇ ଗାଁର ଉନ୍ନତିରେ ନିଜ ମନ ପ୍ରାଣ ଢାଳି ପୁରୁଣା ନଳ କୂଅ ସଜାଡୁ ସଜାଡୁ, ନୂଆ ରାସ୍ତା, ସ୍କୁଲ ଘର ମରାମତି, ନୂଆ ସଡ଼କ ନିର୍ମାଣ, ଲାଇବ୍ରେରୀ ସ୍ଥାପନ ଇତ୍ୟାଦି ଗାଁରେ କରେଇ ଶେଷକୁ ହସ୍ପିଟାଲଟିଏ ଖୋଲିଥିଲା ଗାଁରେ । ବାପାଙ୍କ ସହିତ ସମସ୍ତେ ନିଶାନ୍ତକୁ ଧନ୍ୟ ଧନ୍ୟ କରୁଥିଲେ ମଧ୍ୟ ନୂଆ ମାଆ ପଦଟିଏ ମଧ୍ୟ କହୁନଥିଲା ।

ଯେଉଁଦିନ ନଳ କୂଅ ମୂଳେ ପଡି ନୂଆ ମାଆ ପାଦ ମକଚି ହୋଇ ପଡିଯାଇ ଡାକ୍ତରଖାନା ଆସିଲା ପ୍ରୀତିର ସେବା ସାଙ୍ଗକୁ ପୁଅର ବ୍ୟସ୍ତତା ଦେଖି ନିଶାନ୍ତର ମୁଣ୍ଡ ଆଉଁସି ନୂଆ ମାଆ କହୁଥିଲା ମୋ ଧନ ତ ନିଶାନ୍ତ ନୂଆ ମାଆର ପାଦ ଦୁଇ ଜାବୁଡି କହୁଥିଲା ଆଉ ଥରେ ମୋ ଧନ ବୋଲି କହ ମାଆ । ନୂଆ ମାଆ ଉଠି ପଡି ପୁଅ ବୋହୁଙ୍କୁ ଆଜି ପ୍ରଥମ ଥର ଛାତିରେ ଲଗେଇ ସ୍ନେହ ପରଶ ଦେଲାବେଳେ ପୂର୍ବର ସବୁ ରାଗ ରୋଷ ଅଭିମାନ ନା ଥିଲା ନିଶାନ୍ତ ମନରେ ନା ଥିଲା ପ୍ରୀତି ହୃଦୟରେ ।

ଏସବୁ ଦେଖି ବାପା ସେଦିନ ଏତେ କାନ୍ଦିଥିଲେ ସତେ ଯେମିତି ଆଜି ହିଁ ନିଶାନ୍ତର ନିଜ ମାଆକୁ ଫେରିପାଇଛନ୍ତି । ନିଶାନ୍ତ ଏଥର ପ୍ରୀତି ସହ ମାଆଙ୍କୁ ଘରକୁ ନେଇ ପୁରୁଣା ନଳ କୂପ ମୂଳେ ଯେମିତି ଶିଉଳି ନହୁଏ ସେଥିପ୍ରତି ପଦକ୍ଷେପ କଣ ହୋଇପାରେ ଚିନ୍ତା କରୁଥିଲା ବେଳେ ପ୍ରୀତି ଗାଁର ପୁରୁଣା ନଳକୂଅ ଚାରି ପାଖରେ ବ୍ଲିଚିଙ୍ଗ ପକେଇ ଶିଉଳି ଛଡାଉଥିବାର ଦୃଶ୍ୟ ଥିଲା ଖୁବ ମନମୁଗ୍ଧକର ।

ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମେରିକାକୁ...

୧୦୦ ଡଲାର ପର୍ଯ୍ୟନ୍ତ ଉପହାର ସାମଗ୍ରୀ, ଚିଠି ଓ ଡକ୍ୟୁମେଣ୍ଟକୁ ପୂର୍ବପରି ଗ୍ରହଣ କରାଯିବ ।ଭାରତୀୟ ଡାକସେବା ପକ୍ଷରୁ ଅଗଷ୍ଟ ୨୫ ରୁ ଚିଠି, ତଥ୍ୟ ଓ ଉପହାର ସାମଗ୍ରୀ ଯାହାର ମୂଲ୍ୟ ଆମେରିକୀୟ ଡଲାର ଅନୁଯାୟୀ ୧୦୦ ଡଲାର ଥିବ । ତାହା କେବଳ ପ୍ରଦାନ କରାଯିବ । ଯେଉଁମାନେ ଆଗରୁ ପାର୍ସଲ ବୁକ୍ କରିଛନ୍ତି ଓ ଯାହାର ଯାଉନାହିଁ ସେମାନେ ପୋଷ୍ଟେଜ୍ ଦେଇ ଫେରିବା ପାଇଁ ଦାବି କରିପାରିବେ । ଭାରତୀୟ ଡାକସେବା ଏହି ଅସୁବିଧା ଲାଗି ଗ୍ରାହକମାନଙ୍କ ନିକଟରେ ଦୁଃଖ ପ୍ରକାଶ କରିଛି । ତେବେ ଯଥାଶୀଘ୍ର ଆମେରିକାକୁ ପୁଣି ଡାକସେବା ବାହାଲ କରିବାକୁ ଚେଷ୍ଟା କରାଯିବ । କେବଳ ଭାରତ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇନାହିଁ ବରଂ ଅନ୍ୟମାନେ ମଧ୍ୟ ଏଭଳି ନିଷ୍ପତ୍ତି ନେଇଛନ୍ତି । ଅଷ୍ଟ୍ରିଆ, ଫ୍ରାନ୍ସ ଓ ବେଲଜିୟମ୍ ମଧ୍ୟ ଡାକସେବାକୁ ବନ୍ଦ କରିଛନ୍ତି । ଡିଏଚ୍‌ଏଲ୍ ପକ୍ଷରୁ କୁହାଯାଇଛି ଯେ, ଜର୍ମାନୀ ପାର୍ସଲ ସେବା ମଧ୍ୟ ଅଗଷ୍ଟ ୨୫ ରୁ ବନ୍ଦ ହେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେଲାପରେ ଏଭଳି ନିଷ୍ପତ୍ତି ନେଇଛନ୍ତି । ଟ୍ରମ୍ପ ପ୍ରଶାସନ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ସହ ଆଉ ଅତିରିକ୍ତ ୨୫ % ଶୁଳ୍କ ଲାଗୁ କରିଛନ୍ତି । ରୁଷିଆ ଅଶୋଧିତ ତୈଳ କିଣୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ।

## ପୁଣି...

ଆସିବାକୁ ସହଜ ମନେକରୁଛନ୍ତି । କାରଣ ଲଗେଜ୍ ବ୍ୟାଗ୍ ମେସିନ୍ ସାହାଯ୍ୟରେ ଯାଞ୍ଚବେଳେ ଭିତରେ କ'ଣ ରହୁଛି ତାହା ସ୍ପଷ୍ଟ ଜଣାପଡୁ ନଥିବାରୁ ନିଶା ମାଫିଆମାନେ ଏହି ବାଟଦେଇ ନିଶା କାରବାର କରିବାକୁ ସହଜ ମଣୁଛନ୍ତି । ଶନିବାର ଧରାପଡ଼ିଥିବା ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ଗୁଇନ୍ଦା ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ ତାଙ୍କ ନିକଟରୁ ମାରିଜୁଆନା ଜବତ ହୋଇଥିଲା ।

ବିମାନବନ୍ଦରରୁ ଚଳିତ ବର୍ଷ ମାରିଜୁଆନା ତୃତୀୟ ଥର ପାଇଁ ଶନିବାର ଜବତ ହୋଇଛି । ଏହା ପୂର୍ବରୁ କୋଟି କୋଟି ଟଙ୍କାର ମାରିଜୁଆନା ବିଦେଶୀଙ୍କ ନିକଟରୁ ଜବତ ହୋଇଥିଲା । ସେମାନେ ଭୁବନେଶ୍ୱର ଦେଇ ଅନ୍ୟ ଦେଶକୁ ମାରିଜୁଆନା ନେଉଥିବା ବେଳେ ଧରାପଡ଼ିଥିଲେ । ସେହି ବ୍ୟାଙ୍କକ୍‌ରୁ ସେମାନେ ଚାଲାଣ କରାଯାଉଥିବା ମାରିଜୁଆନା ଭୁବନେଶ୍ୱର ଆସୁଥିବା କୁହାଯାଉଛି । ବାସ୍ତବରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିଲା ନା ଅନ୍ୟ କୁଆଡ଼େ ଚାଲାଣ କରାଯାଉଥିଲା, ତାହା ପ୍ରେମୀ ଯୁଗଳଙ୍କୁ ବ୍ୟାପକ ଜେରା କରାଗଲେ ଜଣାପଡ଼ିବ ।

ବିଦେଶୀ ନିଶା ଭୁବନେଶ୍ୱର ବିମାନବନ୍ଦର ଦେଇ ଚାଲାଣ ହେବା ବାରମ୍ବାର ଜଣାପଡ଼ିବା ପରେ କଷ୍ଟମ୍ସ ଓ ଡିଆରଆଇ ସତର୍କ ରହିଛନ୍ତି । ଯାଞ୍ଚ ବେଳେ ସେମାନେ ଧରା ପଡୁଛନ୍ତି ତାହା ନୁହେଁ, ସେମାନଙ୍କ ସମ୍ପର୍କରେ ଗୁଇନ୍ଦା ପାଖରେ ସଠିକ ଖବର ପହଞ୍ଚିବାରେ ତାଙ୍କୁ ଧରାଯାଉଛି । ଯେଉଁ ଚାଲାଣକାରୀମାନେ ନିଶା ଆଣି ଆସୁଛନ୍ତି, ସେମାନେ କେଉଁ ମାଫିଆଙ୍କ ପାଖରୁ ଆଣୁଛନ୍ତି ଓ କେଉଁ ମାଫିଆଙ୍କୁ ଯୋଗାଉଛନ୍ତି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରି ନାହିଁ ।

## ବୈତରଣୀରେ...

ସଙ୍କେତ ହେଉଛି ୧୮.୩୩ ମିଟର । ଶନିବାର ଅପରାହ୍ନ ୪ଟାରେ ବୈତରଣୀର ଜଳସ୍ତର ଆଖୁଆପଦା ଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ସେଠାରେ ବନ୍ୟାଜଳ ୧୮.୪୬ ମିଟରରେ ପ୍ରବାହିତ ହେଉଛି । ଏହା କ୍ରମଶଃ ବୃଦ୍ଧିପାଇ ୧୮.୮୦ମିଟର ପର୍ଯ୍ୟନ୍ତ ଅତିକ୍ରମ କରିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ଉପର ମୁଣ୍ଡରେ ଆଉ ବର୍ଷା ହେଉନଥିବାରୁ ବଡ ଧରଣର ବନ୍ୟା ହେବ ନାହିଁ ବୋଲି ଧାମନଗର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନାରାୟଣ ନାୟକ କହିଛନ୍ତି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପ୍ରଶାସନ ସତର୍କ ଥିବାବେଳେ ବୈତରଣୀ ନଦୀ ଓ ତାହାର ଶାଖା କୋଚିଲା, ଗେଙ୍ଗୁଟି ଓ କଣ୍ଡିଆ ନଦୀର ପାର୍ଶ୍ୱବର୍ତ୍ତୀ ବିଭିନ୍ନ ତଳିଆ ଅଞ୍ଚଳ ଅର୍ଜ୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା, ଆନନ୍ଦପୁର ଓ ଧୁଷୁରୀ ଏବଂ ହସନାବାଦ, ନଦୀଗାଁ, ଦଳାଙ୍ଗ, ଭଟସାହ ଆଦି ପଞ୍ଚାୟତର ତଳିଆ ଅଞ୍ଚଳରେ ଥିବା ଜନସାଧାରଣ ବନ୍ୟା ଆଶ୍ରୟସ୍ଥଳୀ କିମ୍ବା ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଯାଇଛି । ଉକ୍ତ ପଞ୍ଚାୟତଗୁଡିକ ଛୋଟ ବନ୍ୟାରେ ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ସେଠାରେ କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଆରଆଇମାନଙ୍କୁ ବନ୍ୟା ମୁକାବଲା ନିମନ୍ତେ ନିୟୋଜନ କରାଯାଇଛି ବୋଲି ବିଡିଓ ବନ ବିହାରୀ ଦିଣ୍ଡା ସୂଚନା ଦେଇଛନ୍ତି ।

ସେପଟେ ଧାମନଗର ଜଳ ସମ୍ପଦ ବିଭାଗ ଏସ୍‌ଡିଓ ପଦବୀ ଖାଲି ଥିବାବେଳେ ପଧାନି ପଞ୍ଚାୟତର କୋଚିଲା ନଦୀର ସଇଲୋ ଠାରେ ଗତ ବନ୍ୟାର ପରବର୍ତ୍ତୀ ସମୟରେ ପ୍ରାୟ ୨ଶହ ମିଟର ଧସିଯାଇଥିବା ନଦୀବନ୍ଧକୁ ପୁନଃ ମରାମତି ହୋଇଥିଲା । କିନ୍ତୁ ଏହି ମରାମତିର ମାସକ ମଧ୍ୟରେ ପୁନର୍ବାର ଉକ୍ତ ବନ୍ଧ ଧସିଥିବାରୁ ସେଠାକାର ଲୋକେ ବର୍ତ୍ତମାନ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏଥିସହ ବିଭାଗୀୟ ଅଧିକାରୀ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଧାମନଗର ସେକ୍ସନ ଯନ୍ତ୍ରୀ ନାରାୟଣ ନାୟକ, ଧୁଶୁରି ସେକ୍ସନର ଯନ୍ତ୍ରୀ ବିମଳ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟାନ୍ୟ ଜଳ ସମ୍ପଦ କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବେ ନିରୀକ୍ଷଣ କରୁଛନ୍ତି ବୋଲି ଷେଣ୍ଢପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ସୂଚନା ଦେଇଛନ୍ତି ।

## ଓସିପିଏଲ୍‌କୁ...

ଟାଙ୍ଗରଡିହି କୋଇଲାଖଣୀ ରେ ପ୍ରାୟ ୧୧୦୦ନିୟୁତଟନ ଜି ୧୩ମାନର କୋଇଲା ମହଜୁଦ ଅଛି. ପ୍ରାୟ ୪୧୦ ମିଟର ମଧ୍ୟରେ ୪୦୦ ନିୟୁତ ଟନ ଉଚ୍ଚମାନର କୋଇଲା ଗଚ୍ଛିତ ଅଛି । ବିଶେଷଜ୍ଞମାନେ କହିଛନ୍ତି ଯେ, ଓସିପିଏଲ୍ ପାଇଁ ଏହା ଏକ କୌଶଳଗତ ସଫଳତା ଅଟେ । କାରଣ, ବୃଦ୍ଧିଶୀଳ ବିଦ୍ୟୁତ୍ ଚାହିଦା ପୂରଣ କରିବା ସହିତ, ରାଜ୍ୟ ଏବେ ଅନ୍ୟ ରାଜ୍ୟକୁ ମଧ୍ୟ କୋଇଲା ଓ ବିଦ୍ୟୁତ୍ ଯୋଗାଣ କରିବାରେ ସକ୍ଷମ ହେବ । ଏହି ବାଣିଜ୍ୟିକ କୋଇଲା ଖଣି ବର୍ଷକୁ ପ୍ରାୟ ୩୦୦୦ କୋଟି ଟଙ୍କାର ବ୍ୟବସାୟ କରିବା ଏବଂ ପ୍ରାୟ ୨୫୦୦ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ କର୍ମ ଯୋଗାଇଦେଇ ପାରିବ । ମିଳିଥିବା ଅନ୍ୟ ସୂଚନା ଅନୁସାରେ, ଏହି କୋଲ ବ୍ଲକ୍ ଚାଲୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରଚୁର ଆର୍ଥିକ କାର୍ଯ୍ୟକଳାପ ଆରମ୍ଭ ହେବ ଏବଂ ପରୋକ୍ଷ ଭାବରେ ପ୍ରାୟ ୩୦୦୦ ଲୋକଙ୍କୁ ଜୀବିକା ମିଳିପାରିବ । ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଶକ୍ତି ବିଭାଗ ସଚିବ ବିଶାଲ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କୋଇଲା ମନ୍ତ୍ରଣାଳୟ ର ନିଲାମ ପ୍ରକ୍ରିୟା ରେ ଓସିପିଏଲ ଭାଗନେଇ ଏହି ସଫଳତା ହାସଲ କରିଛି । ଏହି ଉପଲବ୍ଧି ରାଜ୍ୟ ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ରାଜ୍ୟସରକାର ଓସିପିଏଲ ଏବଂ ଶକ୍ତି ସଚିବଙ୍କର ଏହି ମିଳିତ ଉଦ୍ୟମକୁ ସବୁ ମହଲ ରେ ଉଚ୍ଚପ୍ରଶଂସା କରାଯାଉଛି ।

## ଲଘୁଚାପ...

ଝାରସୁଗୁଡାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ବାଲେଶ୍ୱର, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ । ସେହିପରି ଆଗାମୀ ୨୫ ତାରିଖ ସୁଦ୍ଧା ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା, ଜଗତସିଂହପୁର, ନୟାଗଡ, ଗଞ୍ଜାମ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ କଟକ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସାଟେଲାଇଟ୍ ଛବିରୁ ଜଣାପଡିଛି ଯେ ଆଜି ବଙ୍ଗୋପସାଗର ବା ସଂଲଗ୍ନ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇନାହିଁ । ୨୫ ଓ ୨୬ରେ ମୌସୁମୀ ଟ୍ରପ୍‌ର ପୂର୍ବଭାଗ ଓଡିଶା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ରହିବ । ୨୫ ରୁ ୨୭ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ପ୍ରତ୍ୟେକ ଦିନ କିଛି ଘଣ୍ଟା ପାଇଁ ଲଘୁଚାପ କ୍ଷେତ୍ର/ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପୁଣି ବିଲୀନ ହେବ । ୨୫ ଓ ୨୬ରେ ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ବିଶେଷ କରି ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ ପର୍ଯ୍ୟନ୍ତ ମଧ୍ୟମ ଧରଣର ଏବଂ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୭ରେ ଉପକୂଳ ଓ ଉତ୍ତର ଓଡିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୨୯ ଓ ୩୦ରେ ପୁଣି ବର୍ଷା ବଢିବ । ପଶ୍ଚିମ ଓଡିଶା ସହ ଉପକୂଳରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ୩୧ ରେ ଲଘୁଚାପ କ୍ଷେତ୍ର ମଧ୍ୟପ୍ରଦେଶରେ ପହଞ୍ଚି ଅଧିକ ଘନୀଭୂତ ହୋଇପାରେ । ବର୍ଷା ହେତୁ ଧାନ ଫସଲରେ ସାର ପକାଇବାରେ ଅସୁବିଧା ହେଉଛି । ତେବେ କେନ୍ଦ୍ରୀୟ ଓଡିଶାରେ ୨୮ ପରେ ଏବଂ ବାକି ଜିଲ୍ଲାଗୁଡିକରେ ୩୦ ପରେ ସାର ପକାଇବା ବ୍ୟବସ୍ଥା କରନ୍ତୁ । ସମ୍ଭବତଃ ୩୧ ଠାରୁ ସେପେଟମ୍ବର ୩ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀ ଶ୍ରୀ ପଶୁପାଳକ ଆକଳନ କରିଛନ୍ତି ।

## ହୀରାକୁଦର...

ବନ୍ଧ କର୍ତ୍ତୃପକ୍ଷ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲେ। ମହାନଦୀ ଭିତରକୁ ନଯିବାକୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ମଧ୍ୟ ଘୋଷଣା କରାଯାଇଥିଲା।

ଚଳିତବର୍ଷର ପ୍ରଥମ ବନ୍ୟାଜଳ ହୀରାକୁଦ ଜଳଭଣ୍ଡାରରୁ ଗତ ୬ଜୁଲାଇରେ ନିଷ୍କାସିତ ହୋଇଥିଲା। ଏକକାଳୀନ ୨୦ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଥିଲା। ଜଳ ପ୍ରବାହ ହ୍ରାସ ପାଇବାରୁ ଗତ ୩ଅଗଷ୍ଟ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ଗେଟ୍ ବନ୍ଦ କରାଯାଇଥିଲା। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଏହାର ପ୍ରଭାବରେ ବର୍ଷା ଜାରି ରହିଛି। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨୧.୬୩ମିମି ଓ ତଳମୁଣ୍ଡରେ ୨୭.୬୮ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୧.୨୧ଫୁଟ ରହିଛି। ବାମପଟୁ ୫ଟି ଓ ଡାହାଣ ପଟୁ ୩ଟି ଗେଟ୍ ଖୋଲା ଯାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୩ହଜାର ୧୩୫ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ୧ଲକ୍ଷ ୬୧ହଜାର୬୯୪ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ସ୍ପିଲେଓ୍ୱକୁ ୧ଲକ୍ଷ ୨୬ହଜାର ୧୨୦ଘନଫୁଟ, ପାଓ୍ୱାର ଚେନାଲକୁ ୩୨ହଜାର ୩୨୧ଘନଫୁଟ, କେନାଲକୁ ୩ହଜାର ୩୯ଘନଫୁଟ ଓ କଳକାରଖାନାକୁ ୨୧୪ଘନଫୁଟ ଜଳ ଛଡା ଯାଉଛି। ଗେଟ୍ ଖୋଲାଥିବାରୁ ବେଲଗାଁରେ ୧୪ହଜାର୮୦୦, ପର୍ଥଲାରେ ୪୩ହଜାର୬୨, ଖଇରମାଳରେ ୧ଲକ୍ଷ ୩୪ହଜାର, ବାରମୂଳରେ ୯୬ହଜାର ଓ ମୁଣ୍ଡଳିରେ ୧ଲକ୍ଷ ୨୧ହଜାର୫୩୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ତେବେ ପ୍ରବଳ ବର୍ଷା ଓ ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କଲେ ଅଧିକ ଗେଟ୍ ଖୋଲା ଯିବ ବୋଲି ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଲ କୁମାର ବେହେରା ସୂଚନା ଦେଇଛନ୍ତି ।

## ନବୀନଙ୍କୁ...

ସାକ୍ଷାତ କରିବା ପାଇଁ ଦଳୀୟ ନେତା ଓ ଶୁଭେଚ୍ଛୁଙ୍କ ଭିଡ ଲାଗିଛି । ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହସ୍ପିଟାଲ ଯାଇଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ନବୀନ ହସ୍ପିଟାଲରେ ଥିବାବେଳେ ଫୋନ୍ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ସୁସ୍ଥ ହେବାପରେ ଦିଲ୍ଲୀ ଆସିଲେ ସାକ୍ଷାତ ହେବ ବୋଲି ମଧ୍ୟ କହିଥିଲେ । ଆଜି ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ସାକ୍ଷାତ କରିଛନ୍ତି ।

## ୧୦ ବର୍ଷରେ...

ସେମାନଙ୍କ ପଦବୀ ଆପଣା ଛାଏଁ ଚାଲିଯିବ । ଏହି ବିଲ୍‌କୁ ବିରୋଧୀ ଦଳ ନେତାମାନେ ତୀବ୍ର ବିରୋଧ କରି ଏହା ବିରୋଧୀ ଦଳଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି । ଓପନ୍ ସୋର୍ସ ଇଣ୍ଟେଲିଜେନ୍ସି ଟିମ୍ ପକ୍ଷରୁ ହୋଇଥିବା ବିଶ୍ଳେଷଣରେ ଜଣାପଡିଛି ମେ ୨୦୧୪ ପରେ ବିଜେପି କ୍ଷମତାକୁ ଆସିଲା ପରେ ୧୨ କାର୍ଯ୍ୟରତ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି । କେନ୍ଦ୍ର ସରକାରଙ୍କ ଅଧିନରେ ଆସୁଥିବା ସିବିଆଇ ଓ ଇଡି ପକ୍ଷରୁ ଏହି ଗିରଫଦାରୀ ହୋଇଛି । ୮ ମନ୍ତ୍ରୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ୩୦ ଦିନରୁ ଅଧିକ ସମୟ ଜେଲ୍‌ରେ ରହିଥିଲେ । ଜାମିନ ପାଇବା ପୂର୍ବରୁ ସେ ମାସେଧିକ କାଳ ଜେଲ୍‌ରେ ଥିଲେ । ସେମାନଙ୍କ ମଧ୍ୟରୁ ୭ ଜଣ ପିଏମ୍‌ଏଲ୍‌ଏରେ ଗିରଫ ହୋଇଥିଲେ । ଯେଉଁଥିରେ ଜାମିନ ମିଳିବା କଷ୍ଟସାଧ୍ୟ ଥିଲା । ଆଉକିଛି ନେତାଙ୍କ ବିରୋଧରେ ଦୁର୍ନୀତି, ଆର୍ଥିକ ଲେଣଦେଣ, ଠକେଇ ମାମଲା, ଦିଲ୍ଲୀ ମଦ ଦୁର୍ନୀତିକୁ ନେଇ ଥିଲା । ସେହିଭଳି ସାରଦା ଚିଟ୍‌ଫଣ୍ଡ ଓ ଶିକ୍ଷକ ନିଯୁକ୍ତି ମାମଲାରେ ପଶ୍ଚିମବଙ୍ଗରେ ମଧ୍ୟ ଗିରଫଦାରୀ ହୋଇଥିଲା । ପଶ୍ଚିମବଙ୍ଗର ଟିଏମ୍‌ସି ସରକାରର ୫ ଜଣ ମନ୍ତ୍ରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିଲେ । ସେହିଭଳି ଆମ୍ ଆଦମୀ ପାର୍ଟିର ୪ ଜଣ ଓ ଡିଏମ୍‌କେ ଓ ଏନ୍‌ସିପିର ଜଣେ ଲେଖାଏଁ ଗିରଫ ହୋଇଥିଲେ । ୨୦୧୪ ସେପ୍ଟେମ୍ବରରେ ଏଆଇଡିଏମ୍‌କେ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ଜୟ ଲଳିତା ୨୧ ଦିନ ଜେଲ୍‌ରେ କଟାଇଥିଲେ । ତେବେ ଏହି ସମୟ ମଧ୍ୟରେ କୌଣସି ଗୁରୁତର ଅଭିଯୋଗରେ ବିଜେପିର କୌଣସି ମନ୍ତ୍ରୀ ଗିରଫ ହୋଇନଥିଲେ । ଉତ୍ତରପ୍ରଦେଶ ମନ୍ତ୍ରୀ ରାକେଶ ସାଚନ ଅସ୍ତ୍ରଶସ୍ତ୍ର ମାମଲାରେ ୧ ବର୍ଷ ଜେଲ୍‌ଦଣ୍ଡ ପାଇଥିଲେ ମାତ୍ର ସେ ଗିରଫ ହେବାପରେ ଜାମିନରେ ଆସିଥିଲେ ଓ ସେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଏକମାତ୍ର କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଭାବେ କେଜରିୱାଲଙ୍କୁ ଗିରଫ କରାଯାଇଥିଲା । ଝଡଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଇଡି ତାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରିଥିଲା ।

## ସାରର...

ଧାନ ଗଛ ସବୁ ସାର୍ ଅଭାବରୁ ଶୁଖିଲା ଦେଖା ଯାଉଛି । ଧାନ ଗଛ ବଢିବା ପାଇଁ ପ୍ରଥମେୟୁରିଆ ସାର ଆବଶ୍ୟକ ରହିଛି । ଅନ୍ୟ ପକ୍ଷରେ ଲ୍ୟାମ୍ପ ସହିତ ସାର୍ ଦଲାଲଙ୍କ ଭିତିରିଆ ମଧୁ ଚନ୍ଦ୍ରିକା ଥିବା ବେଳେ ବାହାରେ କଳା ବଜାର ବୃଦ୍ଧି ପାଇଛି । ଯେଉଁୟୁରିଆ ୫୦ କେଜି ବସ୍ତାର ଦର ୨୭୦ ଟଙ୍କା ହେବା କଥା ତାହା ବାହାରେ ବସ୍ତା ପିଛା ୭୦୦ ଟଙ୍କାରୁ ଅଧିକା ଦରରେ ବିକ୍ରୟ ହେଉଛି । ଏ ସମ୍ପର୍କରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜାଣିଶୁଣି ଚୁପ୍ ରହୁଥିବା ବେଳେୟୁରିଆ କଳାବଜାରୀ ରୋକିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରି ନାହାନ୍ତି । ଗଣ ମାଧ୍ୟମରେୟୁରିଆ ସାରର କଳା ବିଜୟୀ ସମ୍ପର୍କରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ସ୍ଥାଣୁ ପାଲଟି ବସିଛି । ଅନ୍ୟ ପକ୍ଷରେ ମାଲକାନଗିରି ଜିଲ୍ଲା ପାଇଁ ୧୦ ହଜାର ମେଟ୍ରିକ୍ ଟନ୍‌ୟୁରିଆ ସାର ଯୋଗାଣ ର ଟାର୍ଗେଟ ସରି ଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲ ରଂଜନ ମାହାଲିକ ମଧ୍ୟ ସଫେଇ ଦେଇଛନ୍ତି ।

ଅନ୍ୟ ପକ୍ଷରେ ଚାଷୀମାନୟୁରିଆ ନ ମିଳିବା ଯୋଗୁଁ ପ୍ରାୟ ୪ହଜାରରୁ ଉର୍ଦ୍ଧ୍ୱ ଚାଷୀ ଜାତୀୟ ରାଜପଥ ଅବରୋଧ କରି ବସିଥିଲେ । ଆଗାମୀ ଦିନରେ ଚାଷୀ ପିଛା ଗୋଟିଏ ବସ୍ତାୟୁରିଆ ସାର ଯୋଗାଇ ଦେବାକୁ ଲ୍ୟାମ୍ପ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା୫ ଘଟିକା ସମୟରେ ପଥ ଅବରୋଧ ହଟିଥିଲା । ତେବେୟୁରିଆ ସାରର ଉତ୍କଟ କଳାବଜାରୀ ସହିତ ସାର କୃତ୍ରିମ ଅଭାବ ଏବେ ଚାଷୀମାନଙ୍କ ପାଇଁ ମୁଣ୍ଡ ବ୍ୟଥା କାରଣ ହୋଇ ପଡ଼ିଛି । ମାଲକାନଗିରି ଜିଲ୍ଲାରେ ଥିବା ୭ ଟି ବ୍ଲକରେୟୁରିଆ ସାର୍ ନ ମିଳୁବା ଯୋଗୁଁ ଚାଷୀ ମନରେ ତୀବ୍ର ଅଶାନ୍ତି ଦେଖା ଦେଇଛି । ଆଗାମୀ ଦିନରେ ବଡଧରଣ ଚାଷୀ ମେଳି ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାର ଯୋଜନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

## ଉତ୍ତରାଖଣ୍ଡରେ...

ତାଙ୍କ ୭ ବର୍ଷର ପୁଅ ଘର ଭାଙ୍ଗିବା ଯୋଗୁ ମୃତ୍ୟୁବରଣ କରିଥିଲେ। ୮ରୁ ଅଧିକ ଦାଣ୍ଡୁ ଗ୍ରାମରେ ଆହତ ହୋଇଛନ୍ତି। ଏନ୍‌ଏଚ୍ ୩୯ରେ ଜଳାର୍ଣ୍ଣବ ହେବାଯୋଗୁ ଯାତାୟତ ବିଚ୍ଛିନ୍ନ ହୋଇଛି। ପଞ୍ଚାଲିନଗର, ହିନ୍ଦୀପୁର, ମୋରାବାଡି, କୋକାର, ନିୟୁବନ୍ଧଗିରିରେ ମଧ୍ୟ ପାଣି ଘେରରେ ରହିଛି। ଜାମ୍‌ସେଦ୍‌ପୁରରେ ସୁବର୍ଣ୍ଣରେଖା ନଦୀ ବିପଦସଂଙ୍କେତ ଉପରେ ପ୍ରଭାବି ହେଉଛି ।


**ବିଜ୍ଞାପନ**

ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ
ଓ.ଏ ନମ୍ବର ୧୧/୨୦୨୨(ଧା୪୧ଗ)
ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ଓଗେର ................ ବାଦୀ
ବନାମ
ହିନ୍ଦୁ ସର୍ବସାଧାରଣ ଓଗେର ......................ପ୍ରତିବାଦୀ

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଯେ ଜିଲ୍ଲା-ଜଗତସିଂହପୁର ଥାନା-ବିରିଡି, ପୋ.ଅ-ସୋମପୁର, ଗ୍ରାମ-ଗୋବିନ୍ଦପୁରରେ ବିଜେ ହୋଇଥିବା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଏକ ସର୍ବସାଧାରଣ ଧର୍ମାନୁଷ୍ଠାନ, ଠାକୁରଙ୍କ ନାମରେ ଥିବା ତଫସିଲଭୁକ୍ତ ସମ୍ପତ୍ତି ସର୍ବସାଧାରଣ ଦେବୋତ୍ତର ସମ୍ପତ୍ତି ଏବଂ ବାଦୀ ନଂ ୨ ରୁ ୪ ଏହାର ମୌରସୀ ନ୍ୟାସୀ ଏବଂ ମୌରସୀ ସେବକ ଏବଂ ଠାକୁରଙ୍କ ସେବା ପୂଜା କରିଆସୁଥିବା ବାବଦକୁ ତଫସିଲଭୁକ୍ତ ସମ୍ପତ୍ତି ଭୋଗ ଦଖଲ କରିବାକୁ ହକଦାର ବୋଲି ଦାବିକରି ଉକ୍ତ ମୌଜାର ଶ୍ରୀବଲ୍ଲଭ ନାୟକ ଓଗେର ଆସ ଅଦାଲତରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ୪୧ ଧାରା ଅନୁଯାୟୀ ଏକ ମୋକଦ୍ଦମା ଦାୟର କରିଅଛନ୍ତି । ଉକ୍ତ ମୋକଦ୍ଦମାରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ପିତା ସ୍ୱର୍ଗତ ଗିରିଧାରୀ ମଲ୍ଲିକ, ସା-ଗୋବିନ୍ଦପୁର, ପୋ.ଅ-ସୋମପୁର, ଥାନା- ବିରିଡି, ଜିଲ୍ଲା-ଜଗତସିଂହପୁର ଏବଂ ଶ୍ରୀ ଅରକ୍ଷିତ ସାହୁ, ପିତା- ସ୍ୱର୍ଗତ କାଶୀନାଥ ସାହୁ, ସା/ପୋ : ସୋମପୁର, ଥାନା- ବିଶୋଇନଗର, ଜିଲ୍ଲା-ଜଗତସିଂହପୁରଙ୍କୁ ଅପରପକ୍ଷଭୁକ୍ତ କରିଅଛନ୍ତି । ଉକ୍ତ ଦାବି ଏବଂ ପ୍ରତିନିଧିତ୍ୱରେ କାହାର କିଛି ଆପତ୍ତି ଥିଲେ ସେ ଆସନ୍ତା ତା. ୨୫.୦୯.୨୫ ରିଖ ଦିବା ୧୦ ଘଟିକା ୩୦ ମିନିଟ୍ ସମୟେ ଆସ ଅଦାଲତରେ ହାଜର ହୋଇ ଆପତ୍ତି ଦର୍ଶାଇବେ । ତାରିଖାନ୍ତେ ଆପତ୍ତି ଗ୍ରହଣୀୟ ନୁହେଁ ।

ସ୍ୱା/- ଶ୍ରୀ ପ୍ରକାଶ କୁମାର କର, ଓଏଚଏସ(୧)
ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

**ତଫସିଲଭୁକ୍ତ ସମ୍ପତ୍ତିର ବିବରଣୀ**

ମୌଜା- ଗୋବିନ୍ଦପୁର, ତହସିଲ/ଥାନା- ଜଗତସିଂହପୁର, ଜିଲ୍ଲା-କଟକ ବର୍ତ୍ତମାନ ଜଗତସିଂହପୁର ଖାତା ନମ୍ବର ୧୩୮ ତକଭୁକ୍ତ ହୋଇ ନ ଥିବା ପ୍ଲଟ ନମ୍ବର ୩୩୭ ରକବା ଏ ୦.୨୬ ଡେସିମିଲ ।



**ବିଜ୍ଞାପନ**

ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, କଟକ
ଓ.ଏ ନମ୍ବର ୨୩/୨୦୨୫(ଧା୪୧ଗ)
ଶ୍ରୀଭଗବତୀ ଠାକୁରାଣୀ ଓଗେର ................ ବାଦୀ
ବନାମ
ହିନ୍ଦୁ ସର୍ବସାଧାରଣ ଓଗେର ......................ପ୍ରତିବାଦୀ

ଏତଦ୍ୱାରା ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଯେ ଜିଲ୍ଲା-କଟକ, ଥାନା-ନେମାଳୋ, ଗ୍ରାମ/ପୋଅ-ଆଞ୍ଜାପୁରରେ ବିଜେ ହୋଇଥିବା ଶ୍ରୀଭଗବତୀ ଠାକୁରାଣୀ ଏକ ସର୍ବସାଧାରଣ ଧର୍ମାନୁଷ୍ଠାନ, ଠାକୁରଙ୍କ ନାମରେ ଥିବା ତଫସିଲଭୁକ୍ତ ସମ୍ପତ୍ତି ସର୍ବସାଧାରଣ ଦେବୋତ୍ତର ସମ୍ପତ୍ତି ଏବଂ ବାଦୀ ନଂ ୨ ଏବଂ ୩ ଏବଂ ପ୍ରତିବାଦୀ ନଂ ୧ ରୁ ୫ ଏହାର ମୌରସୀ ନ୍ୟାସୀ ଏବଂ ମୌରସୀ ସେବକ ଏବଂ ଠାକୁରଙ୍କ ସେବା ପୂଜା କରିଆସୁଥିବା ବାବଦକୁ ତଫସିଲଭୁକ୍ତ ସମ୍ପତ୍ତି ଭୋଗ ଦଖଲ କରିବାକୁ ହକଦାର ବୋଲି ଦାବିକରି ଉକ୍ତ ମୌଜାର ଶ୍ରୀ ପଦ୍ମଲୋଚନ ଦାଶ ଓଗେର ଆସ ଅଦାଲତରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ୪୧ ଧାରା ଅନୁଯାୟୀ ଏକ ମୋକଦ୍ଦମା ଦାଖଲ କରିଅଛନ୍ତି । ଉକ୍ତ ମୋକଦ୍ଦମାରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ କୈଳାସ ବେହେରା, ପିତା- ସ୍ୱର୍ଗତ ଭବାନୀ ଚରଣ ବେହେରା, ସା/ପୋ.ଅ-ଆଞ୍ଜାପୁର, ଥାନା-ନେମାଳୋ, ଜିଲ୍ଲା-କଟକଙ୍କୁ ଅପରପକ୍ଷଭୁକ୍ତ କରିଅଛନ୍ତି । ଉକ୍ତ ଦାବି ଏବଂ ପ୍ରତିନିଧିତ୍ୱରେ ଯଦି କାହାର କିଛି ଆପତ୍ତି ଥାଏ ସେ ଆସନ୍ତା ତା. ୨୬.୦୯.୨୫ ରିଖ ଦିବା ୧୦ ଘଟିକା ୩୦ ମିନିଟ୍ ସମୟେ ଆସ ଅଦାଲତରେ ହାଜର ହୋଇ ଆପତ୍ତି ଦର୍ଶାଇବେ । ତାରିଖାନ୍ତେ ଆପତ୍ତି ଗ୍ରହଣୀୟ ନୁହେଁ ।

ସ୍ୱା/- ଶ୍ରୀ ପ୍ରକାଶ କୁମାର କର, ଓଏଚଏସ(୧)
ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, କଟକ

**ତଫସିଲଭୁକ୍ତ ସମ୍ପତ୍ତିର ବିବରଣୀ**

ମୌଜା- ଆଞ୍ଜାପୁର, ତହସିଲ-ନିଶ୍ଚିନ୍ତକୋଇଲି, ଥାନା-ନେମାଳୋ, ଜିଲ୍ଲା-କଟକ, ହାଲ ଖାତା ନମ୍ବର ୧୨୬, ପ୍ଲଟ ନମ୍ବର ୨୧୨, ରକବା ଏ ୦.୪୫୦୦ ଡେସିମିଲ, ପ୍ଲଟ ନମ୍ବର ୩୧୯, ରକବା ଏ ୧.୫୦୦୦ ଡେସିମିଲ ଏବଂ ପ୍ଲଟ ନମ୍ବର ୪୦୦, ରକବା ଏ ୦.୮୦୦ ଡେସିମିଲ, ସର୍ବମୋଟ୍ ୩ ପ୍ଲଟ ରକବା ଏ ୨.୦୩ ଡେସିମିଲ୍ ।



**IN MEMORIAM**



HAV B SWAIN | NAV M NAYAK | NK U PRADHAN | SEP S DIGAL | SEP A K BEHERA

In Memory of Brave Hearts
120 Inf Bn (TA) BIHAR

You all will always be part of us in our hearts & Prayers. We fondly remember you for your Supreme Sacrifice for the nation on 24 Aug 1990 at Qazigund, Srinagar (J&K) during Operational duties . No words are enough to express our gratitude to you. You are the real heroes of the Battalion, Indian Army and the nation.

Fondly Remembered By
Team Kalinga Terriers



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
CAD-1574 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୧୮୫ **ବିଜ୍ଞାପନ** ତା : ୨୨.୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଚ.ଆଇ.ଜି-(ଡି)-ଏ-୧୬ (HIG-D-A-16), ବରମୁଣ୍ଡା, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିଶ୍ୱଜିତ୍ ସ୍ୱାଇଁ, ପିତା- ସ୍ୱର୍ଗତ ରତ୍ନାକର ସ୍ୱାଇଁ, ସା-ଏଚ.ଆଇ.ଜି(ଡି)-ଏ-୧୬, ବରମୁଣ୍ଡା, ଏଚ.ବି. କଲୋନୀ, ପୋ-ବରମୁଣ୍ଡା, ଥାନା-ଭରତପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଶ୍ୱଜିତ୍ ସ୍ୱାଇଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ୧. ଶ୍ରୀ ସୁରେଶ କୁମାର ମିଶ୍ର, ପିତା- ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ୨. ସ୍ୱର୍ଣ୍ଣଶ୍ରୀ ମିଶ୍ର, ସ୍ୱାମୀ-ସୁରେଶ କୁମାର ମିଶ୍ର, ପ୍ଲଟ ନଂ-ଡୁପ୍ଲେକ୍ସ-୪୨, ୧୨ ଟମ ମାଇଲିଷ୍ଟୋସନ, ଭଗବାନପୁର, ପୋ-ପାତ୍ରପଡା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13030/11/0832/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
CAD-1576 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୭୭ **ବିଜ୍ଞାପନ** ତା : ୧୪.୦୮.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦସ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ସ୍ୱର୍ଗତ ବିଶ୍ୱରଂଜନ ତ୍ରିପାଠୀ<br>ପିତା- ସ୍ୱର୍ଗତ ଗୋପାଳ ଚନ୍ଦ୍ର ତ୍ରିପାଠୀ<br>ଗ୍ରାମ-ମାର୍କଣ୍ଡେଶ୍ୱର ସାହି, ଯମୁନା ରୋଡ,<br>ପୋ/ଥାନା-ପୁରୀ ଟାଉନ,<br>ଜିଲ୍ଲା-ପୁରୀ | ଗୃହ ନଂ-ଏଚ.ଆଇ.ଜି-୯୭<br>(HIG-97) ଶୈଳଶ୍ରୀ ବିହାର<br>ଚନ୍ଦ୍ରଶେଖରପୁର, ୭ମ ପର୍ଯ୍ୟାୟ<br>(ଖ ଏକର),<br>(ସେଲ୍ଫ ଫାଇନାନ୍ସ ପ୍ରକଳ୍ପ)<br>ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. ସୁଜାତା ତ୍ରିପାଠୀ (ସ୍ତ୍ରୀ)<br>୨. ଅଭିଜିତ୍ ତ୍ରିପାଠୀ (ପୁତ୍ର)<br>୩. ଅଭିଜିତ୍ ତ୍ରିପାଠୀ (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13030/11/0831/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**Directorate of Higher Secondary Education, Odisha** N-150

**Vacant Seat e-Admission (Phase-II) in Higher Secondary Schools for the Session 2025-26**

The Phase-II e-Admission process for Class XI against vacant seats in Arts, Science, Commerce, Upashastri, and Vocational streams in Higher Secondary Schools (HSSs) across the State, affiliated to CHSE (O) and Shree Jagannath Sanskrit University, Puri, Odisha, will commence on **25th August 2025**. Admissions for the academic session 2025-26 will be conducted online through **www.samsodisha.gov.in**

**Eligibility Criteria :**
1. Applicants must have passed the HSC Exam of BSE, Odisha or an equivalent Board
2. No reservation or weightage claim shall be considered for the vacant seat admission.

**Instructions :**
1. Applicants and their parents/guardians should read the 'Common Prospectus' on the SAMS portal before submitting the online CAF
2. The CAF fee is to be paid exclusively through online mode (refer to the Common Prospectus for details).
3. **Candidates who had applied in the Phase-I e-Admission 2025-26 but were not selected in any Higher Secondary School may re-apply using their existing login without any additional CAF fee.**
4. Applicants admitted in **Phase-I, selected but not admitted, did not apply CAF in Phase-I, or took TC (General/Slide-up) on or before 31st August, 2025, must submit a fresh CAF with fee payment in Phase-II 1st Selection.**
5. **Applicants can edit their Common Application Form (CAF) four time.**
6. Apply and select the Higher Secondary School of your choice on your own. Never allow others to apply on your behalf
7. Applicants are advised to fill out the online CAF carefully, as any errors may lead to rejection.
8. The list of Higher Secondary Schools with vacancies will be made available solely for preference and selection
9. All relevant documents must be verified at the selected Higher Secondary School at the time of admission.
10. Phase-II **1st Selection** applicants admitted to their **1st choice HSS** are not eligible for Phase-II SPOT selection.
11. All selected applicants **(admitted in a lower option, not admitted, or those needing error correction)** and non-selected applicants will have the opportunity to provide fresh options during the Phase-II online SPOT Selection admission choice locking process.
12. Students admitted earlier but selected in another HSS under Phase-II must bring the HSSLC from the previous institution

**Procedures :**
1. Fresh applicants must register at **www.samsodisha.gov.in** using their mobile number and email. Previously registered applicants should use their existing login to apply afresh for admission.
2. All other processes, including application submission, will follow the provisions of the **'Common Prospectus'** available at www.samsodisha.gov.in
3. In Phase-II 1st Selection, applicants will get selection details and intimation letters via SMS/WhatsApp, **SAMS login, HSS merit list, and notice board.**

**SAMS e-Admission (Vacant Seat) Schedule 2025-26 (Phase-II)**

| Sl. No. | Activities | Timeline |
|---|---|---|
| 1 | Availability of On-line Common Application Form (CAF) in www.samsodisha.gov.in for Vacant Seat Admission | 25.08.2025 (03:00 PM) |
| 2 | Last date of applying on-line CAF through www samsodisha.gov.in | 31.08 2025(11 45 PM) |
| 3 | Publication of Phase-II 1st select on merit list | 04.09.2025 (03 30 PM) |
| 4 | Reporting of selected candidates at the Selected Higher Secondary School (HSS) for Admission | 06 09 2025(10 00 AM) |
| 5 | Last date of reporting of selected candidates at the Selected HSS for Admission | 10 09.2025 (05 00 PM) |
| 6 | Last date for admission data updation and error correction by HSSs in SAMS e-Space login | 11.09.2025 (06 00 PM) |
| 7 | The Choice Locking facility under Phase-II Online SPOT Selection admission will be available for applicants to submit fresh HSS options through their respective student login. | 12.09.2025 (10 00 AM) |
| 8 | Last date for submission of Choice Locking for Phase-II, SPOT admission | 13 09 2025(11 45 PM) |
| 9 | Publication of the on-line SPOT selection merit and waiting list (10 times to the balance sheet) | 17 09 2025(03 00 PM) |
| 10 | Reporting & admission of candidates (merit list only) for on-line SPOT admission in the respective HSS | 18 09 2025 to 19 09 2025 (06 00 PM) |
| 11 | Registration of candidates (in form of handwritten application) from waiting list at selected HSSs if vacancy still exists | 22.09.2025 (09 00 AM to 03 00 PM) |
| 12 | Publication of merit list at HSS level out of the registered waiting list candidates | 22 09 2025 (04 30 PM) |
| 13 | Admission data updation of the students who took admission In the SPOT Selection by the HSSs in the e-Space | 23.09.2025(10 00 AM) to 24 09.2025 (04 00 PM) |

For more details, please contact Sanjog Helpline (Toll Free) Number 155335,1800-345-6770

Sd/-
OIPR : 11033/11/0018/2526 Director, Higher Secondary Education



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କାର୍ଯ୍ୟ ସହିତ ଦେଇତାରୀ ଷ୍ଟେସନ ଠାରୁ ବାଲିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନ୍‌ର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତାହାତି ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଉଥିବ । ଏଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଟିପ୍ପଣୀ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ଉପରେ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
PR-83/CI/25-26 ଭୁବନେଶ୍ୱର



**AFFIDAVIT**

I, Bichitrananda Pradhan, Aged (57), S/o- Iswar Pradhan, Resident of Raghunathpur, Po- Raghunathpur, Ps- Nandankanan, Dist- Khordha, Odisha- 751002. Declare by this affidavit No- 45, Dt- 18.08.2025. I have changed my minor son's name from Swam Said Pradhan to Swayam Pradhan. Henceforth, He shall be known as **Swayam Pradhan** for all purposes.
**Sd/- Bichitrananda Pradhan**

**AFFIDAVIT**

By virtue of an affidavit No. 1248 dated 18.08.2025 sworn before Executive Magistrate, Jagatsinghpur, I, MOHAMMED TAHER, S/O SK. YUSUF ALI, Village/PO–Adhangagarh, P.S.–Biridi, Dist.–Jagatsinghpur, PIN – 754102, have changed my name from SK. MOHAMMED TAHER to MOHAMMED TAHER. Henceforth, I shall be known as **MOHAMMED TAHER** for all purposes.

**AFFIDAVIT**

By virtue of an affidavit No. 1304, dated 20.08.2025 sworn before Executive Magistrate, Jagatsinghpur, I, SHAGUFTA PARWEEN, W/O MOHAMMED TAHER, Village/PO–Adhangagarh, P.S.–Biridi, Dist.–Jagatsinghpur, PIN-754102, declare that ABDUL RAJAK MAHAMAD mentioned in my PAN Card No. AOYPP9688R and in my father's Passport No. H2893139 and **MD. ABDUL RAJAK** in my 10th Board Certificate are same person and refer to my father only.

**AFFIDAVIT**

By virtue of an affidavit No. 1305, dated 20.08.2025 sworn before Executive Magistrate, Jagatsinghpur, **I, SHAGUFTA PARWEEN**, W/O MOHAMMED TAHER, Village/PO–Adhangagarh, P.S.–Biridi, Dist.–Jagatsinghpur, PIN-754102, declare that **SHAGUFTA PARWEEN** mentioned in my Aadhaar Card No. 3983 4827 8638 and **SHAGUFTA PURWEEN** mentioned in my 10th Board Certificate are the same person and refer to myself only.

**AFFIDAVIT**

By virtue of an affidavit No. 1306 dated 20.08.2025 sworn before Executive Magistrate, Jagatsinghpur, **I, NASREEN PATEL**, W/O MOHAMMED RIZWAN FIRDOUSH, Village/PO–Adhangagarh, P.S.–Biridi, Dt.–Jagatsinghpur, PIN-754102, declared that **NASREEN PATEL** mentioned in my Aadhaar Card No. 6626 3357 1490 and **NASHREEN PATEL** mentioned in my 10th Board Certificate are the same person and refer to myself only.

**AFFIDAVIT**

By virtue of an affidavit of No. 1307 dated 20.08.2025 sworn before Executive Magistrate, Jagatsinghpur, **I, NASREEN PATEL**, W/O MOHAMMED RIZWAN FIRDOUSH, Village/PO–Adhangarh, P.S.–Biridi, Dt.–Jagatsinghpur, PIN- 754102, declared that **DASTAGIR PATEL** as mentioned in my father's Aadhaar Card No. 7928 3458 9475 and **DASTGHIR PATEL** mentioned in my 10th Board Certificate are the same person and refer to my father only.

**AFFIDAVIT**

By virtue of an affidavit No. 1308, dated 20.08.2025 sworn before Executive Magistrate, Jagatsinghpur, **I, ARSIN ALIM**, W/O MOHAMMED GUFRAN HASEEB, Village/PO–Adhangagarh, P.S.–Biridi, Dt.–Jagatsinghpur, PIN-754102 declared that **REHANA BIBI** mentioned in my mother's Aadhaar Card No. 6707 7797 7501 and **REHENA BIBI** mentioned in my 10th Board Certificate are the same person and refer to my mother only.


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଏଆଇଏନୟୁ ପକ୍ଷରୁ ନୂଆ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ୟୁରୋ-ନେଫ୍ରୋ କେୟାର ଉପରେ କେନ୍ଦ୍ରିତ ଭାରତର ସର୍ବବୃହତ ସିଙ୍ଗଲ-ସ୍ପେଶାଲିଟି ଚେନ, ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନୟୁ) ହାଇଦ୍ରାବାଦର ବଞ୍ଜାରା ହିଲ୍‌ସଠାରେ ଏହାର ନୂତନ ହସ୍ପିଟାଲର ଶୁଭାରମ୍ଭ କରିଛି । ଏହି ଫ୍ଲାଗସିପ ହସ୍ପିଟାଲରେ ୧୫୦ଟି ବେଡ, ୪ଟି ଅପରେଟିଂ ରୁମ, ୩୫ ଟି ଡାଏଲିସିସ ବେଡ୍‌ର ମିଳିତ କ୍ଷମତା ଏବଂ ଜଟିଳ ୟୁରୋଲୋଜି ଓ ନେଫ୍ରୋଲୋଜି ସର୍ଜରୀଗୁଡିକ ପାଇଁ ନୂତନ ପିଢ଼ିର ରୋବୋଟିକ ଟେକ୍ନୋଲୋଜି ରହିଛି । ଏସମ୍ପର୍କରେ ଏଆଇଏନୟୁ ଅଧକ୍ଷ ତଥା ଚିଫ କନସଲଟାଂଟ ୟୁରୋଲୋଜିଷ୍ଟ



ଡା ମଲ୍ଲିକାର୍ଜୁନ କହିଛନ୍ତି, "ନୂଆ ଏଆଇଏନୟୁ ବଞ୍ଜାରା ହସ୍ପିଟାଲ ୟୁରୋ-ନେଫ୍ରୋ କେୟାର କ୍ଷେତ୍ରରେ ଆମର ୧୨ ବର୍ଷର ବିରାସତ ଏବଂ ଆମର ଚିକିତ୍ସକୀୟ ବୁଦ୍ଧିମତାର ଏକତ୍ରୀକରଣକୁ ଆଗକୁ ଆଣିଛି, ଯାହା ରୋଗୀଙ୍କୁ ଦ୍ରୁତ, ସୁରକ୍ଷିତ ଓ ଅଧିକ ସଠିକ ଚିକିତ୍ସା ପ୍ରଦାନ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଉନ୍ନତ ହୋଇଛି । ଏଆଇଏନୟୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ପିସି ରେଡ୍ଡୀ କହିଛନ୍ତି, "ଏଆଇଏନୟୁ ବଞ୍ଜାରା ହସ୍ପିଟାଲର ବିସ୍ତାର ସହିତ ଆମେ ୟୁରୋ-ଅଙ୍କୋଲୋଜି, ଆଣ୍ଡ୍ରୋଲୋଜି, ପେଡିଆଟ୍ରିକ ୟୁରୋଲୋଜି ଓ ଫିମେଲ ୟୁରୋଲୋଜି ଭଳି କ୍ଷେତ୍ରରେ ୟୁରୋଲୋଜି ଓ ନେଫ୍ରୋଲୋଜିରେ ସବ୍-ସ୍ପେଶାଲିଟି କେୟାର ପାଇଁ ଏକ କେନ୍ଦ୍ରିତ ପଦ୍ଧତି ଆରମ୍ଭ କରିଛୁ । ଏଆଇଏନୟୁର ସିଇଓ ସନ୍ଦୀପ ଗୁଡୁରୁ କହିଛନ୍ତି, "ଆମେ ଆସନ୍ତା ୧୮ ରୁ ୨୪ ମାସ ମଧ୍ୟରେ ଆଉ ୩ଟି ନୂଆ ହସ୍ପିଟାଲର ଶୁଭାରମ୍ଭ କରିବା ପାଇଁ ଯୋଜନା ରଖିଛୁ ।

## ଆମାଜନ ଇଣ୍ଡିଆ ପକ୍ଷରୁ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆମାଜନ ଇଣ୍ଡିଆ ପକ୍ଷରୁ ଆମାଜନ.ଇନରେ ଏକ ସମର୍ପିତ ଗଣେଶ ଚତୁର୍ଥୀ ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି, ଯାହା ଗ୍ରାହକମାନଙ୍କୁ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ସୁଚିନ୍ତିତ ଚୟନ ପ୍ରଦାନ କରୁଛି । ଏହି ଷ୍ଟୋରରେ ମାଟି ଗଣେଶ ମୂର୍ତ୍ତି ଏବଂ ହସ୍ତଶିଳ୍ପ ସାଜସଜ୍ଜା ଠାରୁ ଆରମ୍ଭ କରି ଉତ୍ସବକାଳୀନ ପୋଷାକ, ପୂଜା ଆବଶ୍ୟକୀୟ ସାମଗ୍ରୀ ଏବଂ ମିଠା ଖାଦ୍ୟ ପର୍ଯ୍ୟନ୍ତ ସବୁକିଛି ଉପଲବ୍ଧ ରହିଛି ।

# ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର,(ସବ୍ୟୁ): ବିଶ୍ୱ ମାନବତାବାଦୀ ଦିବସ ଅବସରରେ ଗିଭ୍ ବ୍ୟାକ୍ ୱେଲଫେୟାର ଆସୋସିଏସନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୀତା ଗୋବିନ୍ଦ ସଦନରେ ଉଦ୍‌ଯାପିତ ହୋଇଛି । ଏଥିରେ ଅତିଥି ଭାବେ ବିପିନ ବିହାରୀ ପଣ୍ଡା ଯୋଗ ଦେଇଥିଲେ । ୨୦୧୮ ମସିହାରେ ଗଠିତ ହୋଇଥିବା ଏକ ଗୌରବପୂର୍ଣ୍ଣ ସଂସ୍ଥା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି – ଦୁଃଖୀ, ଅସହାୟ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହଯୋଗ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଏବଂ ଆପତ୍ତିକାଳୀନ ଚିକିତ୍ସା ଅବସ୍ଥାରେ ଦୁଃଖିତ ଲୋକଙ୍କୁ ସାହାଯ୍ୟ ଯୋଗାଇବା । ସଂଗଠନର ଏଭଳି କାର୍ଯ୍ୟକୁ ସଭାରେ ପ୍ରଶଂସା କରାଯାଇଥିଲା । ବିଗତ ବର୍ଷ ଗୁଡ଼ିକ ମଧ୍ୟରେ ଟ୍ରଷ୍ଟ ପକ୍ଷରୁ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରାଯାଇଛି ଯା ଆଗାମୀ ଦିନରେ ଏହା ଅବ୍ୟାହତ ରହିବ ବୋଲି ଉଦ୍ୟୋକ୍ତାମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।




## ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, କବି,ଲେଖକ ଓ ବ୍ୟଙ୍ଗକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକରେ ପୂର୍ବତନ ସାଂସଦ ଡ. ପ୍ରଭାସ କୁମାର ସିଂ ଓ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ପଶାୟତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପଦ୍ମଶ୍ରୀ ବିନୋଦ ପଶାୟତ ଜଣେ ଆମାୟକ ବ୍ୟକ୍ତି ଥିଲେ ଓ ସେ ପଦ୍ମଶ୍ରୀ ଉପାଧି ପାଇବା ସହିତ ଏତେ ଉଚ୍ଚକୋଟିର କବିତା ଓ ନାଟକ ରଚନା କରିଥିଲେ ମଧ୍ୟ ତାଙ୍କ ଭିତରେ ଅହଙ୍କାର ନଥିଲା । ଏପରି କି ସେ ନିଜର କୌଳିକ ବୃତ୍ତିକୁ ମଧ୍ୟ ଛାଡିନଥିଲେ ବୋଲି ଅତିଥିମାନେ କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋରେଖନାଥ ସାହୁ, ରାଜ କିଶୋର ନାୟକ, ସୁରେଶ ମହାପାତ୍ର, ଆଶୁତୋଷ ମହେର,



ସ୍ଥାନୀୟ ବୃଦ୍ଧ ମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲାବେଳେ ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର, ଲୋକେଶ କୁମାର ଜଗତ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶେଷରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସଂପାଦକ ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱରରେ ଓଡ଼ିଶା ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନ୍‌ର ଷଷ୍ଠତମ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନ୍‌ର ଷଷ୍ଠତମ ବାର୍ଷିକ ସମ୍ମିଳନୀ ୨୩ ରୁ ୨୪ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ମେଫେୟାର ହୋଟେଲରେ ଅନୁଷ୍ଠିତ ହେଉଛି । ଏଥିରେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ରୁ ଅଧିକ ଅର୍ଥୋପେଡିକ୍ ସର୍ଜନ ଡାକ୍ତରମାନେ ଅଂଶଗ୍ରହଣ କରିଛନ୍ତି । ସମ୍ମିଳନୀରେ ବୈଜ୍ଞାନିକ ଅଧିବେଶନ, ଅସ୍ତ୍ରୋପଚାରର ସିଧାସଳଖ ପ୍ରଦର୍ଶନ ଏବଂ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ବନ୍ଧୀୟ ବିଭିନ୍ନ ନୂତନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜାତୀୟ ଓ ରାଜ୍ୟସ୍ତରୀୟ ବିଶିଷ୍ଟ ବକ୍ତାମାନେ ଅଣ୍ଟା ଓ ଆଣ୍ଠୁ ପ୍ରତିରୋପଣ, ସଂଶୋଧନ ଶଲ୍ୟଚିକିତ୍ସା ଏବଂ ରୋଗୀ ସେବା ପ୍ରବୃତ୍ତିରେ ବିଶେଷ ଭାବେ ପ୍ରଚଳିତ ଚିକିତ୍ସା ବିଷୟରେ ଆଲୋଚନା ହୋଇଛି ।




୨୨ ଅଗଷ୍ଟରେ କଟକ ଏସ୍‌ସିବି ମେଡିକାଲ କଲେଜରେ ହିପ୍ ଏବଂ ଆଣ୍ଠୁ ପ୍ରତିରୋପଣ ଶଲ୍ୟଚିକିତ୍ସା ଉପରେ ହ୍ୟାଣ୍ଡସ୍-ଅନ୍ କାଡାଭେରିକ୍ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ଅର୍ଥୋପେଡିକ୍ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓଏଏ ସଭାପତି ଡ଼ା. ନିର୍ମଳ ଚନ୍ଦ୍ର ମହାପାତ୍ର ଓଡ଼ିଶାରେ ଗଣ୍ଠି ପ୍ରତରୋପଣ ଅସ୍ତ୍ରୋପଚାର ଶଲ୍ୟଚିକିତ୍ସାକୁ ଆଗକୁ ବଢ଼ାଇବା ପ୍ରତି ଓଏଏର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ । ଆସୋସିଏସନ୍‌ର ଉପାଧ୍ୟକ୍ଷ ଏବଂ ଭାରତୀୟ ଆର୍ଥ୍ରୋପ୍ଲାଷ୍ଟି ଆସୋସିଏସନ୍‌ର (ଆଇଏଏ)ର ସମ୍ପାଦକ ଡ଼ା. ଦେବବ୍ରତ ପାଢୀ ଅର୍ଥୋପେଡିକ୍ ବୃତ୍ତିଧାରୀମାନଙ୍କୁ ବିଶ୍ୱସ୍ତରୀୟ ଜ୍ଞାନ ଏବଂ ପ୍ରଶିକ୍ଷଣ ଦେବାରେ ଏହି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ଓଏଏ ସମ୍ପାଦକ ଡ଼ା. ବିଷ୍ଣୁ ପ୍ରସାଦ ପାତ୍ରୋ ଏହି କ୍ଷେତ୍ରର ସାମ୍ପ୍ରତିକ ଅଗ୍ରଗତିକୁ ପ୍ରୋତ୍ସାହନ ଦେବା ପାଇଁ ନିୟମିତ ବ୍ୟବଧାନରେ ଏହିପରି କାର୍ଯ୍ୟକ୍ରମର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ସଭାରେ ଆଇଏଏ ସଭାପତି ଡ଼ା. ସଞ୍ଜୀବ ଜୈନ ଏବଂ ପରିଚାଳନା ଅଧ୍ୟକ୍ଷ ଡ଼ା. ସୁନିଲ ଦାଶ ସହିତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ସମ୍ମିଳନୀର ଉଦଘାଟନ ସମାରୋହରେ ପରିଚାଳନା ସମ୍ପାଦକ ଡ଼ା. କିଶୋର ପଣ୍ଡା ସମସ୍ତ ପ୍ରତିନିଧି, ବକ୍ତା ଏବଂ ସଂଗଠନର ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସୁଚାରୁ ସମ୍ପାଦନା ପାଇଁ ଧନ୍ୟବାଦ ଜଣାଇଥିଲେ ।

## ଗୀତା ମିଶନ ପକ୍ଷରୁ ବୃକ୍ଷରୋପଣ

କଣ୍ଟିଲୋ, (ସବ୍ୟୁ): ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ପକ୍ଷରୁ ନୟାଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ମିଶନର ସଭାପତି ଡ.ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ତତ୍ତ୍ୱଧାନରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ, ବେଣାଗାଡିଆ ସାତଗାଁ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ, କବିସୂର୍ଯ୍ୟ ପାଠାଗାର, କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କରାଯାଇଛି । ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଶ୍ରୀ ମହାରାଜ,ଜୀବନ ପାଇଁ ଶିକ୍ଷା ସହ ସଂସ୍କାରର ମଧ୍ୟ ଆବଶ୍ୟକତା ରହିଛି ଏବଂ ପୃଥିବୀ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଅପରିହାର୍ଯ୍ୟ ବୋଲି କହିଥିଲେ ।

# ଅଲାପକା ଯୁବସଂଘର ଉନ୍ନତ ପ୍ରୟାସ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) ସୁନ୍ଦରଗଡ଼ର ଆଦିବାସୀ ଅଧ୍ୟୁଷିତ ଅଲାପକା ଅଞ୍ଚଳରେ ସସ୍ଥାନୀୟ ଅଲାପକା ଯୁବସଂଘ ପକ୍ଷରୁ ଗାଁ ଏବଂ ଘର ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱଚ୍ଛତାକୁ ଅଗ୍ରାଧିକାର ଦେଇ ପରିବେଶକୁ ସୁସ୍ତ ରଖିବା ସହ ସମଗ୍ର ଅଞ୍ଚଳ ବାସୀଙ୍କୁ ପ୍ରାକୃତିକ ଉପାୟରେ ନିରୋଗ ରଖିବା ପାଇଁ ଏହି ଅଭିଯାନର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଏହି ଅଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ପାଦୃଭାବ ବିଶେଷ ରହିଥିବାରୁ ଆପେ ଆପେ ସଚେତନ ହୋଇ ପରିବେଶକୁ ସ୍ୱଚ୍ଛ ରଖି ଓ ଡେଙ୍ଗୁ ଓ ମଲେରିଆକୁ ଲୋପ କରିବା ପାଇଁ ଯୁବ ସଂଘର ସଦସ୍ୟ ମାନେ ଲୋକମାନଙ୍କୁ ବୁଝାଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ସଂଘ ସ୍ୱଚ୍ଛତା ବଜାୟ ରଖିବାରେ ସହଭାଗୀ ହେବାକୁ ସଂଘ ପକ୍ଷରୁ



ସଦସ୍ୟ ଏବଂ ଗାଁବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଘର ଚାରିପାଖ ସଫା ଓ ଖାଲି-ନାଳା ସଫା କରିଥିଲେ । ଦୀର୍ଘ ଦିନଧରି ଜମାହୋଇ ରହିଥିବା ପାଣି ଓ ଆବର୍ଜନା ହଟାଇ ପରିବେଶକୁ ସ୍ୱଚ୍ଛ କରିଥିଲେ!ସମସ୍ତ ଗ୍ରାମବାସୀଙ୍କୁ ଶପଥ ପାଠ କରାଯାଇଥିଲା! ଯାହା ଫଳରେ ଆଗକୁ ସ୍ୱସ୍ଥ ଓ ସୁନ୍ଦର ଅଲାପକା ଗାଁ ଗଠିତ ହୋଇ ପାରିବ ବୋଲି ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ଆଲପକା ଯୁବ ସଂଘର ଏପରି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ପରମ ପୂଜନୀୟା ରାଜଯୋଗିନୀ ଦାଦୀ ପ୍ରକାଶ ମଣିଜୀଙ୍କର ୧୮ ତମ (ଅଷ୍ଟାଦଶ) ପୁଣ୍ୟତିଥି ଅବସରରେ ସାରା ଭାରତ ବର୍ଷରେ ଏକ ଅଖିଳ ଭାରତୀୟ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ରଖାଯାଇଅଛି । ଏହି କାର୍ଯ୍ୟକ୍ରମ ଅଂଶସ୍ୱରୁପ ସ୍ଥାନୀୟ ପଟିଆସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଫେଡେରେସନ୍ ଅଫ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍ସର ସାଧାରଣ ସଂପାଦକ ଡଃ ପ୍ରଶାନ୍ତ କୁମାର ଦାଶ, ସମ୍ମାନୀତ ଅତିଥି ସମାଜସେବୀ ଶ୍ରୀମୟୀ ମିଶ୍ର, ଟି.ସି. ଏସ୍ ମ୍ୟାନେଜର ବିଜୟ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଓଡିଶା ରେଡକ୍ରସ୍ ବ୍ଲଡ ବ୍ୟାଙ୍କ (କ୍ୟାପିଟାଲ ହସପିଟାଲ)ର ଡଃ ଶ୍ରୀକାନ୍ତ ଦାଶଙ୍କ ନେତୃତ୍ୱରେ ଏକ ଛଜଣିଆ ଟିମ୍ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ । ପଟିଆ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଗୋଲାପ ଏହି ରକ୍ତଦାନ ଶିବିରର ଆୟୋଜନ କରିଥିଲେ ଏବଂ ଶିବିର ପରିଚାଳନା କରିଥିବା ବ୍ଲଡବ୍ୟାଙ୍କର ସମସ୍ତ କର୍ମଚାରୀମାନଙ୍କୁ ସାଧୁବାଦ ଦେବା ସହ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ । ରକ୍ତଦାନ କରିଥିବା ସମସ୍ତ ଭାଇଭଉଣୀମାନଙ୍କୁ ମଧ୍ୟ ସେ ହୃଦୟରସହ କୃତଜ୍ଞତା ଜଣାଇବା ସହ ସେମାନଙ୍କର ଉତମ ସ୍ୱାସ୍ଥ୍ୟ କାମନା କରିଥିଲେ ।

# ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ଗାଜର ଘାସ ନିରାକରଣ ରାଲି

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍)ର ଏନ୍‌ଏସ୍‌ଏସ୍ ପକ୍ଷରୁ ଗାଜର ଘାସ ନିରାକରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର କେ-୧ ଠାରେ ସୋମବାର ପୂର୍ବାହ୍ନରେ ଏକ ରାଲି ଆୟୋଜିତ ହୋଇଯାଇଛି । ଗାଜର ଘାସର ଅପକାରିତାକୁ ଦୃଷ୍ଟିରେ ରଖି ଜାତୀୟ ତୃଣକ ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ଇଣ୍ଡିଆନ ସୋସାଇଟି ଅଫ୍ ୱିଡ୍ ସାଇନ୍ସ ଆନୁକୁଲ୍ୟରେ ଏ ବିଷୟରେ ପ୍ରତିବର୍ଷ ଅଗଷ୍ଟ ୧୬ ରୁ ୨୨ ପର୍ଯ୍ୟନ୍ତ ସଚେତନତା ସପ୍ତାହ ପାଳନ କରିବାକୁ ନିଷ୍ପତି ହୋଇଛି । ଏହି ରାଲିରେ ଶହେ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ବିକାଶ ପରିଷଦର କର୍ମକର୍ତାମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଆୟୋଜିତ ଏକ ସଭାରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର



ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଗାଜର ଘାସର ଅପକାରିତା ବିଷୟରେ ବର୍ଣ୍ଣନା କରିଥିଲେ । ସୋଆ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମର ସଂଯୋଜକ ଡ.କମଳ ଲୋଚନ ମହନ୍ତ, ସ୍ଥାନୀୟ ୱେଲଫେୟାର ଆସୋସିଏସନ୍‌ର ସମ୍ପାଦକ କ୍ଷେତ୍ରମୋହନ ଧଳ, ଡ. ଦିପ୍ତନୁ ଦତ, ଡ. ମୁକେଶ କୁମାର ପାତ୍ର ଏବଂ ଡ. ନେହା ପ୍ରଧାନ ଏଥିରେ ଅଂଶଗ୍ରହଣ କରିଥିଲେ । ପରେ ପରେ ଶୋଭାଯାତ୍ରା ଓ ରାଲି ଅନୁଷ୍ଠିତ ହେବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରୀମତି ରଶ୍ମିପ୍ରଭା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆଶା କିରଣ ଇଞ୍ଜିନିୟରିଂ ସ୍କୁଲରେ ରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଆଶା କିରଣ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧୀନରେ ପରିଚାଳିତ ହେଉଥିବା ଆଶା



କିରଣ ଇଞ୍ଜିନିୟରିଂ ସ୍କୁଲରେ ଚଳିତ ଶିକ୍ଷାବର୍ଷ ର ଡିପ୍ଲୋମା ବିଭାଗରେ ନୂତନ କରି ପାଦ ଥାପିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କର ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଆଶା କିରଣ ଗ୍ରୁପ ର ପ୍ରତିଷ୍ଠାତା ତଥା ସମ୍ପାଦକ ଅବଦୁଲ ମୁତାଲିବ ଖାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ସଭା ରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି ପ୍ରଫେସର ଡ଼କ୍ଟର ଭୀମସେନ ସ୍ୱାଇଁ ଏବଂ ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ ନିଜର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିବା ସହିତ ମହାବିଦ୍ୟାଳୟ ର ଶୃଙ୍ଖଳା ଓ ଅଧ୍ୟାପକ, ଅଧ୍ୟାପିକା ମାନଙ୍କର କାର୍ଯ୍ୟ ଦକ୍ଷତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସଭାରେ ଉପସ୍ଥିତ ଥିବା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଓ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିବା ପ୍ରଫେସର ସୁଧାଶିଷ ବରାଳ ମହାବିଦ୍ୟାଳୟ ର ଆନୁସଙ୍ଗିକ ପ୍ରସଙ୍ଗ ଉପରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ସହ ଆଲୋଚନା କରିବା ସହିତ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଦ୍ୱାରା କିଭଳି ଭାବେ ଜଣେ ସଫଳତା ର ଶୀର୍ଷ ରେ ପହଞ୍ଚି ପାରିବ ସେ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦାନ କରି ସଭା କାର୍ଯ୍ୟ କୁ ସଫଳ କରିଥିଲେ । ଅନୁଷ୍ଠାନ ର ଅଧ୍ୟାପକ ମନଜିତ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ କୁ ପରିଚାଳନା କରିବା ସହିତ ଅଧ୍ୟାପକ ପ୍ରଶାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ ପାଳିତ

ବେତନଟୀ (ସବ୍ୟୁ) ବେତନଟୀ ବ୍ଲକ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ -୨୦୨୫ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରି ଥିଲେ । ଚନ୍ଦ୍ରାୟନ -୩ ଅଭିଯାନ ର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ଅନ୍ତରୀକ୍ଷ ଦିବସ ରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନ୍ତରୀକ୍ଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ଆଭିମୁଖ୍ୟ ନେଇ ଗୋଲକ ଧନ୍ଦା ସମାଧାନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ମହାକାଶ ବିଜ୍ଞାନୀଙ୍କ ଗବେଷଣା ଲବ୍ଧ ତଥ୍ୟ ଆଧାରିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍ । ଚଳିତ ବର୍ଷ ର ବିଷୟ ବସ୍ତୁ -"ଆର୍ଯ୍ୟଭଟ୍ଟ ରୁ ଗଗନ ଯାନ: ପ୍ରାଚୀନ ଜ୍ଞାନରୁ ଅଶେଷ ସମ୍ଭାବନା" ସଂକ୍ରାନ୍ତରେ ଆଲୋଚନା ଚକ୍ର ରେ ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତ୍ତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା । ଛାତ୍ର ଶୁଭଙ୍କର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଛାତ୍ରୀ ତନ୍ମୟା ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶାଳ ହୋମିଓପାଥି ଚିକିତ୍ସା ଶିବିର

ଭୁବନେଶ୍ୱର (ସବ୍ୟୁ): ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ଏକ ବିଶାଳ ହୋମେଓପାଥି ଚିକିତ୍ସା ଶିବର ସ୍ଥାନୀୟ ନୂଆଗୁଜାତଲ ଠାରେ ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ହୋମେଓପାଥି ଚିକିତ୍ସା ଅଧିକାରୀ ଡ଼କ୍ଟର ରାଜ କୁମାର ନାୟକ ଓ ହିଣ୍ଡାଲକୋ, ହୀରାକୁଦର କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ମିଳିତ ଭାବରେ ମାଁ ସମଲେଇଙ୍କ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ ଓ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ହୋମେଓପାଥି ଚିକିତ୍ସା ଶିବିର ର ସମସ୍ତ ଡାକ୍ତର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ତଥା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ । ଡ଼କ୍ଟର ରାଜ କୁମାର ନାୟକ ମତପ୍ରକାଶ କରିଥିଲେ ଜେ କର୍ପୋରେଟେ ହାଉସ ହିସାବରେ ହିଣ୍ଡାଲକୋ ଏହିପରି ବିଶାଳ ହୋମେଓପାଥି କ୍ୟାମ୍ପ କରିଥିବା ହେତୁ ମୁ ଆନନ୍ଦିତ ଏବଂ



ହିଣ୍ଡାଲକୋ ଏହିଭଳି କ୍ୟାମ୍ପ ଆଗକୁ ବି ଜାରିରଖିବେ ବୋଲି ମୋର ବିଶ୍ୱାସ କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ଶ୍ରୀ ବିଶ୍ୱାସ ସିନ୍ଧେ କହିଥିଲେ ଜେ ହୀରାକୁଦ ଅଂଚଳର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଏହିପରି କାର୍ଯ୍ୟକ୍ରମ ଜାରି ରଖିବ । ଏହି ଶିବିରରେ ଡାକ୍ତର ରାଜେଶ କୁମାର ରାଉତ, ଡାକ୍ତର ନମିତା ନାଥ, ଡାକ୍ତର ବନ୍ଦନା ସେଠ ଓ ଡାକ୍ତର ମାୟାଧର ସାହୁ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ । ଶିବିରରେ ୧୬୪ ଜଣ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଗ୍ରହଣ କରିଥିଲେ । ଉକ୍ତ ସଭାରେ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବନମାଳୀ ଭୋଇ, ଦୀପକ ଭୋଇ, ଲବ କରାଳି, ଉପେନ୍ଦ୍ର ଭୋଇ, ଜୟରାମ ଧାରୁଆ, ସୁରେଶ ଚନ୍ଦ୍ର ଧାରୁଆ, ପଞ୍ଚାନନ ପ୍ରଧାନ, କୃଷ୍ଣ ଚନ୍ଦ୍ର ଭୋଇ ପ୍ରଭୃତି ଉପସ୍ଥିତ ଥିଲେ ।

# ଯୁବତୀଙ୍କୁ ଝୁଣି ଦେଲେ ବୁଲା କୁକୁର: ମୁହଁରେ ୧୭ ଷ୍ଟିଚ୍

ନୂଆଦିଲ୍ଲୀ: ବୁଲା କୁକୁରଙ୍କ ଉତ୍ପାତ ପୁଣି ଗୋଟିଏ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। କଲେଜରୁ ଫେରୁଥିବା ବେଳେ ଜଣେ ୨୧ ବର୍ଷୀୟ ଛାତ୍ରୀଙ୍କୁ ବୁଲା କୁକୁରମାନେ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି। ବୁଲା କୁକୁରମାନେ ତାଙ୍କୁ ଝୁଣି ଦେଇଛନ୍ତି। କୁକୁରଗୁଡ଼ିକ ଛାତ୍ରୀଙ୍କ ମୁହଁକୁ କାମୁଡ଼ି ଦେଇଥିବାରୁ ଡାକ୍ତର ବାଧ ହୋଇ ୧୭ଟି ଷ୍ଟିଚ ପକାଇଛନ୍ତି। ଏବେ ଯୁବତୀ ଜଣଙ୍କ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ଠିକ ଭାବେ ଖାଇ ପାରୁ ନାହାନ୍ତି। ପୂରା ଘଟଣା ଉତ୍ତର ପ୍ରଦେଶର କାନପୁର ଅନ୍ତର୍ଗତ ଶ୍ୟାମ ନଗର ଅଞ୍ଚଳରେ ଘଟିଛି। ବୁଲା କୁକୁରଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଛାତ୍ରୀ ଜଣଙ୍କ ହେଲେ ୨୧ ବର୍ଷୀୟ ବୈଷ୍ଣବୀ ସାହୁ। ସେ ଆଲେନ ହାଉସ ରୁମା କଲେଜରେ ବିବିଏର ଶେଷ ବର୍ଷର ଛାତ୍ରୀ। ଅଗଷ୍ଟ ୨୦ରେ ସେ କଲେଜରୁ ଘରୁ ଫେରୁଥିଲେ। ଏହି ସମୟରେ କିଛି ମାଙ୍କଡ଼ଙ୍କ ସହ ୩ଟି କୁକୁର ଲଢ଼େଇ କରୁଥିଲେ। ଏହା ଦେଖି ବୈଷ୍ଣବୀ ତାଙ୍କ ବାଟରେ ଚାଲି ଯାଉଥିଲେ। କିନ୍ତୁ ହଠାତ୍ ୩ଟି କୁକୁର ତାଙ୍କୁ ଭୋକିବା ସହ କାମୁଡ଼ିବାକୁ ଚେଷ୍ଟା କରିଥିଲେ। ବୈଷ୍ଣବୀ ଚିତ୍କାର କରିଥିଲେ ହେଁ ୩ଟି ଯାକ କୁକୁର ତାଙ୍କୁ କାମୁଡ଼ି ତଳେ ପକାଇ ଦେଇଥିଲେ। ଏହାପରେ ତାଙ୍କ ଶରୀରର ଓ ମୁହଁକୁ କାମୁଡ଼ି ପକାଇଥିଲେ। କୁକୁର କାମୁଡ଼ିବା ଯୋଗୁ ତାଙ୍କ ଡାହାଣ ପଟ ଗାଲ ଦୁଇ ଖଣ୍ଡ ହୋଇଯାଇଥିଲା। ତାଙ୍କ ନାକ ଓ ଶରୀରର ବିଭିନ୍ନ ସ୍ଥାନରେ ଏକାଧିକ କାମୁଡ଼ା ଦାଗ ରହିଛି। ବୈଷ୍ଣବୀ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାର ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିଲେ ହେଁ ୩ଟି ଯାକ କୁକୁର ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିବାରେ ଲାଗିଥିଲେ। ବେଶ କିଛି ସମୟ ଧରି ଏପରି ଚାଲିଥିବା ବେଳେ ବୈଷ୍ଣବୀଙ୍କ ଚିତ୍କାର ସ୍ଥାନୀୟ ଲୋକଙ୍କ କାନରେ ପଡ଼ିଥିଲା। ସେମାନେ ବାଡ଼ି ଧରି ଆସିବାରୁ କୁକୁରଗୁଡ଼ିକ ବୈଷ୍ଣବୀଙ୍କୁ ଛାଡ଼ି ପଳାଇଥିଲେ। ସେତେବେଳକୁ ବୈଷ୍ଣବଙ୍କ ପୂରା ଶରୀରରୁ କେବଳ ରକ୍ତ ଝରୁଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ କନଶିରାମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। କୁକୁରଗୁଡ଼ିକ ଭୟଙ୍କର ଢଙ୍ଗରେ ବୈଷ୍ଣବୀଙ୍କୁ କାମୁଡ଼ି ଥିବାରୁ ଡାକ୍ତରମାନେ ତାଙ୍କ ନାକ ଓ ଗାଲରେ ୧୭ଟି ଷ୍ଟିଚ ପକାଇଛନ୍ତି। ବୈଷ୍ଣବଙ୍କ ଦାଦା ଆଶୁତୋଷ କହିଛନ୍ତି, "ବୈଷ୍ଣବୀ ହେଉଛି ମୋ ଦିବଂଗତ ଭାଇଙ୍କ ଝିଅ। ସେ କଲେଜରୁ ଫେରୁଥିବା ବେଳେ ତା' ସହ ଏପରି ଘଟଣା ଘଟିଛି। ଏବେ ବୈଷ୍ଣବୀ କିଛି ବି ଠିକ ଭାବେ ଖାଇ ପାରୁ ନାହିଁ। ପାଟି ବୁଲାଇ ପାରୁ ନାହିଁ। କେବଳ କିଛି ତରଳ ଖାଦ୍ୟ ସେ ଷ୍ଟ୍ର ଦ୍ୱାରା ନେଉଛି। ବୁଲା କୁକୁରଙ୍କ ଦାଉ ଦିନକୁ ଦିନ ଏହି ଅଞ୍ଚଳରେ ବଢ଼ିବାରେ ଲାଗିଛି। ସରକାର କୌଣସି ପଦକ୍ଷେପ ନିଅନ୍ତୁ। ସରାକାର ବୁଲା କୁକୁରମାନଙ୍କୁ ଧରି ଆଶ୍ରୟ ସ୍ଥଳକୁ ପଠାନ୍ତୁ। ରାସ୍ତାରୁ ବୁଲା କୁକୁର ହଟିବା ଦରକାର। ଏହାଦ୍ୱାରା ଆଉ କେହି ବି ଏମିତି ସ୍ଥିତିର ସମ୍ମୁଖୀନ ହେବେ ନାହିଁ।" କେବଳ ବୈଷ୍ଣବୀ ନୁହନ୍ତି, ଦେଶର ବିଭିନ୍ନ ସ୍ଥାନରେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ସାଧାରଣ ଲୋକ। ଏହାକୁ ଦୃଷ୍ଟିରେ ରଖି ନିକଟରେ ସୁପ୍ରିମକୋର୍ଟ ବୁଲା କୁକୁରମାନଙ୍କୁ ଦିଲ୍ଲୀ-ଏନସିଆରରୁ ଧରି ଆଶ୍ରୟସ୍ଥଳରେ ଭର୍ତ୍ତି କରିବାକୁ କହିଥିଲେ। କିନ୍ତୁ ଏହାକୁ ବିରୋଧ କରି ପଶୁପ୍ରେମୀମାନେ ରାଜରାସ୍ତାକୁ ଓହ୍ଲାଇ ଆସିଥିଲେ। ସେମାନେ କୁକୁରର ଅଧିକାର ଉପରେ ଓକିଲାତି କରିଥିଲେ। ଏଥିଯୋଗୁ ଶୁକ୍ରବାର ସୁପ୍ରିମକୋର୍ଟ ନିଜ ରାୟରେ ସଂଶୋଧନ କରି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ପରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧ୍ୟାକରଣ ପରେ କୁକୁରମାନଙ୍କ ବଂଶ ବଢ଼ିବ ନାହିଁ, କିନ୍ତୁ ସେମାନେ ଆକ୍ରମଣ କରିବାକୁ ଆଦୌ ପଛାଇବେ ନାହିଁ। ଯେଉଁମାନେ କାରରେ ଯିବା ଆସିବା କରୁଛନ୍ତି, ସେମାନଙ୍କର ବୁଲା କୁକୁର କିଛି କରିପାରିବେ ନାହିଁ। କିନ୍ତୁ ଯେଉଁମାନେ ବାଇକ କିମ୍ବା ଚାଲି ଚାଲି ଯାଉଛନ୍ତି, ସେମାନଙ୍କୁ ବୁଲା କୁକୁରମାନେ ଆକ୍ରମଣ କରୁଛନ୍ତି।

## କୁଆଡ଼େ ଗଲେ ପଶୁପ୍ରେମୀ?

# ମହାକାଶ କ୍ଷେତ୍ରରେ ନିରନ୍ତର ସଫଳତା: ପ୍ରଧାନମନ୍ତ୍ରୀ

## ଜାତୀୟ ମହାକାଶ ଦିବସ ୨୦୨୫



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜାତୀୟ ମହାକାଶ ଦିବସ ୨୦୨୫ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଏହି ବର୍ଷର ବିଷୟବସ୍ତୁ, "ଆର୍ଯ୍ୟଭଟ୍ଟରୁ ଗଗନଯାନ ପର୍ଯ୍ୟନ୍ତ", ଭାରତର ଅତୀତର ଆତ୍ମବିଶ୍ୱାସ ଏବଂ ଭବିଷ୍ୟତ ପାଇଁ ସଂକଳ୍ପକୁ ପ୍ରତିଫଳିତ କରେ। ସେ କହିଛନ୍ତି ଯେ ବହୁତ କମ ସମୟ ମଧ୍ୟରେ ଜାତୀୟ ମହାକାଶ ଦିବସ ଭାରତର ଯୁବପିଢ଼ିଙ୍କ ପାଇଁ ଉତ୍ସାହର ଏକ ଅବସର ପାଲଟିଛି, ଯାହାକି ଜାତୀୟ ଗର୍ବର ବିଷୟ। ସେ ବୈଜ୍ଞାନିକ ଏବଂ ଯୁବପିଢ଼ିଙ୍କ ସମେତ ମହାକାଶ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ତାଙ୍କର ଶୁଭକାମନା ଜଣାଇଥିଲେ। ଶ୍ରୀ ମୋଦୀ ସୂଚନା ଦେଇଥିଲେ ଯେ ଭାରତ ବର୍ତ୍ତମାନ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ଅଲମ୍ପିଆଡ୍ ଆୟୋଜନ କରୁଛି, ଯେଉଁଥିରେ ଷାଠିଏରୁ ଅଧିକ ଦେଶରୁ ପ୍ରାୟ ୩୦୦ ଯୁବ ଅଂଶଗ୍ରହଣକାରୀ ଯୋଗ ଦେଉଛନ୍ତି। ଶ୍ରୀ ମୋଦୀ ଖୁସି ପ୍ରକାଶ କରିଥିଲେ ଯେ ଅନେକ ଭାରତୀୟ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ପଦକ ଜିତିଛନ୍ତି। ସେ କହିଥିଲେ ଯେ ଏହି ଅଲମ୍ପିଆଡ୍ ମହାକାଶ କ୍ଷେତ୍ରରେ ଭାରତର ଉଦୀୟମାନ ବିଶ୍ୱ ନେତୃତ୍ୱର ପ୍ରତୀକ। ପ୍ରଧାନମନ୍ତ୍ରୀ ଖୁସି ପ୍ରକାଶ କରିଥିଲେ ଯେ ଯୁବପିଢ଼ିଙ୍କ ମଧ୍ୟରେ ମହାକାଶ ପ୍ରତି ଆଗ୍ରହକୁ ଉତ୍ସାହିତ କରିବା ପାଇଁ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତୀୟ ମହାକାଶ ହାକାଥନ୍ ଏବଂ ରୋବୋଟିକ୍ସ ଚ୍ୟାଲେଞ୍ଜ ଭଳି ପଦକ୍ଷେପ ଆରମ୍ଭ କରିଛି। ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।। ଶ୍ରୀ ମୋଦୀ କହିଥିଲେ "ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବା ଭାରତ ଏବଂ ଏହାର ବୈଜ୍ଞାନିକମାନଙ୍କର ଏକ ସ୍ୱାଭାବିକ ବୈଶିଷ୍ଟ୍ୟ ପାଲଟିଛି"। ଦୁଇ ବର୍ଷ ପୂର୍ବେ ଭାରତ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚି ଇତିହାସ ସୃଷ୍ଟି କରିଥିବା ପ୍ରଥମ ଦେଶ ହୋଇଥିବା କଥା ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ମଧ୍ୟ ବିଶ୍ୱର ଚତୁର୍ଥ ଦେଶ ଭାବରେ ମହାକାଶରେ ଡକିଂ-ଅନଡକିଂ କ୍ଷମତା ହାସଲ କରିଛି। ସେ କହିଛନ୍ତି ଯେ ମାତ୍ର ତିନି ଦିନ ପୂର୍ବରୁ, ସେ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଥିଲେ, ଯିଏ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଥିଲା। ସେ କହିଛନ୍ତି ଯେ ଯେତେବେଳେ ଗ୍ରୁପ୍ କ୍ୟାପ୍ଟେନ୍ ଶୁକ୍ଲା ତାଙ୍କୁ ତ୍ରିରଙ୍ଗା ଦେଖାଇଲେ, ଏହାକୁ ସ୍ପର୍ଶ କରିବାର ଅନୁଭବକୁ ଶବ୍ଦରେ ପ୍ରକାଶ କରିହେବ ନାହିଁ। ଶ୍ରୀ ମୋଦୀ କହିଛନ୍ତି ଯେ ଗ୍ରୁପ୍ କ୍ୟାପ୍ଟେନ୍ ଶୁକ୍ଲାଙ୍କ ସହିତ ତାଙ୍କର ଆଲୋଚନାରେ ସେ ନୂତନ ଭାରତର ଯୁବପିଢ଼ିଙ୍କ ଅପାର ସାହସ ଏବଂ ଅସୀମ ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନଗୁଡ଼ିକୁ ପୂରଣ କରିବା ପାଇଁ, ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଭାରତ ଏକ "ମହାକାଶଚାରୀ ପୁଲ୍" ସୃଷ୍ଟି କରୁଛି। ମହାକାଶ ଦିବସରେ, ସେ ଯୁବ ନାଗରିକମାନଙ୍କୁ ଏହି ପୁଲରେ ଯୋଗଦେବା ଏବଂ ଭାରତର ଆକାଂକ୍ଷାକୁ ଉଡ଼ାଣ କରିବାରେ ସାହାଯ୍ୟ କରିବା ପାଇଁ ଆମନ୍ତ୍ରଣ କରିଥିଲେ।ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ ଭାରତ ସେମି-କ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ଇଲେକ୍ଟ୍ରିକ ପ୍ରପଲସନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି। ଶ୍ରୀ ମୋଦୀ କହିଥିଲେ ଯେ ଭାରତୀୟ ବୈଜ୍ଞାନିକମାନଙ୍କ ଅକ୍ଲାନ୍ତ ପ୍ରୟାସ ପାଇଁ ଭାରତ ଖୁବ୍ ଶୀଘ୍ର ଗଗନଯାନ ମିଶନ ଆରମ୍ଭ କରିବ ଏବଂ ଆଗାମୀ ବର୍ଷଗୁଡ଼ିକରେ ଭାରତ ନିଜର ମହାକାଶ ଷ୍ଟେସନ ମଧ୍ୟ ପ୍ରତିଷ୍ଠା କରିବ। ସେ ଆହୁରି କହିଥିଲେ ଯେ ଭାରତ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ପହଞ୍ଚି ସାରିଛି ଏବଂ ଏବେ ଏହାକୁ ମହାକାଶର ଆହୁରି ଗଭୀର ଅଞ୍ଚଳ ଅନୁସନ୍ଧାନ କରିବାକୁ ପଡିବ। ମାନବତାର ଭବିଷ୍ୟତ ପାଇଁ ଏହି ଅଜଣା ଅଞ୍ଚଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ବହନ କରେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, " ଛାୟାପଥ ସେପଟେ ରହିଛି ଆମର ଦିଗନ୍ତ!"୧୫ ଅଗଷ୍ଟ, ୨୦୨୫ରେ ଲାଲକିଲ୍ଲାରୁ ଦେଇଥିବା ତାଙ୍କ ଭାଷଣକୁ ମନେ ପକାଇ, ଯେଉଁଠାରେ ସେ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ, ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ କ୍ଷେତ୍ରକୁ ନିଜସ୍ୱ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରାଯାଇଛି। ତାଙ୍କ ଭାଷଣରେ ଭାରତର ମହାକାଶ ଷ୍ଟାର୍ଟଅପ୍ ପାଇଁ ଏକ ଚ୍ୟାଲେଞ୍ଜ ଉପସ୍ଥାପନ କରି ଶ୍ରୀ ମୋଦୀ ପଚାରିଥିଲେ, "ଆମେ କ'ଣ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ମହାକାଶ କ୍ଷେତ୍ରରେ ପାଞ୍ଚଟି ୟୁନିକର୍ଣ୍ଣ ସୃଷ୍ଟି କରିପାରିବା ?" ସେ କହିଥିଲେ ଯେ ବର୍ତ୍ତମାନ, ଭାରତ ମାଟିରୁ ପ୍ରତିବର୍ଷ ୫-୬ଟି ପ୍ରମୁଖ ଉତକ୍ଷେପଣ କରାଯାଉଛି। ପ୍ରଧାନମନ୍ତ୍ରୀ ଘରୋଇ କ୍ଷେତ୍ର ଆଗକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଯାହା ଦ୍ୱାରା ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ୫୦ଟି ରକେଟ୍ ଉତକ୍ଷେପଣ କରିବାର ସ୍ଥିତିରେ ପହଞ୍ଚିପାରିବ। ସେ ଦୃଢ଼ ଭାବରେ କହିଥିଲେ ଯେ ଏହି ଦୃଷ୍ଟିକୋଣକୁ ପୂରଣ କରିବା ପାଇଁ ଆବଶ୍ୟକ ପରବର୍ତ୍ତୀ ପିଢ଼ିର ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କର ଉଦ୍ଦେଶ୍ୟ ଏବଂ ଇଚ୍ଛାଶକ୍ତି ଉଭୟ ଅଛି। ପ୍ରଧାନମନ୍ତ୍ରୀ ମହାକାଶ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଥିଲେ ଯେ ସରକାର ପ୍ରତ୍ୟେକ ପଦକ୍ଷେପରେ ସେମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, ଇସ୍ରୋ ଅଧିକାରୀ, ବୈଜ୍ଞାନିକ, ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ମିଳିଲା ଟଙ୍କାର ପାହାଡ଼: ବନ୍ଧାହେଲେ ବିଧାୟକ



ମୁମ୍ବାଇ:କର୍ଣ୍ଣାଟକା କ୍ଷମତାସୀନ କଂଗ୍ରେସର ବିଧାୟକ କେସି ବୀରେନ୍ଦ୍ରଙ୍କୁ ଶନିବାର ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି। ବେଆଇନ ଅନଲାଇନ ଓ ଅଫ ଲାଇନ ବେଟିଂରେ ସେ ସାମିଲ ଥିବାରୁ ତାଙ୍କୁ ଗାଙ୍ଗଟକରୁ ଗିରଫ କରାଯାଇଛି। ବିଧାୟକ ଓ ତାଙ୍କ ସହଯୋଗୀମାନେ ସିକ୍କିମର ଗାଙ୍ଗଟକ ଯାଇଥିଲେ। ସେଠାରେ ଗୋଟିଏ ଜମିକୁ କ୍ୟାସିନୋ ପାଇଁ ଲିଜରେ ଦିଆଯାଇଥିଲା। କିନ୍ତୁ ଇଡି ସେମାନଙ୍କ ପିଛା କରି ବିଧାୟକ ବୀରନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କୁ ଗିରଫ କରିଛି। ଗିରଫଦାରୀର ଦିନକ ପୂର୍ବରୁ ଇଡି ପକ୍ଷରୁ ବିଧାୟକ ବୀରେନ୍ଦ୍ର ସହ ଜଡ଼ିତ ୩୧ଟି ଠିକଣାରେ ରେଡ କରାଯାଇଥିଲା। ଏହି ସମୟରେ ବିଧାୟକଙ୍କ ଠିକଣାରୁ ଟଙ୍କାର ପାହାଡ଼ର ସନ୍ଧାନ ମିଳିଥିଲା। ରେଡ ବେଳେ ଇଡି ନଗଦ ୧୨ଟି କୋଟି ଠାବ କରିଥିଲା। ଏହା ମଧ୍ୟରେ ବିଦେଶୀ ମୁଦ୍ରାରେ ୧ କୋଟି ଟଙ୍କା ରହିଥିଲା। ଏହାବାଦ ୬ କୋଟି ଟଙ୍କାର ସୁନା ଅଳଙ୍କାର, ୧୦ କେଜିର ରୁପା ଓ ୪ଟି ଦାମୀ ଗାଡ଼ିକୁ ମଧ୍ୟ ଜବତ କରାଯାଇଥିଲା। ବୀରେନ୍ଦ୍ରଙ୍କ ଭାଇ କେସି ନାଗରାଜ ଓ ପୁଅ ପୃଥ୍ୱୀ ଏନ ରାଜଙ୍କ ଘରୁ ଏକାଧିକ ଜମିଜମାର କାଗଜପତ୍ର ମିଳିଥିଲା। ଜବତ ହୋଇଥିବା ନଗଦ ୧୨ କୋଟି ଟଙ୍କା ମଧ୍ୟରୁ ବେଆଇନ ଅନଲାଇନ ବେଟିଂରୁ ବୀରେନ୍ଦ୍ର ୬ କୋଟି ଟଙ୍କା ଆୟ କରିଥିବା ଇଡି ଜାଣିବାକୁ ପାଇଛି। ବୀରେନ୍ଦ୍ର ଏଠାରେ କାମ କରୁଥିବା ବେଳେ ତାଙ୍କର କିଛି ସହଯୋଗୀ ଦୁବାଇରେ ରହି ଅନଲାଇନ ଗେମିଂର ନେଟୱର୍କ ଚଳାଉଥିଲେ। ଇଡି ବୀରେନ୍ଦ୍ରଙ୍କୁ ଗିରଫ କରିବା ପରେ ଗାଙ୍ଗଟକ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିଲା। ଏହାପରେ ତାଙ୍କୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ଗୋଆରେ ଇଡି ୫ଟି କ୍ୟାସିନୋରେ ରେଡ କରିଥିଲା। ଏହି ବଡ଼ବଡ଼ ସମସ୍ତ ୫ କ୍ୟାସିନୋ କଂଗ୍ରେସ ବିଧାୟକଙ୍କ ସହ ଜଡ଼ିତ। ସର୍ଚ୍ଚ ଅପରେସନରୁ ଜଣାପଡ଼ିଛି ଯେ ଅଭିଯୁକ୍ତ କେସି ବୀରେନ୍ଦ୍ର କିଙ୍ଗ୫୬୭, ରାଜା୫୬୭, ପପି୦୦୩ ଓ ରତନା ଗେମିଂ ଭଳି ଏକାଧିକ ଅନଲାଇନ ବେଟିଂ ସାଇଟ ଚଳାଉଥିଲେ।ଅଭିଯୁକ୍ତଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ରହି Diamond Softech, TRS Technologies, Prime9 Technologies। ଭଳି ୩ଟି ବ୍ୟବସାୟିକ ସଂସ୍ଥା ଚଳାଉଛନ୍ତି। ଏହି ସଂସ୍ଥା ଗୁଡ଼ିକ କେସି ବୀରେନ୍ଦ୍ରଙ୍କ କଲ ସେଣ୍ଟର ଓ ଗେମିଂ ବ୍ୟବସାୟ ସହ ଜଡ଼ିତ ବୋଲି ଇଡି କହିଛି। ଇଡି ପକ୍ଷରୁ ଦୁଇ ଦିନ ଧରି ଭାରତର ୩୧ଟି ସ୍ଥାନରେ ରେଡ କରାଯାଇଥିଲା। ରେଡ ବେଳେ ଜଣାପଡ଼ିଛି ଯେ ଗୋଟିଏ ବଡ଼ ବେଟିଂ ନେଟୱର୍କ ଦୁବାଇରୁ ଚାଲିଛି ଓ ଏହା ଲିଙ୍କ ଏକାଧିକ କ୍ୟାସିନୋ ସହ ରହିଛି।ଅଗଷ୍ଟ ୨୨ ଓ ଆଜି ଇଡି ପକ୍ଷରୁ ବେଙ୍ଗାଲୁରୁ, ହୁବଲି, ମୁମ୍ବାଇ, ଯୋଧପୁର, ଗୋଆ ଓ ଗ୍ୟାଙ୍ଗଟକରେ ରେଡ କରାଯାଇଛି। ଗେମିଂ ଆପ ଜରିଆରେ ବୀରେନ୍ଦ୍ର ଏପରି ନେଟୱର୍କ ଚଳାଉଥିବା ଇଡି କହିଛି।

# ନାଟୋ ଉପରେ ନଜର ରଖିବେ ପୁଟିନ

ନୂଆଦିଲ୍ଲୀ: ନାଟୋ ଉପରେ ନଜର ରଖିବା ପାଇଁ ରୁଷର ବଡ଼ ପ୍ଲାନ୍। ଏକ ବିଶାଳ ଗୁପ୍ତଚର କେନ୍ଦ୍ର ନିର୍ମାଣ କରିଛନ୍ତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ସାଟେଲାଇଟ୍ ଚିତ୍ର ଏବଂ ଓପନ ସୋର୍ସ ରିସର୍ଚ୍ଚ ଦ୍ୱାରା ଏହା ପ୍ରକାଶ ପାଇଛି। ଏହି ଗୁପ୍ତଚର କେନ୍ଦ୍ର କାଲିନିନଗ୍ରାଡ୍ ଅଞ୍ଚଳରେ ନିର୍ମାଣ କରାଯାଉଛି। ଅର୍ଥାତ୍ ଏହା ହେଉଛି ସେହି ଅଞ୍ଚଳ, ଯେଉଁଠି ନାଟୋ ସଦସ୍ୟ ପୋଲାଣ୍ଡ ଏବଂ ଲିଥୁନିଆ ମଧ୍ୟରେ ରୁଷର କ୍ଷେତ୍ର ରହିଛି। ଦୁଇ ବର୍ଷ ଧରି ଚାଲିଥିବା ଏହି ପ୍ରୋଜେକ୍ଟ ଏବେ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଚିତ୍ରଗୁଡ଼ିକ ଦର୍ଶାଉଛି ଯେ ଏଠାରେ ନିର୍ମିତ ଷ୍ଟ୍ରକ୍ଚର ଆଣ୍ଟେନା ଆରେ (CDAA) ପରି। CDAA ସିଷ୍ଟମ ରେଡିଓ ଇଣ୍ଟେଲିଜେନ୍ସର ଏକ ମାଷ୍ଟର। ଏହା ଶତ୍ରୁ ଦେଶଗୁଡ଼ିକର ରେଡିଓ ବାର୍ତ୍ତାଗୁଡ଼ିକୁ ଅଟକାଇପାରେ। ସେମାନଙ୍କର କାର୍ଯ୍ୟକଳାପକୁ ଟ୍ରାକ୍ କରିପାରିବ। ବୁଡ଼ାଜାହାଜକୁ ମଧ୍ୟ ବାର୍ତ୍ତା ପଠାଇପାରେ। ନ୍ୟୁଜୱିକ୍ର ଏକ ରିପୋର୍ଟ ଅନୁଯାୟୀ, କାଲିନିନଗ୍ରାଡକୁ ପୂର୍ବରୁ ୟୁରୋପର ସବୁଠାରୁ ସାମରିକ ଅଞ୍ଚଳ ଭାବରେ ବିବେଚନା କରାଯାଉଛି। ରୁଷ ଏଠାରେ ମିଶାଇଲ, ରାଡାର ଏବଂ ନୌସେନା ଘାଟି ନିୟୋଜିତ କରିଛି। ବର୍ତ୍ତମାନ ଏହି ନୂତନ ଗୁପ୍ତଚର କେନ୍ଦ୍ରରୁ ରୁଷ ସିଧାସଳଖ ନାଟୋ ଦେଶଗୁଡ଼ିକର ଯୁଦ୍ଧ ଯୋଜନାକୁ ଧରିପାରିବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଘାଟି କେବଳ ନାଟୋ ଉପରେ ଗୁପ୍ତଚର କରିବ ନାହିଁ, ବରଂ ବାଲ୍ଟିକ୍ ସାଗର ଏବଂ ଉତ୍ତର ଆଟଲାଣ୍ଟିକରେ ନିୟୋଜିତ ରୁଷୀୟ ବୁଡ଼ାଜାହାଜ ସହିତ ମଧ୍ୟ ଭଲ ଭାବରେ ଯୋଗାଯୋଗ କରିପାରିବ। ବିଶ୍ଳେଷକମାନେ କୁହନ୍ତି ଯେ ଏହି ଗୁପ୍ତଚର ଗଠନର ଆକାର ଯେକୌଣସି CDAA ଅପେକ୍ଷା ବହୁତ ବଡ଼। ଆଣ୍ଟିନାର ବ୍ୟାସ ପ୍ରାୟ 1,600 ମିଟର ପର୍ଯ୍ୟନ୍ତ ବିସ୍ତାରିତ ବୋଲି ଆକଳନ କରାଯାଇଛି। ଚିତ୍ରଗୁଡ଼ିକରେ ଆଣ୍ଟିନାରେ ଖୋଳାଯାଇଥିବା ଗାତ ଏବଂ ଏକ ଘନ ସୁରକ୍ଷା କାନ୍ଥ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଯଦି ଆମେ ସାଟେଲାଇଟ୍ ଚିତ୍ରଗୁଡ଼ିକୁ ତୁଳନା କରିବା, ତେବେ ପାର୍ଥକ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। 2023 ମସିହାରେ ଯେଉଁଠାରେ ଘନ ଜଙ୍ଗଲ ଥିଲା, ଏବେ ଭୂମି ସମତଳ। ଗୋଲ ଗୋଲ ବୃତ୍ତ ଆକୃତିର ଷ୍ଟ୍ରକ୍ଚର ତିଆରି କରାଯାଇଛି। ଚାରିପାଖରେ ସୁରକ୍ଷା କାନ୍ଥ ନିର୍ମାଣ କରାଯାଇଛି। ଅଗଷ୍ଟ ୨୦୨୫ ସୁଦ୍ଧା ୬ ଭିନ୍ନ ଆଣ୍ଟିନା ରିଙ୍ଗ ତିଆରି କରାଯାଇଛି। ଯାହାର ଅର୍ଥ ହେଉଛି କାମ ଦ୍ରୁତ ଗତିରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ରେଳ ଟ୍ରାକରେ ହାତୀ ,ସାମ୍ନାରେ ଚଳନ୍ତା ଟ୍ରେନ୍



କୋଲକାତା:ଉତ୍ତର ପଶ୍ଚିମବଙ୍ଗର ରେଳ ଟ୍ରାକରେ ଏକ ହୃଦୟବିଦାରକ ମୁହୂର୍ତ୍ତ ଏକ ହୃଦୟସ୍ପର୍ଶୀ ମୁହୂର୍ତ୍ତରେ ପରିଣତ ହୋଇଥିଲା। ଗୋଟିଏ ହାତୀ ରେଳ ଟ୍ରାକରେ ଚାଲୁଥିଲା, ଠିକ୍ ସେତିକିବେଳେ ସାମ୍ନାରୁ ଏକ ଟ୍ରେନ୍ ଆସୁଥିଲା। ହାତୀକୁ ସୁରକ୍ଷିତ ଭାବରେ ଜଙ୍ଗଲକୁ ନେଇଯିବା ପାଇଁ ଟ୍ରେନ୍ ଅଟକାଇ ଦିଆଯାଇଥିଲା। ଭାରତୀୟ ବନ ସେବା ଅଧିକାରୀ ପରବୀନ କାସୱାନ ଏହି ମୁହୂର୍ତ୍ତର ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ହାତୀଟି ରେଳ ଟ୍ରାକ୍ରେ ଚାଲିବା ସମୟରେ ହଠାତ୍ ଜୋରରେ ଚାଲୁଛି ଏବଂ ଗର୍ଜନ କରୁଛି। ଏହା ମନେ ହେଉଛି ଯେପରି ସେ ପାଖେଇ ଆସୁଥିବା ଟ୍ରେନ୍କୁ ଦେଖିଛି। ଭିଡିଓ ସହିତ ପୋଷ୍ଟ କରାଯାଇଥିବା ତାଙ୍କ କ୍ୟାପସନରେ କାସୱାନ ଲେଖିଛନ୍ତି, ଏଲପି ଏସ. ଟପ୍ପୋ ଏବଂ ଏଏଲପି ଏସ. ହାଲଦାର ସାଲ୍ୟୁଟ୍ ପାଇବାର ଯୋଗ୍ୟ। ସେମାନେ ସମୟ ମଧ୍ୟରେ ବ୍ରେକ୍ ଲଗାଇ ହାତୀକୁ ବଞ୍ଚାଇଲେ। ବୁଧବାର, ଉତ୍ତର ପଶ୍ଚିମବଙ୍ଗର ରେଳ ଟ୍ରାକ୍ରେ ଏହି ଘଟିଥିବା କୁହାଯାଉଛି। ସୋସିଆଲ ମିଡିଆ ୟୁଜରମାନେ ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍ଙ୍କ ଉପସ୍ଥିତ ବୁଦ୍ଧି ପାଇଁ ପ୍ରଶଂସା କରୁଛନ୍ତି। ଜଣେ ୟୁଜର କହିଛନ୍ତି,ହାତୀକୁ ରକ୍ଷା କରିଥିବାରୁ ଧନ୍ୟବାଦ। ଅନ୍ୟ ଜଣେ କହିଛନ୍ତି, ଏପରି ଉପସ୍ଥିତ ବୁଦ୍ଧି ପ୍ରଶଂସାର ଯୋଗ୍ୟ।

# ଋଣ ଜାଲିଆତି: ଅମ୍ବାନିଙ୍କ ଘରେ ସିବିଆଇ



ମୁମ୍ବାଇ: ଶିଳ୍ପପତି ଅନୀଲ ଅମ୍ବାନିଙ୍କ ଘରେ ପଶିଲା ସିବିଆଇ। ଆଜି ସକାଳୁ ସିବିଆଇର ଗୋଟିଏ ଟିମ ମୁମ୍ବାଇ ସ୍ଥିତ ଅନୀଲ ଅମ୍ବାନିଙ୍କ ଘରେ ପଶି ରେଡ କରିଛି। ୩୦୭୩ କୋଟିର ବ୍ୟାଙ୍କ ଋଣ ଜାଲିଆତି ଘଟଣାରେ ସିବିଆଇ ପକ୍ଷରୁ ଏପରି ରେଡ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ୭ଟାରେ ସିବିଆଇ ଟିମ ଅନୀଲ ଅମ୍ବାନିଙ୍କ କୁଫ ପାରେଡେର ସିଁୱିଣ୍ଡ ଘରେ ପହଞ୍ଚିଥିଲା। ୭ରୁ ୮ ଜଣ ଅଧିକାରୀ ଘର ଭିତରେ ପଶି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ରେଡ ଚାଲିଥିବା ବେଳେ ଅମ୍ବାନି ଓ ତାଙ୍କ ପରିବାରର ସଦସ୍ୟମାନେ ଘରେ ଉପସ୍ଥିତ ରହିଛନ୍ତି। ସେମାନଙ୍କୁ ମଧ୍ୟ ସିବିଆଇର ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍ବିଆଇ ପକ୍ଷରୁ ଅମ୍ବାନି ଆଣ୍ଡ କୋ ବିରୋଧରେ ଋଣ ଜାଲିଆତି ଅଭିଯୋଗ କରାଯାଇଛି। ଏହାପରେ ସିବିଆଇ ପକ୍ଷରୁ ଅନୀଲ ଅମ୍ବାନି, ତାଙ୍କ ଅଧୀନରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟମାନଙ୍କ ବିରୋଧରେ ଦିଲ୍ଲୀରେ ଏଫଆଇଆର ରୁଜୁ କରାଯାଇଥିଲା। ଏହାପରେ ସିବିଆଇ ପକ୍ଷରୁ ଏପରି ରେଡ ହୋଇଛି।ଏହାପୂର୍ବରୁ ଅମ୍ବାନିଙ୍କ କମ୍ପାନୀ ସହ ଜଡ଼ିତ ଥିବା କିଛି ଲୋକଙ୍କ ଘରେ ମଧ୍ୟ ସିବିଆଇ ରେଡ କରିଥିଲା। ସିବିଆଇ ତା'ର ଅଭିଯୋଗରେ ଦର୍ଶାଇଛି ଯେ ଅନୀଲ ଅମ୍ବାନିଙ୍କ ରିଲାଏନ୍ସ କମ୍ୟୁନିକେସନ ଲିଃ(ଆରସିଓଏମ) ପକ୍ଷରୁ ମୋଟ ୩୭୦୭ କୋଟି ଟଙ୍କାର ଋଣ ଜାଲିଆତି କରାଯାଇଛି। ଏଥିସହ ବ୍ୟାଙ୍କ ପକ୍ଷରୁ ଅନୀଲ ଅମ୍ବାନିଙ୍କ ସମେତ ତାଙ୍କ କମ୍ପାନୀ ଅଧୀନରେ ଥିବା ଆକାଉଣ୍ଟ ଓ ପ୍ରମୋଟର୍ସମାନଙ୍କୁ ଠକ ଭାବେ ଚିହ୍ନଟ କରିଥିଲା। ୨୦୨୦ ନଭେମ୍ବର ୧୦ରେ ଏସବିଆଇ ଏପରି ପଦକ୍ଷେପ ନେଇଥିଲା। ଏହାପରେ ୨୦୨୧ ମସିହା ଜାନୁଆରୀ ୫ରେ ସିବିଆଇ ନିକଟରେ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରାଯାଇଥିଲା। ତେବେ ଦିଲ୍ଲୀ ହାଇକୋର୍ଟ ୨୦୨୧ ଜାନୁଆରୀ ୬ରେ ପୂରା ମାମଲାରେ ସ୍ଥିତାବସ୍ଥା ବଜାୟୀ ରଖିବାକୁ ନିର୍ଦ୍ଦେଶ ଦେବାକୁ ଅଭିଯୋଗପତ୍ର ଫେରି ଆସିଥିଲା। ସେହିପରି ୨୦୨୩ ମସିହା ମାର୍ଚ୍ଚ ୨୭ରେ ସୁପ୍ରିମକୋର୍ଟ କାହାକୁ ଠକ ଭାବେ ବିବେଚନା କରିବା ପୂର୍ବରୁ ତାଙ୍କ ପକ୍ଷ ଶୁଣିବା ଜରୁରୀ ବୋଲି କହିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଏସବିଆଇ ୨୦୨୩ ମସିହା ସେପ୍ଟେମ୍ବର ୨ରେ ନିଜର ଠକ ମାନ୍ୟତାକୁ ପ୍ରତ୍ୟାହାର କରିଥିଲା। ୨୦୨୪ ଜୁଲାଇ ୧୫ରେ ଆରବିଆଇ ଜାରି କରିଥିବା ଗାଇଡଲାଇନ ଅନୁସାରେ ଏସବିଆଇ କାମ କରି ପୁଣି ଥରେ ଆକାଉଣ୍ଟକୁ ଠକ ବିବେଚନା କରିଥିଲା। ୨୦୨୫ ମସିହା ଜୁନ ୨୪ରେ ସିବିଆଇ କହିଥିଲା ଯେ ଆରବିଆଇର ଗାଇଡଲାଇନ ଅନୁସାରେ ପଦକ୍ଷେପ ନିଆଯାଇଛି ଓ ସିବିଆଇ ନିକଟରେ ବିଧିବଦ୍ଧ ଅଭିଯୋଗ ଦାଖଲ କରାଯାଇଛି। ଏହି ଅଭିଯୋଗ ମିଳିବା ପରେ ସିବିଆଇ ଏଫଆଇଆର ରୁଜୁ କରିଥିଲା। ଏହି ମାମଲା ବ୍ୟତୀତ ଅନୀଲ ଅମ୍ବାନି ଏକାଧିକ ବ୍ୟାଙ୍କ ଋଣ ଜାଲିଆତି ଯୋଗୁ ଉଭୟ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ସ୍କାନରରେ ରହିଛନ୍ତି। କୁହାଯାଉଛି ଯେ ଅନୀଲ ଅମ୍ବାନିଙ୍କ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୋଟ ୧୭ ହଜାର କୋଟି ଟଙ୍କାର ଜାଲିଆତିରେ ସାମିଲ ଅଛନ୍ତି

# ଟିକଟକ୍ ଉପରୁ କଟକଣା ହଟିବା କଥା ମିଛ

ନୂଆଦିଲ୍ଲୀ: ସର୍ଟଭିଡିଓ ଆପ ଟିକଟକ ପୁଣି ଭାରତୀୟ ବଜାରକୁ ଫେରିବା ନେଇ ଗତ ଦୁଇଦିନ ହେଲା ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ବିରାମ ଲାଗିଛି । ଟିକଟକ ଉପରୁ କଟକଣା ହଟାଇବାକୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ ଓ ଏ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ଭିତ୍ତିହୀନ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ସେହିପରି ଭାରତ ପ୍ରତ୍ୟାବର୍ତ୍ତନ ସଂପର୍କରେ ଟିକଟକର ମୂଳ କମ୍ପାନୀ ବାଇଟଡାନ୍ସ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରିନାହିଁ। ଟିକଟକକୁ ୫ ବର୍ଷ ପୂର୍ବେ ଭାରତରେ ନିଷିଦ୍ଧ କରାଯାଇଥିଲା । ଗଲୱାନ ସଂଘର୍ଷ ପରେ ଭାରତ ସରକାର ଚୀନର ମୋବାଇଲ ଆପଗୁଡ଼ିକୁ ନିଷିଦ୍ଧ କରିଥିଲେ । ସେତେବେଳେ ପ୍ରାୟ ୫୯ଟି ଚୀନା ଆପ ନିଷିଦ୍ଧ ହୋଇଥିଲା । ସେବେଠାରୁ ଭାରତରେ ଟିକଟକ ସକ୍ରିୟ ନଥିଲା । କିନ୍ତୁ ଏବେ ପୁଣି ଭାରତ ଓ ଚୀନ ମଧ୍ୟରେ ସଂପର୍କରେ ସୁଧାର ଆସିଥିବାରୁ ଭାରତ ସରକାର ଚୀନ ଆପଗୁଡ଼ିକୁ ଅନୁମତି ଦେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା । କିନ୍ତୁ ସରକାରଙ୍କ ବୟାନ ପରେ ଏହି ଚର୍ଚ୍ଚାରେ ଅବସାନ ଘଟିଛି। ସୂଚନାଯୋଗ୍ୟ ଯେ, ଭାରତରେ ଏବେ ଟିକଟକର ଓ୍ୱେବସାଇଟର ହୋମପେଜ୍ ଖୋଲୁଥିବାବେଳେ ଆପ କିନ୍ତୁ ଖୋଲୁନାହିଁ । ଏପରିକି ଗୁଗୁଲ ପ୍ଲେଷ୍ଟୋର ଓ ଆପଲ ଆପଷ୍ଟୋରରେ ବି ଏହି ଆପ ଉପଲବ୍ଧ ନାହିଁ।

## ଶୁଭମନ ଖେଳି ନପାରନ୍ତି ଦୁଲୀପ ଟ୍ରଫି



ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ସେପ୍ଟେମ୍ବର ୨୮ରୁ ବେଙ୍ଗାଲୁରୁରେ ଦୁଲୀପ ଟ୍ରଫି ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ଅଧିନାୟକ ଶୁଭମନ ଗିଲଙ୍କ ଖେଳିବା ସମ୍ଭାବନା କମ୍। ଗିଲଙ୍କୁ ଉତ୍ତରାଞ୍ଚଳର ଅଧିନାୟକ ନିଯୁକ୍ତ କରାଯାଇଛି। ନିକଟରେ ଗିଲଙ୍କ ରକ୍ତ ପରୀକ୍ଷା ହୋଇଥିଲା। ସେ ସୁସ୍ଥ ନଥିବା ଜଣାପଡିଛି। ଫିଜିଓ ଓ ମେଡ଼ିକାଲ ତାଙ୍କ ରିପୋର୍ଟ ବିସିସିଆଇକୁ ପ୍ରଦାନ କରିଛନ୍ତି। ଗିଲ ଚଣ୍ଡିଗଡ଼ରେ ତାଙ୍କ ଘରେ ବିଶ୍ରାମ କରୁଛନ୍ତି। ଗିଲଙ୍କୁ ଏସିଆ କପ୍ ପାଇଁ ଭାରତୀୟ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଛି। ସେପ୍ଟମ୍ବର ୪ କିମ୍ବା ୫ରେ ଭାରତୀୟ ଦଳ ଦୁବାଇ ଗସ୍ତ କରିବ। ତେଣୁ ଗିଲଙ୍କୁ ବିଶ୍ରାମ ନେବା ପାଇଁ ବୋର୍ଡ ଚିନ୍ତା କରିଛି। ଦୁଲୀପ ଟ୍ରଫି ଅଗଷ୍ଟ ୨୮ରେ ସେପ୍ଟେମ୍ବର ୧୫ ମଧ୍ୟରେ ଆୟୋଜିତ ହେବ। ସେହିପରି ଅର୍ଶଦୀପ ସିଂ ଓ ହର୍ସିତ ରାଣା ଗୋଟିଏ ଲେଖାଏଁ ମ୍ୟାଚ ଖେଳିବେ। ଉପଅଧିନାୟକ ଅଙ୍କିତ କୁମାର ଦଳର ନେତୃତ୍ୱ ନେଇପାରନ୍ତି। ଗିଲଙ୍କ ସ୍ଥାନରେ ଚୂଡାନ୍ତ ଦଳରେ ଶୁଭମ ରୋଇଲାଙ୍କୁ ସାମିଲ କରାଯିବ। ଏଥର ଦୁଲୀପ ଟ୍ରଫିକୁ ପୂର୍ବ ଭଳି ଜୋନ ଆଧାରିତ ଫର୍ମାଟରେ ଆୟୋଜିତ ହେବ। ଦୁଲୀଫ ଟ୍ରଫି ସହ ଘରୋଇ କ୍ରିକେଟ୍ ଘରେଇ ଆରମ୍ଭ ହେବ।

# ୨୦୨୭ ଦିନିକିଆ ବିଶ୍ୱକପ୍: ଘୋଷଣା ହେଲା ଭେନ୍ୟୁ

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ୨୦୨୭ ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଶନିବାର କ୍ରିକେଟ୍ ଦ.ଆଫ୍ରିକା ଭେନ୍ୟୁ ଘୋଷଣା କରିଛି। ଏହି ବିଶ୍ୱକପ୍ ଦ.ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆ ଆୟୋଜନ କରିବେ। ୩ଟି ଦେଶରେ ମୋଟ୍ ୫୪ ମ୍ୟାଚ ଖେଳାଯିବ। ଦ.ଆଫ୍ରିକା ଓ ଜିମ୍ବାୱେ ଦୁଇଥର ଏବଂ ନାମ୍ବିଆ ପ୍ରଥମଥର ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଦ.ଆଫ୍ରିକାରେ ୪୪ ମ୍ୟାଚ, ଅବଶିଷ୍ଟ ୧୦ଟି ମ୍ୟାଚ ଜିମ୍ବାୱେ ଓ ନାମ୍ବିଆରେ ଖେଳାଯିବ। ଦ.ଆଫ୍ରିକାରେ ୮ଟି ମ୍ୟାଚ ବିଶ୍ୱକପ୍ ଖେଳାଯିବାକୁ ଚୟନ କରାଯାଇଛି। ଜୋହାନ୍ସବର୍ଗର ୱାଣ୍ଡର୍ସ, କ୍ୟାପଟାଉନର ନ୍ୟୁଲାଣ୍ଡର୍ସ, ଡର୍ବାନର କିଙ୍ଗ୍ସମିଡ, ପ୍ରିଟୋରିଆର ସେଞ୍ଚୁରିଆନ୍ ପାର୍କ, ବ୍ଲୋମଫ୍ଲେଣ୍ଟନର ମ୍ୟାଙ୍ଗଓଭାଲ, ସେଣ୍ଟଜର୍ଜପାର୍କ, ଇଷ୍ଟଲଣ୍ଡନର ବୋଫାଲୋପାର୍କ ଓ ପର୍ଲର ବୋଲାଣ୍ଡପାର୍କ ଷ୍ଟାଡିୟମରେ ବିଶ୍ୱକପ୍ ଖେଳାଯିବ। ୨୦୨୭ ବିଶ୍ୱକପରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ୨୦୦୩ ବିଶ୍ୱକପ୍ ପରେ ଏହାର ଫର୍ମାଟ ରହିବ। ଦୁଇଟି ଲେଖାଏଁ ଗ୍ରୁପରେ ୭ଟି ଲେଖାଏଁ ଦଳ ରହିବେ। ୨୦୦୩ରେ ଦ.ଆଫ୍ରିକା, ଜିମ୍ବାୱେ ଓ କେନିଆ ବିଶ୍ୱକପ୍ ଆୟୋଜନ କରିଥିଲେ। ଅଷ୍ଟ୍ରେଲିଆ ଚାମ୍ପିଅନ୍ ତଥା ଭାରତ ରନର୍ସ ଅପ୍ ହୋଇଥିଲା।




## ଅବସର ନେବେନି କୋହଲି, ରୋହିତ



ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ କ୍ରିକେଟରୁ ଅବସର ନେବା ନେଇ ଅନେକ ଚର୍ଚ୍ଚା ହେଉଛି। କାରଣ ଆଇପିଏଲ ସମୟରେ ଭାରତୀୟ ଦଳର ଦୁଇ କିମ୍ବଦନ୍ତୀ ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲା। ଉଭୟ ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏବେ ଦୁଇ ଖେଳାଳି ଦିନିକିଆନେ ମଧ୍ୟ ଅବସର ନେବା ଖବର ଆସୁଛି। କିନ୍ତୁ ବିସିସିଆଇ ଏହି ବିଷୟରେ ନିରବତା ଭାଙ୍ଗିଛି। ବୋର୍ଡ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି କୋହଲି ଓ ରୋହିତ ଶର୍ମା ଏପର୍ଯ୍ୟନ୍ତ ଅବସର ନେବାକୁ ଚିନ୍ତା କରିନାହାନ୍ତି। ସେମାନେ ଏବେ ବି ଟିମ୍ ଇଣ୍ଡିଆ ପାଇଁ ଖେଳିବେ। ଦିନିକିଆ କ୍ରିକେଟରେ ଉଭୟଙ୍କର ଦମଦାର ରେକର୍ଡ ରହିଛି।

ଲୋକମାନେ ଉଭୟ ଖେଳାଳିଙ୍କ ବିଷୟରେ ଏତେ ଚିନ୍ତିତ କାହିଁକି, ଯେତେ ବେଳେ ସେମାନେ ଦିନିକିଆ ଖେଳ ଜାରି ରଖିଛନ୍ତି। ଯଦି ସେମାନେ ବ୍ୟକ୍ତିଗତ ଭାବେ ଅବସର ନିଷ୍ପତ୍ତି ତାହା ଭିନ୍ନ କଥା। କିନ୍ତୁ ଉଭୟଙ୍କୁ ଅବସର ପାଇଁ ବାଧ କରାନଯାଉ ବୋଲି ରାଜୀବ ଶୁକ୍ଲା କହୁଛନ୍ତି। ବିସିସିଆଇ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ। ଉଭୟ ନିଷ୍ପତ୍ତି ସ୍ୱୟଂ ଖେଳାଳିଙ୍କୁ ନେବାକୁ ପଡେ। ଆଗକୁ ସମୟ ଆସିବ ଏମାନେ ଅବସର ନେବେ। ତେଣୁ ଏତେ ପୂର୍ବରୁ ଉଭୟଙ୍କୁ ବାଧ କରାନଯାଉ ବୋଲି ଶୁକ୍ଲା କହିଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମା ଅକ୍ଟୋବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବାକୁଥିବା ଦିନିକିଆ ଶୃଙ୍ଖଳା ଖେଳିବେ। କିଛି ପ୍ରଶଂସକ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି ଯେ, ଅଷ୍ଟ୍ରେଲିଆ ଗସ୍ତ ଏହି ଦୁଇ ଖେଳାଳିଙ୍କୁ ଶେଷ ଗସ୍ତ ହୋଇପାରେ। ତଥାପି ବିରାଟ କୋହଲି ଓ ରୋହିତ ଶର୍ମା ପ୍ରଶିକ୍ଷଣ ଆରମ୍ଭ କରି ଏହି ଗୁଜବର ଅନ୍ତ ଘଟାଇଛନ୍ତି।

## ଧାମନଗରରେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ

ଧାମନଗର,୨୩।୮(ସବ୍ୟୁ): ଭଦ୍ରକ ଜିଲ୍ଲା ସଟଲ ସଂଘ ଓ ଧାମନଗର ସ୍ଥିତ ମା'ଦୁର୍ଗା ଆସୋସିଏସନ ମିଳିତ ସହଯୋଗରେ ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନ ସ୍ୱୀକୃତିପ୍ରାପ୍ତ ଭଦ୍ରକ ଜିଲ୍ଲା ଚମ୍ପିଅନସିପ ଟୁର୍ଣ୍ଣାମେଣ୍ଟ ପ୍ରଥମ ଥର ପାଇଁ ଧାମନଗର ଠାରେ ଅନୁଷ୍ଠିତ ହେବ । ଧାମନଗର ସ୍ଥିତ ବହୁମୁଖୀ ଇନଡୋର ଷ୍ଟାଡିୟମରେ ଚଳିତ ମାସ ୩୦ ଓ ୩୧ତାରିଖ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବର୍ଗରେ ଯଥା ୧୧ବର୍ଷରୁ କମ ବର୍ଗ (ମିନି),୧୩ ଓ ୧୫ବର୍ଷ ବର୍ଗର (ସବଜୁନିଅର),୧୯ବର୍ଷର କମ ବର୍ଗର(ଜୁନିୟର)ବାଳକ ଓ ବାଳିକା ଓ ସିନିୟର ବର୍ଗରେ ପୁରୁଷ ଓ ମହିଳାମାନେ ଅଂଶ ଗ୍ରହଣ କରିପାରିବେ । ୨୫ତାରିଖ ପଞ୍ଜୀକରଣ କରିବାର ଶେଷ ତାରିଖ ଭାବେ ନିର୍ଦ୍ଧାରଣ କରାଯାଇଛି । ପ୍ରତିଯୋଗୀମାନେ ଉଭୟ ଅନଲାଇନ ଓ ଅଫ ଲାଇନ ମାଧ୍ୟମରେ ପଞ୍ଜୀକୃତ କରିପାରିବେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ଭଦ୍ରକ ଜିଲ୍ଲା ସଟଲ ଆସୋସିଏସନର ସଭାପତି ମହେଶ ଦାସଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସମ୍ପାଦକ ସମୀର ଦାସ ଏହି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସହଯୋଗୀ ଅନୁଷ୍ଠାନ ଧାମନଗର ମା'ଦୁର୍ଗା ଆସୋସିଏସନର ସମ୍ପାଦକ ଅଜିତ ମହାପାତ୍ର,କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନା ଉପସ୍ଥିତ ଥିଲେ । ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରିବା ସହିତ ଜିଲ୍ଲା ପ୍ରଶାସନ ଓ ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ ପ୍ରଥମ ଥର ପାଇଁ ଧାମନଗରରେ ଏପରି ଆୟୋଜନ କରିବା ପାଇଁ ସ୍ୱୀକୃତି ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ ।

## ଖେଲୋ ଇଣ୍ଡିଆ ପେଞ୍ଚାକ ସିଲାଟ ଲିଗ୍ ଉଦଘାଟିତ

ଭୁବନେଶ୍ୱର,୨୩।୮(ସବ୍ୟୁ): ପେଞ୍ଚାକ ସିଲାଟ ଆସୋସିଏସନ୍ ଓଡ଼ିଶା ତରଫରୁ ଦୁଇ ଦିନିଆ ଖେଲୋ ଇଣ୍ଡିଆ ଅସ୍ମିତା ପେଞ୍ଚାକ ସିଲାଟ ଲିଗ୍ ଝାରସୁଗୁଡା ଓଏସ୍ଏପି ଦ୍ୱିତୀୟ ବାଟାଲିୟନ୍ ପରିସରରେ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ ପ୍ରତିଯୋଗିତାକୁ ଝାରସୁଗୁଡା ଜିଲ୍ଲାପାଳ ମୋତିରମ ଚୌହାନ ଉଦଘାଟନ କରିଥିଲେ। ଆଇଏଏସ୍ ତଥା ଝାରସୁଗୁଡା ଓଏସ୍ଏପି ଦ୍ୱିତୀୟ ବାଟାଲିୟନର କମାଡେନ୍ ପ୍ରସାଦ ତମଙ୍ଗ, ଗଣେଶ ନାୟକ, ଓଡ଼ିଶା ପେଞ୍ଚାକ ସିଲାଟ ସଭାପତି ପ୍ରତାପ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ ଓ କୋଷାଧ୍ୟକ୍ଷ ଭବାନୀ କୁମାର ସାହୁ ଉପସ୍ଥିତ ଥିଲେ। ଏହି ପେଞ୍ଚାକ ସିଲାଟ୍ ପ୍ରତିଯୋଗିତା ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।



## ଉତ୍କଳ ସ୍ପୋର୍ଟ୍ସ ମିଟ୍ କରାଟେ ପ୍ରତିଯୋଗିତା ଉଦଘାଟିତ

ଭୁବନେଶ୍ୱର,୨୩।୮(ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୫ତମ ଜନ୍ମବାର୍ଷିକ ଅବସରରେ ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆନୁକୂଲ୍ୟରେ କରାଟେ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ କରାଟେର ଦୁଇଥର ବିଶ୍ୱ ଚାମ୍ପିଅନ୍ ସେନସେଇ ଅମୀର ମେହଦିଜାଦେ ଓ ସେନସେଇ ସନ୍ଦୀପ ଗାଡେ (ମହାରାଷ୍ଟ୍ର କରାଟେ ସଂଘ ସମ୍ପାଦକ) ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ସ୍ଥାନୀୟ ଭୁବନେଶ୍ୱର ଓ କଟକର ଉତ୍କଳ କରାଟେ ସ୍କୁଲ ଶାଖାରେ ଛୋଟ ପିଲାଙ୍କ ମଧ୍ୟରେ ହୋଇଥିଲା। ଏହି ପ୍ରତିଯୋଗିତାରେ ୪୫୦ ଜଣ ପ୍ରତିଯୋଗିତା ରବିବାର ଉଦଯାପିତ ହେବ।




## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା : ଅନୁଗୁଳକୁ ସ୍ୱର୍ଣ୍ଣ

ଅନୁଗୁଳ,୨୩।୮(ସବ୍ୟୁ): ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାର ଷଷ୍ଠ ସଂସ୍କରଣ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରୁ ଅନୁଗୁଳ ଜିଲ୍ଲାରୁ ୧୫ ଜଣ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ। ଫାଇନାଲ ରାଉଣ୍ଡରେ ନିକିତ କୁମାର ଯାଦବ, ସୁମିତ୍ରା ପ୍ରଧାନ, ସୁପ୍ରିୟା ପ୍ରଧାନ ଓ ସିନିୟର ମହିଳା ବିଭାଗରେ ଜୁଲି ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟିମ୍ ମ୍ୟାନେଜର ଭାବେ ସୁବ୍ରତ କୁମାର ବାରିକ ଓ କୋଚ ଅସିତ କୁମାର ସାହୁ ଯୋଗଦେଇଥିଲେ। ଜାତୀୟ ସ୍ୱର୍ଣ୍ଣପଦକ ଧାରି ହୃଷିକେଶ ନାୟକ ମୁଖ୍ୟ କୋଚ୍ ଓ ରାଜ୍ୟର ଯୋଗ ବିଚାରକ ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅୟଷକାନ୍ତ ଦାସ, ସସ୍ମିତା ବେହେରା, ଗୌରୀ ଚରଣ ସାହୁ, କମିଟି ତରଫରୁ ଉଚ୍ଚପ୍ରଶଂସା କରାଯାଇଥିଲା।

## ରାଜ୍ୟସ୍ତରୀୟ ପାରା ଖେଳକୁଦ: ରଞ୍ଜନ, ରଜଙ୍କୁ ସ୍ୱର୍ଣ୍ଣ

ବାରିପଦା, (ସବ୍ୟୁ) : ପାରା ସ୍ପୋର୍ଟସ ଏସୋସିଏସନ, ଓଡିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଦୁଇ ତାରକା ରଞ୍ଜନ ହାଁସଦାଃ ଓ ରଜ ମାର୍ଣ୍ଡି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରଞ୍ଜନ ୧୦୦ମିଟର, ୨୦୦ମିଟର ଦୌଡ଼ ସହ ଲମ୍ବଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ରଜ ମାର୍ଣ୍ଡି ସଟପୁଟ ଓ ଡ଼ିସକାସ ଥ୍ରୋରେ ପ୍ରଥମ ସ୍ଥାନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଉଭୟ ଖେଳାଳି ଜାତୀୟ ସ୍ତରୀୟ ପାରା ଆଥଲେଟିକ ମିଟ୍‌ରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି। ତତ୍‌ସହିତ ବିଭିନ୍ନ ମହଲରୁ ଉଭୟଙ୍କ ପାଇଁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରକାଶ ଥାଉକି ବାରିପଦାର ରଞ୍ଜନ ଓ ଉଦଳାର ରଜ ଉଭୟେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଜର ପ୍ରତିଭା ବଳରେ ଜାତୀୟ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି।



ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ମହେନ୍ଦ୍ରନାଥ ମହାପାତ୍ର
ଆବିର୍ଭାବ: ୦୫.୦୨.୧୯୪୧
ତିରୋଧାନ: ୧୯.୦୮.୨୦୨୦
ତୁମ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ମହାପାତ୍ର ପରିବାର

## ଜାତୀୟ ଜୁନିୟର ପୁରୁଷ ହକି: ହରିୟାଣା ଚାମ୍ପିଅନ୍, ଓଡ଼ିଶା ରନର୍ସ ଅପ୍




ଜଳନ୍ଧର,୨୩।୮(ଏଜେନ୍ସି): ୧୫ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ଚାମ୍ପିଅନସିପରେ ହକି ହରିୟାଣା ଟାଇଟଲ ଜିତିଛି। ଅନୁଷ୍ଠିତ ଫାଇନାଲରେ ହରିୟାଣା ଦଳ ୩-୨ ଗୋଲରେ ଓଡ଼ିଶାକୁ ପରାଜିତ କରି ଚାମ୍ପିଅନ୍ ହୋଇଛି। ସେହିଭଳି ତୃତୀୟ ସ୍ଥାନ ମ୍ୟାଚରେ ହକି ପଞ୍ଜାବ ୪-୩ ସୁଟଆଉଟ୍ ଗୋଲରେ ଉତ୍ତରପ୍ରଦେଶ ହକିକୁ ପରାଜିତ କରିଥିଲା। ଫାଇନାଲରେ ଓଡ଼ିଶା ଦଳ ସଂଘର୍ଷ କରିଥିଲା। ହରିୟାଣା ବିପକ୍ଷରେ ଓଡ଼ିଶାର ଦୀପକ ପ୍ରଧାନ ୧୭ତମ ମିନିଟ୍ ଓ ପ୍ରତାପ ଟୋପ୍ପୋ ୧୯ତମ ମିନିଟରେ ଗୋଲ୍ କରିଥିଲେ। ହରିୟାଣାର ଚିରାଗ ୫୦ତମ ମିନିଟ୍ ଓ ନୀତିନ ୫୧, ୬୦ତମ ମିନିଟରେ ଡବଲ ଗୋଲ୍ କରିବାକୁ ଓଡ଼ିଶାର ଚାମ୍ପିଅନ୍ ହେବା ଆଶା ମଉଳି ଯାଇଥିଲା। ମ୍ୟାଚର ଶେଷ ମିନିଟ୍‌ରେ ହିଁ ଫଳା ଫଳ ନିର୍ଣ୍ଣାୟ ହୋଇଥିଲା। ପ୍ରଥମାର୍ଦ୍ଧରେ ଚମକ ଦେଖାଇଥିବା ଓଡ଼ିଶା ଖେଳାଳି ଦ୍ୱିତୀୟାର୍ଦ୍ଧର ଦୁଇଟି କ୍ୱାର୍ଟରରେ ହରିୟାଣାର ଆକ୍ରମଣକୁ ପ୍ରତିରୋଧ କରିପାରିନଥିଲେ।

ତୃତୀୟ ଓ ଚତୁର୍ଥ ସ୍ଥାନ ମ୍ୟାଚରେ ଉତ୍ତରପ୍ରଦେଶ ଓ ହକି ପଞ୍ଜାବ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ୩-୩ ଗୋଲରେ ଡ୍ର' ରହିଥିଲା। ତେଣୁ ଫଳା ଫଳ ନିର୍ଣ୍ଣାୟ ପାଇଁ ସୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପଞ୍ଜାବ ୪-୩ ଗୋଲରେ ୟୁପିକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି।

## ମସାଜର ରାଜୀବ କୁମାର ବିଦା

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ସେପ୍ଟେମ୍ବର ୯ରୁ ୟୁଏଇରେ ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଟିମ୍ ଇଣ୍ଡିଆରେ କାଣ୍ଟଛାଣ୍ଟ ଆରମ୍ଭ ହୋଇଛି। ଏହାର ପ୍ରଭାବ ଦେଖିବାକୁ ମିଳିଛି। ଭାରତୀୟ ଦଳର ସପୋର୍ଟିଂ ଷ୍ଟାପ ବା ସହାୟକ କର୍ମଚାରୀଙ୍କ ମଧ୍ୟରୁ କିଛି ଲୋକଙ୍କୁ ବାହାର କରିବାକୁ ଚାହୁଁଛି ବିସିସିଆଇ। ଦଳର ମସାଜର ରାଜୀବ କୁମାରଙ୍କୁ ବିସିସିଆଇ ବାହାର କରିଛି। ରାଜୀବ ଗତ ୧୫ ବର୍ଷ ଧରି ଦଳ ସହିତ ଥିଲେ। ସେ ସମ୍ପ୍ରତି ଇଂଲଣ୍ଡ ଗସ୍ତରେ ମଧ୍ୟ ଦଳ ସହିତ ଯାଇଥିଲେ। ବିସିସିଆଇ ତାଙ୍କ ସହ ଚୁକ୍ତି ବୃଦ୍ଧି କରିନାହିଁ। ଫଳରେ ଟିମ୍ ଇଣ୍ଡିଆ ସହ କାର୍ଯ୍ୟକାଳ ଶେଷ ହୋଇଛି। ରାଜୀବଙ୍କ ସ୍ଥାନରେ ଅନ୍ୟ ଜଣେ ମସାଜରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ପରିଚାଳକଙ୍କୁ ମଧ୍ୟ ବଦଳା ଯାଇଛି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି